ଧରିତ୍ରୀ
DHARITRI
51 Years

ଭୁବନେଶ୍ୱର, ଗୁରୁବାର, ମେ ୨୯/୨୦୨୫ (୧୨ ପୃଷ୍ଠା) | Bhubaneswar, Thursday, May 29/2025 | Page 12 | ₹ 7.00 | RAYAGADA

୫୧ଶ ଭାଗ ୧୮୩ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 183 | ମୂଲ୍ୟ ₹୭/-



ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ବୁଧବାର କୋଣାର୍କ ସୂର୍ଯ୍ୟମନ୍ଦିର ପରିସର ଜଳାର୍ଣ୍ଣବ ହୋଇଛି। ପର୍ଯ୍ୟଟକମାନେ ପାଣିରେ ପଶି ମନ୍ଦିର ବୁଲି ଦେଖୁଛନ୍ତି।

# ପୁଞ୍ଜିଲାଲଙ୍କୁ ଆଜୀବନ କାରାଦଣ୍ଡ

## ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା

**ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ୭ବର୍ଷ ପରେ ରାୟ ବୁଧବାର ପ୍ରକାଶ ପାଇଛି। ପାଟଣାଗଡ଼ ଏଡିଜେ କୋର୍ଟରେ ଅଭିଯୁକ୍ତ ପୁଞ୍ଜିଲାଲ ମେହେର ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ପୁଞ୍ଜିଲାଲଙ୍କ ଅପରାଧକୁ ଅତ୍ୟନ୍ତ ଘୃଣ୍ୟ ବୋଲି ବିବେଚିତ କରି ଅଦାଲତ ତାଙ୍କୁ ଆଜୀବନ କାରାଦଣ୍ଡାଦେଶ ସହ ୫୦ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ମୃତ ସୌମ୍ୟଶେଖର ସାହୁଙ୍କ ପରିବାର ପୁଞ୍ଜିଲାଲ୍‌ଙ୍କୁ ଫାଶୀଦଣ୍ଡ ମିଳିବା ନେଇ ଆଶା କରିଥିଲେ। ହେଲେ କୋର୍ଟଙ୍କ ଏହି ରାୟକୁ ସୌମ୍ୟଙ୍କ ମା'ବାପା ସ୍ୱାଗତ କରୁଛନ୍ତି ବୋଲି ପ୍ରକାଶ କରିଛନ୍ତି। ପୁଞ୍ଜିଲାଲଙ୍କୁ ଆଜୀବନ କାରାଦଣ୍ଡାଦେଶ ମୃତ ପୁଅର ଆତ୍ମାକୁ ଶାନ୍ତି ଦେବ ବୋଲି ସୌମ୍ୟଙ୍କ ମା' ସଞ୍ଜୁକ୍ତା ସାହୁ କହିଛନ୍ତି।**

ବଲାଙ୍ଗୀର/ପାଟଣାଗଡ଼, ୨୮।୫ (ବୀରେନ୍ଦ୍ର ଝାଙ୍କର/ ସଚ୍ଚିଦାନନ୍ଦ ମହାକୁଡ଼)

୨୦୧୮ ଫେବୃଆରୀ ୨୩ରେ ପାଟଣାଗଡ଼ରେ ପାର୍ସଲ ବୋମା ବିସ୍ଫୋରଣ ଘଟି ନବବିବାହିତ ସଫ୍ଟୱେର ଇଞ୍ଜିନିୟର ସୌମ୍ୟ, ତାଙ୍କ ଜେଜେମା ଜେମାମଣି ସାହୁଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ମୃତ ସୌମ୍ୟଙ୍କ ନବବିବାହିତା ସ୍ତ୍ରୀ ରିମାରାଣୀ ଗୁରୁତର ଆହତ ହୋଇଥିଲେ। ଏହି ମାମଲାରେ କ୍ରାଇମବ୍ରାଞ୍ଚ ପାଟଣାଗଡ଼ ନିକଟସ୍ଥ ଭଇଁଷା କଲେଜର ଇଂଲିଶ ବିଭାଗ ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କୁ ଏକମାତ୍ର ଓ ମୁଖ୍ୟ ଅଭିଯୁକ୍ତ ଭାବେ ଗିରଫ କରିଥିଲା। କ୍ରାଇମବ୍ରାଞ୍ଚ ଟିମ୍ ୨୦୦୦ ପୃଷ୍ଠାର ଚାର୍ଜଶିଟ ଦାଖଲ କରିବା ପରେ ପାଟଣାଗଡ଼ ଏଡିଜେ କୋର୍ଟରେ ପ୍ରାୟ ୨ବର୍ଷ କାଳ ଏହାର ଶୁଣାଣି ଓ ନ୍ୟାୟିକ ପ୍ରକ୍ରିୟା ଚାଲିଥିଲା। ୬୨ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଗ୍ରହଣ ପରେ ଏଡିଜେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

ଅଭିଯୁକ୍ତ ପୁଞ୍ଜିଲାଲ୍‌ଙ୍କୁ କଡ଼ା ସୁରକ୍ଷା ବଳୟରେ ବୁଧବାର ସକାଳେ ପାଟଣାଗଡ଼ କୋର୍ଟ ପରିସରକୁ ଅଣାଯାଇଥିଲା। ସେଠାରେ ବିଚାରପତି ଅଭିଯୁକ୍ତଙ୍କୁ ଆଇପିସି ଦଫା ଦଫା ୩୦୨(ହତ୍ୟା), ୩୦୭(ହତ୍ୟା ଉଦ୍ୟମ), ୨୦୧(ପ୍ରମାଣ ନଷ୍ଟ) ଆଦି ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରିବା ପରେ ଦଣ୍ଡାଦେଶ ନେଇ ଉଭୟ ପକ୍ଷର ଓକିଲ ଯୁକ୍ତି ଉପସ୍ଥାପନ କରିଥିଲେ। ସରକାରୀ ଓକିଲ ପୁଞ୍ଜିଲାଲଙ୍କୁ ଅଧିକରୁ ଅଧିକ ଦୃଷ୍ଟାନ୍ତମୂଳକ ଦଣ୍ଡ ପ୍ରଦାନ କରିବାକୁ ଯୁକ୍ତି ବାଢ଼ିଥିବାବେଳେ ବିପକ୍ଷ ଓକିଲ ଦଣ୍ଡାଦେଶ କୋହଳ ପାଇଁ ଅଦାଲତଙ୍କ ନିକଟରେ ମତ ରଖିଥିଲେ। ଅଦାଲତ ତାଙ୍କ ରାୟରେ ପୁଞ୍ଜିଲାଲ୍‌ଙ୍କ ଅପରାଧକୁ ଅତ୍ୟନ୍ତ ଘୃଣ୍ୟ ବୋଲି ଦର୍ଶାଇଥିଲେ। ଏଥିସହିତ ସମସ୍ତ ବିରଳରୁ ଅତି ବିରଳ ମାମଲାରେ ଫାଶୀଦଣ୍ଡ ଦିଆଯାଇପାରିବ ନାହିଁ ବୋଲି କହିଥିଲେ। ଅଭିଯୁକ୍ତଙ୍କ ବିରୋଧରେ ଆସିଥିବା ସମସ୍ତ ପ୍ରମାଣ, ସାକ୍ଷ୍ୟଙ୍କ ବୟାନକୁ ଆଧାର କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଥିବା କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ଅପରପକ୍ଷରେ ସରକାରୀ ଓକିଲ କୋର୍ଟଙ୍କ ରାୟକୁ ସ୍ୱାଗତ କରିଛନ୍ତି।



ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କୁ କୋର୍ଟ ପରିସରକୁ ନିଆଯାଉଛି।

**ପୁଞ୍ଜିଲାଲଙ୍କ ଅପରାଧ ଅତ୍ୟନ୍ତ ଘୃଣ୍ୟ: କୋର୍ଟ**

## ଆଜି ୪ ରାଜ୍ୟରେ ମକ୍‌ଡ୍ରିଲ୍

ନୂଆଦିଲ୍ଲୀ, ୨୮।୫

ପାକିସ୍ତାନ ସୀମାବର୍ତ୍ତୀ ଥିବା ୪ ରାଜ୍ୟ ଗୁଜରାଟ, ରାଜସ୍ଥାନ, ପଞ୍ଜାବ ଏବଂ ଜମ୍ମୁ-କଶ୍ମୀରରେ ଗୁରୁବାର ସିଭିଲ ଡିଫେନ୍ସ ମକ୍‌ଡ୍ରିଲ ଅନୁଷ୍ଠିତ ହେବ। ଏହି ୪ ରାଜ୍ୟର ସୀମାନ୍ତ ଜିଲାଗୁଡ଼ିକରେ ମକ୍‌ଡ୍ରିଲ କରାଯିବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସୀମାପାର୍ ଆକ୍ରମଣ ଏବଂ ସମ୍ଭାବ୍ୟ ଆତଙ୍କବାଦ ବିପଦକୁ ଦୃଷ୍ଟିରେ ରଖି ଏହାର ରଣନୈତିକ ପ୍ରସ୍ତୁତି ପାଇଁ ଉକ୍ତ ମକ୍‌ଡ୍ରିଲର ଆୟୋଜନ ହେବ ବୋଲି ବିଭିନ୍ନ ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଚଳିତ ମାସର ଦ୍ୱିତୀୟ ସପ୍ତାହରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ହୋଇଥିବା ୪ ଦିନର ସଂଘର୍ଷ ମଧ୍ୟରେ ଏହି ୪ ରାଜ୍ୟର ବିଭିନ୍ନ ସୀମାନ୍ତ ଅଞ୍ଚଳକୁ ପାକିସ୍ତାନ ପକ୍ଷରୁ ଡ୍ରୋନ୍ ଏବଂ ମିଶାଇଲ ମାଧ୍ୟମରେ ଟାର୍ଗେଟ କରାଯାଇଥିଲା, ଯାହାକୁ ଭାରତର ଏୟାର ଡିଫେନ୍ସ ସିଷ୍ଟମ ଅଟକାଇଥିଲା। ପ୍ରକାଶ ଯେ, ଗତ ମେ' ୭ରେ ଭାରତର ଅପରେଶନ ସିନ୍ଦୂରର କିଛି ଘଣ୍ଟା ପରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଦେଶବ୍ୟାପୀ ସିଭିଲ ଡିଫେନ୍ସ ମକ୍‌ଡ୍ରିଲ 'ଅପରେଶନ ଅଭ୍ୟାସ'ର ଆୟୋଜନ କରାଯାଇଥିଲା।

## ରେଳ ଧାରଣାରୁ ଖସିଲା ଟ୍ରେନ୍, ୩୭ ବଗି ଲାଇନ୍‌ଚ୍ୟୁତ



ଚିମିଡିପାଲି ଟନେଲ୍ ନିକଟରେ ବୁଧବାର ଲାଇନ୍‌ଚ୍ୟୁତ ହୋଇଥିବା ମାଲବାହୀ ଟ୍ରେନ୍।

କୋରାପୁଟ, ୨୮।୫ (ଅମିତାଭ ବେହେରା)

ଏକ ମାଲ ବୋଝେଇ ଟ୍ରେନ୍‌ର ୩୭ ବଗି ବୁଧବାର ଅନ୍ଧ୍ରପ୍ରଦେଶ ବିଶାଖାପାଟଣା ଚିମିଡିପାଲି ନିକଟ କୋଥାଭଲାସା-କିରିଣ୍ଡୁଲ(କେ-କେ) ଲାଇନ୍‌ରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ସୁଡ଼ଙ୍ଗ ମଧ୍ୟରେ ଟ୍ରେନର ଅଧାବଗି ଫସି ରହିଛି। ଏଥିଯୋଗୁ କେ-କେ ଲାଇନ୍‌ରେ ଗାଡ଼ି ଚଳାଚଳ ବନ୍ଦ ରହିଛି। କିରିଣ୍ଡୁଲରୁ ଲୁହାପଥର ବୋଝେଇ କରି ଟ୍ରେନ୍‌ଟି ବିଜୟୱାଡ଼ା ଅଭିମୁଖେ ଯାଉଥିଲା ବେଳେ ଏହି ଦୁର୍ଘଟଣା ଘଟିଛି। ଫଳରେ ବିଶାଖାପାଟଣାରୁ କିରୁଣ୍ଡୁଲକୁ ଟ୍ରେନ ଚଳାଚଳ ବନ୍ଦ ରହିଛି। ଏହି ଟ୍ରେନ୍‌ରେ ୫୯ରୁ ଊର୍ଦ୍ଧ୍ୱ ବଗି ଲାଗିଥିଲା। ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ଜଣାପଡ଼ିଛି।

**କେ-କେ ଲାଇନ୍‌ରେ ରେଳ ଚଳାଚଳ ବନ୍ଦ**

## ଓଡ଼ିଶା ଛୁଇଁଲା ମୌସୁମୀ

### ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପ

ଭୁବନେଶ୍ୱର, ୨୮।୫(ଅନୁରାଧା ମହାରଣା)

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ବୁଧବାର ଓଡ଼ିଶା ଛୁଇଁଛି। ନିର୍ଦ୍ଧାରିତ ସମୟ ପୂର୍ବରୁ ମୌସୁମୀ ବାୟୁ ଓଡ଼ିଶାରେ ପ୍ରବେଶ କରିଛି। ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ମୌସୁମୀ ବାୟୁ ଅଗ୍ରସର ହେବା ସହ କିଛି ସ୍ଥାନରେ ବର୍ଷା ମଧ୍ୟ ହୋଇଛି। ଏହା ପୂର୍ବରୁ ୧୯୯୯ ମେ' ୨୮ରେ ଓ ୨୦୦୯ ମେ' ୨୫ରେ ମୌସୁମୀ ଓଡ଼ିଶା ଛୁଇଁଥିଲା। ଭାରତୀୟ ପାଣିପାଗ ବିଭାଗ ସୂଚନାନୁସାରେ, ଦୀର୍ଘ ୧୬ ବର୍ଷ ପରେ ମେ' ମାସରେ ମୌସୁମୀ ଓଡ଼ିଶାରେ ପ୍ରବେଶ କରିଛି। ଚଳିତ ବର୍ଷ ନିର୍ଦ୍ଧାରିତ ସମୟଠାରୁ ୧୨ଦିନ ପୂର୍ବରୁ ମୌସୁମୀ ବାୟୁ କେରଳ ଛୁଇଁଥିଲା। ସେହି ଅନୁସାରେ ଚଳିତ ବର୍ଷ ମୌସୁମୀ ସଅଳ ଓଡ଼ିଶା ଛୁଇଁବ ବୋଲି ପୂର୍ବାନୁମାନ କରାଯାଇଥିବାବେଳେ ତାହା ହିଁ ହୋଇଛି। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କେରଳ ଛୁଇଁବାର ମାତ୍ର କିଛିଦିନ ମଧ୍ୟରେ ମୌସୁମୀ ଓଡ଼ିଶା ଛୁଇଁଛି।

ଅନ୍ୟପଟେ ଉତ୍ତର-ପଶ୍ଚିମ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ସକ୍ରିୟ ଘୂର୍ଣ୍ଣିବଳୟ ମଙ୍ଗଳବାର ଲଘୁଚାପ ରୂପ ନେଇଛି। ଏହା ଉତ୍ତରରେ ଗତି କରି ଗୁରୁବାର ଅବପାତର ରୂପ ନେଇପାରେ। ଲଘୁଚାପ ପ୍ରଭାବରେ ଆସନ୍ତା ୨ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଆମେ ଆମ ଜୀବନର ସାକ୍ଷୀ**



# ଆଫଗାନୀଙ୍କ ପାଇଁ ପୁଣି ଭିଜା ସେବା ଆରମ୍ଭ

ନୂଆଦିଲ୍ଲୀ, ୨୮।୫

ଦୀର୍ଘ ୪ ବର୍ଷ ପରେ ଭାରତ ଆଫଗାନ ନାଗରିକଙ୍କ ପାଇଁ ଭିଜା ପ୍ରଦାନ ପ୍ରକ୍ରିୟା ଆରମ୍ଭ କରିଛି। ବ୍ୟବସାୟ, ଶିକ୍ଷା କିମ୍ବା ଚିକିତ୍ସା ପାଇଁ ଭାରତ ଆସିବାକୁ ଇଚ୍ଛୁକ ଥିବା ଆଫଗାନ ବ୍ୟକ୍ତିମାନେ ଅନଲାଇନରେ ସେମାନଙ୍କ ଭିଜା ଆବେଦନ କରିପାରିବେ। ୨୦୨୧ ଅଗଷ୍ଟରେ ଆଫଗାନିସ୍ତାନର କ୍ଷମତାକୁ ତାଲିବାନ ଦଖଲ କରିବା ପରେ ଭାରତ ସରକାର କାବୁଲସ୍ଥିତ ନିଜ ଦୂତାବାସ ଅଧିକାରୀଙ୍କୁ ପ୍ରତ୍ୟାହାର କରିନେଇଥିଲେ। ଏହାସହ ଭାରତ ପକ୍ଷରୁ ଆଫଗାନ ନାଗରିକଙ୍କ ଭିଜା ସେବାକୁ ସ୍ଥଗିତ ରଖାଯାଇଥିଲା।



ମେମୋରିଆଲ୍ ଡେ' ସେରେମନି ବେଳେ ହୋଲି ଟାଉନ୍‌ଶିପ୍‌ସ୍ଥିତ ଗ୍ରେଟ୍ ଲେକ୍ସ ନ୍ୟାଶନାଲ ସିମେଟ୍ରିରେ ଥିବା ଆମେରିକୀୟ ସୈନ୍ୟ ମାଇକେଲ୍ ୱେରଭରଙ୍କ ସମାଧିରେ ତାଙ୍କ ସ୍ତ୍ରୀ ରୋଜିଏ ୱେଭର ମୁଣ୍ଡ ଦେଇ କାନ୍ଦୁଛନ୍ତି।

# କେନ୍ଦ୍ରକୁ ସୁପ୍ରିମକୋର୍ଟ ନୋଟିସ

## ୱାକ୍‌ଫ ଆଇନର ବୈଧତାକୁ ଚ୍ୟାଲେଞ୍ଜ

ନୂଆଦିଲ୍ଲୀ, ୨୮।୫

୧୯୯୫ର ୱାକ୍‌ଫ ଆଇନରେ ଥିବା କେତେକ ନିୟମର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଦାଖଲ ପିଟିଶନ ଉପରେ ମଙ୍ଗଳବାର ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ଜବାବ ମାଗିଛନ୍ତି। ସିଜେଆଇ ବି.ଆର୍. ଗବଇ ଓ ଜଷ୍ଟିସ୍ ଅଗଷ୍ଟାଇନ୍ ଜର୍ଜ ମସିହଙ୍କ ଖଣ୍ଡପୀଠ ଉକ୍ତ ଆବେଦନ ଉପରେ ଜବାବ ତଲବ କରିବା ସହ ଏହାକୁ ପୂର୍ବରୁ ବିଚାରାଧୀନ ଥିବା ଆବେଦନଗୁଡ଼ିକ ସହ ଶୁଣାଣି ପାଇଁ ସଂଲଗ୍ନ କରିଛନ୍ତି। ଆବେଦନକାରୀ ନିଖିଲ ଉପାଧ୍ୟାୟଙ୍କ ଓକିଲ ଅଶ୍ୱିନୀ ଉପାଧ୍ୟାୟ ଖଣ୍ଡପୀଠଙ୍କ ସମ୍ମୁଖରେ ୱାକ୍‌ଫ ସଂଶୋଧନ ଆଇନ, ୨୦୨୫ର ବୈଧତାକୁ ନେଇ ଚ୍ୟାଲେଞ୍ଜ ସମ୍ପର୍କିତ ଆବେଦନ ଉପରେ ସୁପ୍ରିମକୋର୍ଟ ଏପ୍ରିଲ ୧୭ରେ ଦେଇଥିବା ରାୟର ଅବତାରଣା କରିଥିଲେ।

# ଆଗାମୀ ୪ ବର୍ଷ ପ୍ରଚଣ୍ଡ ତାତି

ନୂଆଦିଲ୍ଲୀ, ୨୮।୫(ପି.ଟି.)

## ୨୦୨୫-୨୯ରେ ପୃଥିବୀ ତାପମାତ୍ରା ୧.୫ ଡିଗ୍ରୀ ସୀମା ଟପିପାରେ: ଡବ୍ଲ୍ୟୁଏମ୍‌ଓ



୨୦୨୫ରୁ ୨୦୨୯ ଅବଧି ମଧ୍ୟରେ କୌଣସି ବର୍ଷ ପୃଥିବୀର ହାରାହାରି ତାପମାତ୍ରା ପ୍ରାକ୍-ଶିଳ୍ପାଞ୍ଚଳ ସ୍ତର ୧.୫ ଡିଗ୍ରୀ ସେଲ୍‌ସିୟସ୍‌ର ସୀମା ଅତିକ୍ରମ କରିବା ନେଇ ୭୦ ପ୍ରତିଶତ ଆଶଙ୍କା ରହିଛି। ଏହାର ନକାରାତ୍ମକ ପ୍ରଭାବ ଆମ ଅର୍ଥନୀତି, ଦୈନନ୍ଦିନ ଜୀବନ ଓ ପୃଥିବୀର ପରିବେଶ ଉପରେ ପଡ଼ିବ ବୋଲି ବୁଧବାର ବିଶ୍ୱ ପାଣିପାଗ ସଙ୍ଗଠନ (ଡବ୍ଲ୍ୟୁଏମ୍‌ଓ) ପକ୍ଷରୁ ଜାରି ଏକ ରିପୋର୍ଟରେ ସତର୍କ କରାଯାଇଛି।

ଡବ୍ଲ୍ୟୁଏମ୍‌ଓ ଦ୍ୱାରା ପ୍ରକାଶିତ ଉକ୍ତ ରିପୋର୍ଟରେ କୁହାଯାଇଛି ଯେ ଆଗାମୀ ୫ ବର୍ଷରୁ ବର୍ଷକ ଭିତରେ ବୈଶ୍ୱିକ ତାପମାତ୍ରା ୨୦୨୪ର ଉଷ୍ଣତା ରେକର୍ଡକୁ ଭାଙ୍ଗିବାର ୮୦% ଆଶଙ୍କା ରହିଛି। ୨୦୨୪ ସବୁଠୁ ଉତ୍ତପ୍ତ ବର୍ଷ ହେବା ସହ ବୈଶ୍ୱିକ ତାପମାତ୍ରା ୧୮୫୦-୧୯୦୦ ମସିହାର ବେସ୍‌ଲାଇନ୍ ଉପରେ ୧.୫ ଡିଗ୍ରୀ ସେଲସିୟସ୍ ଅତିକ୍ରମ କରିଥିଲା। ଏହି ଅବଧି ମଧ୍ୟରେ ଜୀବାଶ୍ମ ଇନ୍ଧନ ଜାଳେଣି ଭଳି ମାନବୀୟ କାର୍ଯ୍ୟକଳାପ ବୃଦ୍ଧିପାଇ ଜଳବାୟୁକୁ ବହୁଳମାତ୍ରାରେ ପ୍ରଭାବିତ କରିବା ଆରମ୍ଭ ହୋଇଥିଲା। ୧.୫ ଡିଗ୍ରୀ ସେଲ୍‌ସିୟସ୍ ହେଉଛି ସେହି ମାପଦଣ୍ଡ, ଯାହାକୁ ନେଇ ୨୦୧୫ ପ୍ୟାରିସ୍ ଜଳବାୟୁ ସମ୍ମିଳନୀରେ ଦେଶଗୁଡ଼ିକ ଜଳବାୟୁ ପରିବର୍ତ୍ତନର ସବୁଠୁ ଖରାପ ପରିଣାମକୁ ଏଡ଼ାଇବା ପାଇଁ ସହମତି ପ୍ରକାଶ କରିଥିଲେ। ୧.୫ ଡିଗ୍ରୀ ସେଲ୍‌ସିୟସ ସୀମା ସ୍ଥାୟୀ ଭାବେ ଉଲ୍ଲଂଘନ ହେଲେ ଆଗାମୀ ୨୦ରୁ ୩୦ ବର୍ଷ ପର୍ଯ୍ୟନ୍ତ ଦୀର୍ଘକାଳୀନ ଉଷ୍ଣତା ବୃଦ୍ଧି ଘଟିପାରେ ବୋଲି ପ୍ୟାରିସ୍ ଚୁକ୍ତିନାମାରେ ଉଲ୍ଲେଖ କରାଯାଇଛି। ଦେଶଗୁଡ଼ିକୁ ସେମାନଙ୍କ ପରବର୍ତ୍ତୀ ପର୍ଯ୍ୟାୟର ନ୍ୟାଶନାଲି ଡିଟର୍ମାଇନ୍‌ଡ କଣ୍ଟ୍ରିବ୍ୟୁଶନ୍ (ଏନ୍‌ଡିସି) କିମ୍ବା ୨୦୩୧-୨୦୩୫ ବର୍ଷ ପାଇଁ ଜାତୀୟ ଜଳବାୟୁ ଯୋଜନା ସମ୍ପର୍କିତ ବିବରଣୀ ଚଳିତ ବର୍ଷ ଜାତିସଂଘ ଜଳବାୟୁ ପରିବର୍ତ୍ତନ କାର୍ଯ୍ୟାଳୟରେ ଦାଖଲ କରିବାକୁ ପଡ଼ିବ। ଏହି ଜଳବାୟୁ ଯୋଜନାଗୁଡ଼ିକର ସାମଗ୍ରିକ ଲକ୍ଷ୍ୟ ହେଉଛି ବୈଶ୍ୱିକ ତାପମାତ୍ରା ବୃଦ୍ଧିକୁ ୧.୫ ଡିଗ୍ରି ସେଲ୍‌ସିୟସ ଭିତରେ ସୀମିତ ରଖିବା।

ଡବ୍ଲ୍ୟୁଏମ୍‌ଓ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ୨୦୨୫ରୁ ୨୦୨୯ ଭିତରେ ଏହି ତାପମାତ୍ରାର ସୀମା ୧.୨ରୁ ୧.୯ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରହିପାରେ, ଯାହାକି ୧୮୫୦ରୁ ୧୯୦୦ ମଧ୍ୟରେ ବଢ଼ିଥିବା ତାତିରୁ ଅଧିକ। ଏନେଇ ଡବ୍ଲ୍ୟୁଏମ୍‌ଓ ଡେପୁଟି ସେକ୍ରେଟାରି ଜେନେରାଲ କୋ ବାରେଟ୍ଟ କହିଛନ୍ତି, ଆମେ ୧୦ ସବୁଠୁ ଉତ୍ତପ୍ତ ବର୍ଷକୁ ଦେଖିଛୁ। ଦୁର୍ଭାଗ୍ୟବଶତଃ ଡବ୍ଲ୍ୟୁଏମ୍‌ଓ ରିପୋର୍ଟରୁ ଆଗାମୀ ବର୍ଷଗୁଡ଼ିକରେ ଏଥିରୁ ଆଶ୍ୱସ୍ତି ମିଳିବା ଆଶା ଦିଶୁନାହିଁ। ଅର୍ଥାତ୍ ଆମ ଅର୍ଥନୀତି, ଦୈନନ୍ଦିନ ଜୀବନ ଓ ପୃଥିବୀର ପରିବେଶ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିବ। ତେବେ ନିରନ୍ତର ଭାବେ ଜଳବାୟୁ ଅନୁଧ୍ୟାନ ଓ ପୂର୍ବାନୁମାନ କରାଯିବା ଦ୍ୱାରା ନିଷ୍ପତ୍ତି ଗ୍ରହଣକାରୀଙ୍କୁ ବିଜ୍ଞାନ ଭିତ୍ତିକ ସୂଚନା ହାସଲରେ ସହାୟକ ହେବ ବୋଲି ସେ କହିଛନ୍ତି।

# ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ଆସିପାରେ ମହାଭିଯୋଗ ପ୍ରସ୍ତାବ

## ଘରୁ ମିଳିଥିଲା ପୁଳା ପୁଳା ଟଙ୍କା


ଜଷ୍ଟିସ୍ ୟଶଓ୍ୱନ୍ତ ବର୍ମା

ନୂଆଦିଲ୍ଲୀ, ୨୮।୫: ସୁପ୍ରିମକୋର୍ଟରେ ଅଭିଯୋଗ ସ୍ଥିର ହୋଇସାରିଥିବା ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ୟଶଓ୍ୱନ୍ତ ବର୍ମାଙ୍କ ବିରୋଧରେ ସଂସଦର ମୌସୁମୀ ଅଧିବେଶନରେ ସରକାର ମହାଭିଯୋଗ ପ୍ରସ୍ତାବ ଆଗତ କରିପାରନ୍ତି। ମାର୍ଚ୍ଚ ୧୪ରେ ଜଷ୍ଟିସ୍ ବର୍ମାଙ୍କ ଘରେ ନିଆଁ ଲାଗିଥିବାବେଳେ ସେଠାକୁ ଲିଭାଇବାକୁ ଯାଇଥିବା ଅଗ୍ନିଶମ କର୍ମଚାରୀମାନେ ବିପୁଳ ଅର୍ଥ ଠାବ କରିଥିଲେ, ଯାହାର ପରିମାଣ ୧୫ କୋଟି ଟଙ୍କା ହେବ ବୋଲି ସେତେବେଳେ ଅନୁମାନ କରାଯାଇଥିଲା। ଏହାର ତଦନ୍ତ ପାଇଁ ମାର୍ଚ୍ଚ ୨୨ରେ ସୁପ୍ରିମକୋର୍ଟ ଜଷ୍ଟିସ୍ ଶିଲ୍ପ ନାଗୁ, ଜଷ୍ଟିସ୍ ଜିଏସ୍ ସନ୍ଧାୱାଲିଆ ଏବଂ ଜଷ୍ଟିସ୍ ଅନୁ ଶିବରମଣଙ୍କୁ ନେଇ ଏକ ୩ ଜଣିଆ କମିଟି ଗଠନ କରିଥିଲେ। ଉକ୍ତ କମିଟି ମେ' ୩ରେ ଅଭିଯୋଗରେ ସତ୍ୟତା ଥିବା ନେଇ ଅନେକ ସାକ୍ଷୀଙ୍କଠାରୁ ମିଳିଥିବା ପ୍ରମାଣକୁ ଭିତ୍ତିକରି ରିପୋର୍ଟ ଦେଇଥିଲେ। ମେ'୯ରେ ତତ୍କାଳୀନ ସିଜେଆଇ ସଞ୍ଜୀବ ଖାନ୍ନା ଜଷ୍ଟିସ୍ ବର୍ମାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ କରି ଏହି ତଦନ୍ତ ରିପୋର୍ଟର ଏକ କପି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଦାନ କରିଥିଲେ। ଏପରି କି ଜଷ୍ଟିସ୍ ବର୍ମାଙ୍କୁ ଇସ୍ତଫା ଦେବା ପାଇଁ ମଧ୍ୟ କୁହାଯାଇଥିଲା। କିନ୍ତୁ ସେ ଇସ୍ତଫା ଦେବାକୁ ମନା କରିଦେଇଥିଲେ। ମାର୍ଚ୍ଚ ୨୦ରେ ତାଙ୍କୁ ଆଲ୍ଲାହାବାଦ ହାଇକୋର୍ଟକୁ ବଦଳି କରାଯାଇଥିଲା। ତେବେ ତାଙ୍କୁ କୌଣସି ପ୍ରକାର ଦାୟିତ୍ୱ ଦିଆଯାଇ ନ ଥିଲା। ପୂର୍ବତନ ସିଜେଆଇ ଖାନ୍ନାଙ୍କ ସୁପାରିସକୁ ରାଜ୍ୟ ସଭା ଅଧ୍ୟକ୍ଷ ଓ ଲୋକ ସଭା ବାଚସ୍ପତିଙ୍କ ନିକଟକୁ ମଧ୍ୟ ପଠାଯାଇଛି। ଜୁଲାଇ ତୃତୀୟ ସପ୍ତାହରେ ମୌସୁମୀ ଅଧିବେଶନ ବେଳେ ସଂସଦରେ ସରକାର ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିପାରନ୍ତି ବୋଲି କୁହାଯାଉଛି। ଏହା ଗୃହୀତ ହେଲେ ଜଷ୍ଟିସ୍ ବର୍ମାଙ୍କୁ ପଦ ହରାଇବାକୁ ପଡ଼ିବ। ତେବେ ଏଥିପାଇଁ ପ୍ରସ୍ତାବ ସପକ୍ଷରେ ଲୋକ ସଭାର ୧୦୦ ଓ ରାଜ୍ୟ ସଭାର ଅନ୍ୟୂନ ୫୦ ସଦସ୍ୟଙ୍କ ସମର୍ଥନ ଜରୁରୀ।

# କ୍ଲାସ୍ ମିସ୍ କଲେ ଭିଜା ରଦ୍ଦ ହେବ

## ଭାରତୀୟ ଛାତ୍ରୀଛାତ୍ରଙ୍କୁ ଆମେରିକାର ଚେତାବନୀ

ନୂଆଦିଲ୍ଲୀ, ୨୮।୫ (ପି.ଟି.)

ଭାରତରେ ଥିବା ଆମେରିକୀୟ ଦୂତାବାସ ମଙ୍ଗଳବାର ଆମେରିକାରେ ପଢୁଥିବା ଭାରତ ସମେତ ବିଭିନ୍ନ ଦେଶର ଛାତ୍ରୀଛାତ୍ରଙ୍କୁ କଡ଼ା ଚେତାବନୀ ଜାରି କରିଛି। ଆମେରିକା ଦୂତାବାସ ପକ୍ଷରୁ ଏକ୍ସ'ରେ ଏକ ପୋଷ୍ଟ ଶେୟାର କରାଯାଇ କୁହାଯାଇଛି, ଯଦି ଛାତ୍ରୀଛାତ୍ର ନିଜ ୟୁନିଭର୍ସିଟି କିମ୍ବା ଶିକ୍ଷାନୁଷ୍ଠାନକୁ ବିନା ସୂଚନା ଦେଇ ସେମାନଙ୍କ କୋର୍ସକୁ ଅଧାରୁ ଛାଡ଼ି ଦିଅନ୍ତି କିମ୍ବା କ୍ଲାସ୍ କରନ୍ତି ନାହିଁ ତେବେ ସେମାନଙ୍କର ଛାତ୍ର ଭିସା ରଦ୍ଦ ହୋଇପାରେ। ସେହିପରି ଏହି ଛାତ୍ରୀଛାତ୍ରମାନେ ଭବିଷ୍ୟତରେ ମଧ୍ୟ ଆମେରିକାର ଭିଜା ପାଇବା ପାଇଁ ଯୋଗ୍ୟତା ହରାଇ ପାରନ୍ତି। ତେଣୁ ଏହି ସମସ୍ୟାକୁ ଏଡ଼ାଇବା ପାଇଁ ସର୍ବଦା ନିଜ ନିଜର ଭିଜା ନିୟମ ଏବଂ ସର୍ତ୍ତାବଳୀକୁ ପାଳନ କରି ଆମେରିକାରେ ନିଜ ଷ୍ଟୁଡେଣ୍ଟ ଷ୍ଟାଟସ୍‌କୁ ବଜାୟ ରଖିବାକୁ ଆମେରିକୀୟ ଦୂତାବାସ ପକ୍ଷରୁ ଭାରତୀୟ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦିଆଯାଇଛି।

# କମଲ ହାସନଙ୍କ ପାଇଁ ରାଜ୍ୟ ସଭା ସିଟ୍ ଛାଡ଼ିଲା ଡିଏମ୍‌କେ



ଚେନ୍ନାଇ, ୨୮।୫

ଆସନ୍ତା ୧୯ରେ ତାମିଲନାଡୁର ୬ ରାଜ୍ୟ ସଭା ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଏହି ନିର୍ବାଚନରେ ରାଜ୍ୟର ଶାସନରେ ଥିବା ଡିଏମ୍‌କେ ୪ ଆସନରେ ଲଢ଼ିବ ବୋଲି ବୁଧବାର ଦଳ ପକ୍ଷରୁ ଘୋଷଣା କରାଯାଇଛି। ସେହିପରି ସହଯୋଗୀ କମଲ ହାସନଙ୍କ ଦଳ ମକ୍କଲ ନିଧି ମୟମ (ଏମ୍‌ଏନ୍‌ଏମ୍)କୁ ଗୋଟିଏ ସିଟ୍ ଛାଡ଼ିବାକୁ ଦଳ ଘୋଷଣା କରିଛି। ଦଳ ପକ୍ଷରୁ ରାଜ୍ୟ ସଭା ନିର୍ବାଚନ ପାଇଁ ୩ ଜଣଙ୍କର ନାଁ ଘୋଷଣା କରାଯାଇଛି। ଡିଏମ୍‌କେ ପକ୍ଷରୁ ବରିଷ୍ଠ ଆଡ୍‌ଭୋକେଟ ପି. ୱିଲସନ, ଦଳୀୟ ନେତା ଏସ୍‌ଆର୍ ଶିବଲିଙ୍ଗମ ଏବଂ କବି ତଥା ଲେଖକ ରୁକୟା ମଲିକଙ୍କ ନାଁକୁ ରାଜ୍ୟ ସଭା ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି। ୨୦୨୪ ଲୋକ ସଭା ନିର୍ବାଚନ ପୂର୍ବବର୍ତ୍ତୀ ବୁଝାମଣା ଅନୁଯାୟୀ, ଏମ୍‌ଏନ୍‌ଏମ୍‌କୁ ଗୋଟିଏ ସିଟ୍ ଛଡ଼ାଯାଇଥିବା ନେଇ ଡିଏମକେ ପ୍ରେସ୍ ରିଲିଜ୍ ଜାରି କରି ସୂଚନା ଦେଇଛି।

# ୬୮ ଜଣଙ୍କୁ ପଦ୍ମ ପୁରସ୍କାର ଦେଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ, ୨୮।୫


ରାଷ୍ଟ୍ରପତି ଭବନରେ ମଙ୍ଗଳବାର ପୂର୍ବତନ ସିଜେଆଇ ଜଗଦୀଶ ସିଂ ଖେହର ଓ ନୃତ୍ୟଶିଳ୍ପୀ ଶୋବନା ଚନ୍ଦ୍ରକୁମାରଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଦ୍ମ ପୁରସ୍କାର ପ୍ରଦାନ କରୁଛନ୍ତି।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ପୂର୍ବତନ ସିଜେଆଇ ଜଗଦୀଶ ସିଂ ଖେହର, ନୃତ୍ୟଶିଳ୍ପୀ ଶୋବନା ଚନ୍ଦ୍ରକୁମାର, ଅଭିନେତା ଅନନ୍ତ ନାଗ ଓ କିଙ୍ଗ ଜର୍ଜ ମେଡିକାଲ ୟୁନିଭର୍ସିଟିର କୁଳପତି ସୋନିଆ ନିତ୍ୟାନନ୍ଦଙ୍କ ସମେତ ୬୮ ବିଶିଷ୍ଟ ବ୍ୟକ୍ତିଙ୍କୁ ମର୍ଯ୍ୟାଦାଜନକ ପଦ୍ମ ପୁରସ୍କାର ପ୍ରଦାନ କରିଛନ୍ତି।
ଗତ ଜାନୁଆରୀ ୨୫ରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳନର ଅବ୍ୟବହିତ ପୂର୍ବରୁ ମୋଟ ୧୩୯ ଜଣଙ୍କୁ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମ ବିଭୂଷଣ, ପଦ୍ମ ଭୂଷଣ ଓ ପଦ୍ମଶ୍ରୀ ପ୍ରଦାନ ପାଇଁ ଘୋଷଣା କରାଯାଇଥିଲା। ମଙ୍ଗଳବାର ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସମାରୋହରେ ଉପରାଷ୍ଟ୍ରପତି ଜଗଦୀପ ଧନକର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ଉପସ୍ଥିତିରେ ସେମାନଙ୍କ ମଧ୍ୟରୁ ୬୮ ଜଣଙ୍କୁ ପଦ୍ମ ପୁରସ୍କାର ଦିଆଯାଇଛି। ଅବସରପ୍ରାପ୍ତ ଜଷ୍ଟିସ୍ ଖେହରଙ୍କୁ ପଦ୍ମବିଭୂଷଣ ପୁରସ୍କାର ଦିଆଯାଇଥିବାବେଳେ କଥକ ନୃତ୍ୟଶିଳ୍ପୀ ସ୍ୱର୍ଗତ କୁମୁଦିନୀ ଲଖିଆ ଓ କଣ୍ଠଶିଳ୍ପୀ ସ୍ୱର୍ଗତ ଶାରଦା ସିହ୍ନାଙ୍କୁ ମରଣୋତ୍ତର ଭାବେ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହାବ୍ୟତୀତ ୯ ଜଣଙ୍କୁ ତୃତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମ ଭୂଷଣ ଦିଆଯାଇଛି।

# ଥରୁର୍‌ଙ୍କୁ ଭାଜପାର ମୁଖପାତ୍ର କହିଲେ କଂଗ୍ରେସ ନେତା ଉଦିତ୍ ରାଜ୍

ନୂଆଦିଲ୍ଲୀ, ୨୮।୫

କଂଗ୍ରେସ ନେତା ଉଦିତ୍ ରାଜ୍ ବୁଧବାର ବରିଷ୍ଠ କଂଗ୍ରେସ ନେତା ଶଶୀ ଥରୁରଙ୍କୁ ଟାର୍ଗେଟ କରି ତାଙ୍କୁ ଭାଜପାର ମୁଖପାତ୍ର କହିଛନ୍ତି। ସମ୍ପ୍ରତି ଥରୁର ଅପରେଶନ ସିନ୍ଦୂରକୁ ନେଇ ବିଶ୍ୱର ବିଭିନ୍ନ ଦେଶକୁ ଅବଗତ କରାଇବା ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ ଏକ ବହୁଦଳୀୟ ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ନେଉଛନ୍ତି। ଥରୁରଙ୍କୁ ନେଇ ବୁଧବାର ଉଦିତ୍ କହିଛନ୍ତି, ଥରୁର ପ୍ରଧାନମନ୍ତ୍ରୀ ମୋଦି ଏବଂ କେନ୍ଦ୍ର ସରକାରଙ୍କୁ ଯେଭଳି ପ୍ରଶଂସା କରୁଛନ୍ତି, ସେଭଳି ଭାଜପା ନେତାମାନେ ମଧ୍ୟ ପ୍ରଶଂସା କରୁ ନାହାନ୍ତି। ଭାରତୀୟ ସଶସ୍ତ୍ର ବାହିନୀର ଶ୍ରେୟ ନେବାକୁ କେନ୍ଦ୍ର ସରକାର ଚାହୁଁଛନ୍ତି। ଏହା ଥରୁର୍ ଭଲ ଭାବେ ଜାଣିଛନ୍ତି। ଏହା ସତ୍ତ୍ୱେ ମଧ୍ୟ ସେ ସମ୍ପ୍ରତି ଭାଜପାର ସୁପର ମୁଖପାତ୍ର ପାଲଟି କେନ୍ଦ୍ର ସରକାରଙ୍କ ପ୍ରଶଂସା କରି ଚାଲିଥିବା ଉଦିତ୍ କହିଛନ୍ତି।

# ରାପର୍ ରାଜା କୁମାରୀଙ୍କୁ ଆମେରିକାନ୍ ମ୍ୟୁଜିକ୍ ଆୱାର୍ଡ



ଲସ୍‌ଏଞ୍ଜେଲସ୍, ୨୮।୫

ଭାରତୀୟ ବଂଶୋଦ୍ଭବ ତଥା ଆମେରିକୀୟ କଣ୍ଠଶିଳ୍ପୀ, ଗୀତିକାର ଓ ରାପର୍ ଭେଥା ୟାଲ୍ଲାପ୍ରଗଦା ରାଓଙ୍କୁ ମଙ୍ଗଳବାର ଆମେରିକାନ୍ ମ୍ୟୁଜିକ୍ ଆୱାର୍ଡ (ଏଏମ୍‌ଏ) ପ୍ରଦାନ କରାଯାଇଛି। ରାଜା କୁମାରୀ ନାମରେ ପରିଚିତ ଏହି ୩୯ ବର୍ଷୀୟା ବହୁମୁଖୀ ପ୍ରତିଭା ଉକ୍ତ ପୁରସ୍କାର ପାଇବାରେ ପ୍ରଥମ ଭାରତୀୟ ବଂଶୋଦ୍ଭବ। ତାଙ୍କୁ ଫେଭୋରାଇଟ୍ ସାଉଣ୍ଡଟ୍ରାକ୍ ବର୍ଗରେ ଏଏମ୍‌ଏ ଦିଆଯାଇଛି। କାଲିଫର୍ନିଆର କ୍ଲାରେମୋଣ୍ଟରେ ଏକ ତେଲୁଗୁ ପରିବାରରେ ଜନ୍ମିତ ରାଜା କୁମାରୀ କୁଚିପୁଡ଼ି, କଥକ ଓ ଭାରତନାଟ୍ୟମ୍‌ରେ ମଧ୍ୟ ନିଜ ନିପୁଣତା ଦେଖାଇ ଆସିଛନ୍ତି। ତାଙ୍କ ପରିବାର ଆନ୍ଧ୍ରପ୍ରଦେଶରୁ ଆମେରିକା ଯାଇ ସେଠାରେ ବସବାସ କରୁଛନ୍ତି।

# କୁଏଟ୍‌ରେ ଗୁଲାମନବୀ ଆଜାଦ୍ ଅସୁସ୍ଥ

କୁଏଟ୍ ସିଟି, ୨୮।୫


କୁଏଟ୍ ସିଟିର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଗୁଲାମନବୀ ଆଜାଦଙ୍କ ସହ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ମୁଖ୍ୟ ବୈଜୟନ୍ତ ପଣ୍ଡା ଓ ଅନ୍ୟ ସଦସ୍ୟବୃନ୍ଦ।

କୁଏଟ୍ ଗସ୍ତରେ ଥିବା ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ସଦସ୍ୟ ଗୁଲାମନବୀ ଆଜାଦ୍ ମଙ୍ଗଳବାର ହଠାତ୍ ଅସୁସ୍ଥ ହୋଇଯାଇଛନ୍ତି। ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଡେମୋକ୍ରାଟିକ୍ ଆଜାଦ ପାର୍ଟି ଅଧ୍ୟକ୍ଷ ଆଜାଦ୍‌ଙ୍କୁ କୁଏଟ୍ ସିଟିର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏନେଇ ଉକ୍ତ ଟିମ୍‌ର ନେତୃତ୍ୱ ନେଉଥିବା ଭାଜପା ଏମ୍‌ପି ବୈଜୟନ୍ତ ପଣ୍ଡା ଏକ୍ସ'ରେ ସୂଚନା ଦେଇଛନ୍ତି। ତେବେ ତାଙ୍କ ଅବସ୍ଥା ସ୍ଥିର ଥିବା ବୈଜୟନ୍ତ କହିଛନ୍ତି। ଆଗକୁ ସାଉଦି ଆରବ ଓ ଅଲ୍‌ଜେରିଆ ଗସ୍ତ ବେଳେ ଆଜାଦ୍ ଅନୁପସ୍ଥିତ ରହିବେ। ଉଲ୍ଲେଖଯୋଗ୍ୟ, ପାକିସ୍ତାନର ଆତଙ୍କବାଦ ମୁଖା ଖୋଲିବା ସହ 'ଅପରେଶନ୍ ସିନ୍ଦୂର' ସମ୍ପର୍କରେ ଅବଗତ କରାଇବା ପାଇଁ ବୈଜୟନ୍ତଙ୍କ ନେତୃତ୍ୱାଧୀନ ବହୁଦଳୀୟ ପ୍ରତିନିଧି ମଣ୍ଡଳୀରେ ଭାଜପାର ନିଶିକାନ୍ତ ଦୁବେ, ଫାଙ୍ଗନୋନ୍ କୋନ୍ୟକ, ରେଖା ଶର୍ମା, ଏଆଇଏମ୍‌ଆଇଏମ୍ ମୁଖ୍ୟ ଅସାଦୁଦ୍ଦିନ ଓ୍ୱାଇସି, ମନୋନୀତ ଏମ୍‌ପି ସତନାମ ସିଂ ସାନ୍ଧୁ ଏବଂ ପୂର୍ବତନ ବହିର୍ବ୍ୟାପାର ସଚିବ ତଥା ରାଷ୍ଟ୍ରଦୂତ ହର୍ଷ ଶ୍ରୀଙ୍ଗଲା ସାମିଲ ଅଛନ୍ତି।

# ୨୫ ଲକ୍ଷର କ୍ଷତି ପାଇଁ ୧୦ ହଜାର ସହାୟତା

## ପାକିସ୍ତାନ ଗୁଳିଗୋଳା ବର୍ଷଣରେ ପ୍ରଭାବିତ କଶ୍ମୀର ସୀମାନ୍ତବାସୀଙ୍କ ଅସନ୍ତୋଷ

ଶ୍ରୀନଗର, ୨୮।୫



ଭାରତ ଏବଂ ପାକିସ୍ତାନ ମଧ୍ୟରେ ଚଳିତ ମାସର ଦ୍ୱିତୀୟ ସପ୍ତାହରେ ଉତ୍ତେଜନାପୂର୍ଣ୍ଣ ସ୍ଥିତି ଦେଖାଦେଇଥିଲା। ଏଥିରେ ଭାରତର ଜମ୍ମୁ-କଶ୍ମୀର ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିଲା। ପାକିସ୍ତାନର ଗୁଳିଗୋଳା ବର୍ଷଣରେ ଜମ୍ମୁ-କଶ୍ମୀରର ଅନେକ ସୀମାନ୍ତ ଗ୍ରାମବାସୀଙ୍କ ଘର ଭାଙ୍ଗିଯାଇଥିଲା। ଏକ ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଉତ୍ତର କଶ୍ମୀରସ୍ଥିତ କୁପ୍‌ୱାରା ଜିଲାର ନିୟନ୍ତ୍ରଣ ରେଖା (ଏଲ୍‌ଓସି) ନିକଟବର୍ତ୍ତୀ ସୋନାରା ଗ୍ରାମ ନିବାସୀ ମହମ୍ମଦ ମକ୍‌ବୁଲ ଖାନ୍ କହିଛନ୍ତି, ପାକିସ୍ତାନର ଗୁଳିଗୋଳା ବର୍ଷଣରେ ତାଙ୍କ ଘର ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇଛି। ତାଙ୍କର ସମୁଦାୟ ୨୫ରୁ ୩୦ ଲକ୍ଷ ଟଙ୍କାର କ୍ଷତି ହୋଇଥିବା ମହମ୍ମଦ କହିଛନ୍ତି। ଜମ୍ମୁ-କଶ୍ମୀରର ବରିଷ୍ଠ ସିଭିଲ ଏବଂ ପୋଲିସ ଅଧିକାରୀ ସୋନାରା ଗ୍ରାମକୁ ଆସି ତାଙ୍କ ଘର ସମେତ ଅନ୍ୟାନ୍ୟ ଘରଗୁଡ଼ିକର କ୍ଷୟକ୍ଷତି ଯାଞ୍ଚ କରିଥିଲେ। ଏହାପରେ ସରକାରଙ୍କ ପକ୍ଷରୁ ତାଙ୍କୁ କ୍ଷତିପୂରଣ ଆକାରରେ ୧୦ ହଜାର ଟଙ୍କାର ସାମାନ୍ୟ ସହାୟତା ଦିଆଯାଇଥିଲା। ଏହା ତାଙ୍କୁ ସ୍ତବ୍ଧ କରିଥିବା ମହମ୍ମଦ କହିଛନ୍ତି। ସେହିପରି କୁପ୍‌ୱାରା ଜିଲାର ସୀମାନ୍ତ ତଙ୍ଗଧର ଏବଂ କର୍ନାହ ଗ୍ରାମରେ ଶତାଧିକ ଘର ଏବଂ କୋଠା କ୍ଷତିଗ୍ରସ୍ତ ହୋଇଥିବା ଏହି ରିପୋର୍ଟ କହିଛି। ଏଲ୍‌ଓସି ନିକଟବର୍ତ୍ତୀ ଉରିର ପରମପିଲ୍ଲା ଗ୍ରାମନିବାସୀ ସୟଦ ମୁସ୍ତାଫା କହିଛନ୍ତି, ପାକିସ୍ତାନର ଗୁଳିଗୋଳା ବର୍ଷଣରେ ତାଙ୍କ ଘର ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ଘରର ଝରକା ଏବଂ କବାଟର କାଚ ଭାଙ୍ଗିଯିବା ସହ କାନ୍ଥରେ ଫାଟ ସୃଷ୍ଟି ହୋଇଛି। ସବୁକିଛି ହିସାବ କରାଗଲେ ତାଙ୍କ ପରିବାରର ଲକ୍ଷାଧିକ ଟଙ୍କାର କ୍ଷତି ହୋଇଛି। ଘରର ପୁନଃନିର୍ମାଣ ପାଇଁ ପର୍ଯ୍ୟାପ୍ତ କ୍ଷତିପୂରଣ ଦେବା ପରିବର୍ତ୍ତେ ସରକାର କେବଳ ୬,୫୦୦ ଟଙ୍କାର ସହାୟତା ରାଶି ଦେଇଛନ୍ତି।

# ଭିଜିଲାନ୍ସ ଜାଲରେ ରାଜସ୍ୱ ନିରୀକ୍ଷକ



ରାଜସ୍ୱ ନିରୀକ୍ଷକ ଶଶିଭୂଷଣ ବେହେରା।

## ନାମଜାରି କରିବାକୁ ୬୦ ହଜାର ଲାଞ୍ଚ ନେଉଥିଲେ

**ଢେଙ୍କାନାଳ, ୨୮।୫ (ରତନ ନାୟାର)**

ଢେଙ୍କାନାଳ ଜିଲା ହିନ୍ଦୋଳ ତହସିଲ ଅନ୍ତର୍ଗତ ଗଣ୍ଡାନାଳୀ ରାଜସ୍ୱ ସର୍କଲର ରାଜସ୍ୱ ନିରୀକ୍ଷକ ଶଶିଭୂଷଣ ବେହେରା ବୁଧବାର ସକାଳେ ନିଜ କାର୍ଯ୍ୟାଳୟରେ ୪ଟି ନାମଜାରି କରିବା ପାଇଁ ୬୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ତାଙ୍କ ସହଯୋଗୀ ତଥା ବେସରକାରୀ ଭାବେ ତାଙ୍କ ପାଖରେ କାମ କରୁଥିବା ବିଷ୍ଣୁବଲ୍ଲଭ ଖଟୁଆଙ୍କୁ ମଧ୍ୟ ଭିଜିଲାନ୍ସ ବିଭାଗ ଧରିଛି। ସେ ନୂଆବଗ ଗ୍ରାମର ଅଷ୍ଟମୀ ସାହୁଙ୍କ ଠାରୁ ଲାଞ୍ଚ ନେଉଥିଲେ। ଭିଜିଲାନ୍ସ ବିଭାଗ ଅଧିକାରୀମାନେ ତାଙ୍କ ଗଣ୍ଡାନାଳୀ ସ୍ଥିତ ସରକାରୀ କାର୍ଯ୍ୟାଳୟ, ଢେଙ୍କାନାଳ ସହରସ୍ଥିତ ସତ୍‌ସଙ୍ଗ ବିହାର ଓ ଗଁନ୍ଦିଆ ଥାନା ଯୋରନ୍ଦା ଫାଣ୍ଡିଖଙ୍କର ଗ୍ରାମରେ ଥିବା ତାଙ୍କର ପୈତୃକ ଗ୍ରାମରେ ଚଢ଼ାଉ ଜାରି ରଖିଥିବା ଜଣାପଡ଼ିଛି। ଗୋଟିଏ ନାମଜାରି କରିବାକୁ ସେ ୧୫ ହଜାର ଦାବି କରି ଅଭିଯୋଗକାରୀଙ୍କଠାରୁ ୬୦ ହଜାର ମାଗିଥିଲେ। ତଦନୁଯାୟୀ ରାଜସ୍ୱ ନିରୀକ୍ଷକ ସକାଳେ ନିଜର ସହଯୋଗୀ ବିଷ୍ଣୁବଲ୍ଲଭଙ୍କ ଜରିଆରେ ୬୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ।




# ସୀମା ବିବାଦ ଅଞ୍ଚଳ ଗସ୍ତ କରିବ ଗୃହ କମିଟି

**ଭୁବନେଶ୍ୱର, ୨୮।୫ (ରବିନାରାୟଣ ଜେନା)**

## ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକରେ ନିଷ୍ପତ୍ତି

ରାଜ୍ୟରେ ବିଭିନ୍ନ ଅଞ୍ଚଳରେ ଲାଗି ରହିଥିବା ସୀମା ବିବାଦ ସମ୍ପର୍କରେ ମଙ୍ଗଳବାର ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବିସ୍ତୃତ ଆଲୋଚନା ହୋଇଛି। ବିଧାନସଭା ୫୪ ନମ୍ବର ପ୍ରକୋଷ୍ଠରେ ଅନୁଷ୍ଠିତ ଏହି ବୈଠକରେ କୋଟିଆ, ଗଞ୍ଜାମ, ଗଜପତି, ବାଲେଶ୍ୱରର ବିବାଦୀୟ ଅଞ୍ଚଳ ସମ୍ପର୍କରେ ଆଲୋଚନା କରାଯାଇଛି। ଏହି ଅବସରରେ ବିଭିନ୍ନ ସୀମା ବିବାଦ ଅଞ୍ଚଳକୁ କମିଟି ଗସ୍ତ କରିବା ନେଇ ନିଷ୍ପତ୍ତି ହୋଇଥିବା ଜଣାପଡିଛି। ବୈଠକ ପରେ କମିଟି ସଦସ୍ୟ ତଥା ବିଜେଡି ବିଧାୟକ ଅଶ୍ୱିନୀ ପାତ୍ର କହିଛନ୍ତି, ବୈଠକରେ କୋଟିଆ, ପୋଲାଭରମ ଆଦି ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଆନ୍ଧ୍ର, ଛତିଶଗଡ଼, ଝାଡଖଣ୍ଡ ଓ ପଶ୍ଚିମବଙ୍ଗ ସହ ଥିବା ସୀମା ବିବାଦ ନେଇ ଗୃହ କମିଟି ବୈଠକରେ ଆଲୋଚନା ହୋଇଛି। କୋଟିଆ ଅଞ୍ଚଳ ନେଇ ଆନ୍ଧ୍ର ସହ ସ୍ୱାଧୀନତା ପରଠୁ ବିବାଦ ଲାଗି ରହିଛି। ସୁପ୍ରିମକୋର୍ଟରେ ମାମଲା ବିଚାରାଧୀନ ଅଛି। ଶିକ୍ଷା, ସ୍ୱାସ୍ଥ୍ୟ, ଓଡ଼ିଆ ଭାଷା ପ୍ରତି ଲୋକଙ୍କ ଆଗ୍ରହ ଆସିବା, ସରକାରୀ ସହାୟତା ଆଦି ତ୍ୱରାନ୍ୱିତ କରିବା ଲାଗି ପଦକ୍ଷେପ ନେବାକୁ ଆଲୋଚନା ହୋଇଛି। ବାଲେଶର ଜିଲାରେ ସୁବର୍ଣ୍ଣରେଖାକୁ ନେଇ ସୀମା ସମସ୍ୟା ରହିଛି। ସାହାବାଜପୁର ଓ ଭୋଗରାଇ ଅଞ୍ଚଳର ସମସ୍ୟା ଉପରେ ମଧ୍ୟ ଆଲୋଚନା ହୋଇଛି। ପଶ୍ଚିମବଙ୍ଗର ପ୍ରଶାସନ ସେଠାରେ ଖୁଣ୍ଟ ପୋତି ଦେଇଥିଲେ। ତେବେ ସେ ଖୁଣ୍ଟ ସବୁ ଓଡ଼ିଶା ଲୋକ ଓପାଡ଼ି ଦେଇଛନ୍ତି। ତାହାର ମଧ୍ୟ ସ୍ଥାୟୀ ସମସ୍ୟା ଆବଶ୍ୟକ ରହିଛି। ସେ ଅଞ୍ଚଳ ସବୁ କମିଟି ଗସ୍ତ କରିବା ପାଇଁ ବାଚସ୍ପତିଙ୍କୁ ଅନୁରୋଧ କରାଯାଇଛି ବୋଲି ଅଶ୍ୱିନୀ କହିଛନ୍ତି। ଭାଜପା ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ କହିଛନ୍ତି, କୋଟିଆ, ଗଞ୍ଜାମ, ଗଜପତି, ବାଲେଶ୍ୱର ଭଳି ବିଭିନ୍ନ ଅଞ୍ଚଳରେ ଥିବା ସୀମା ବିବାଦ ଅଞ୍ଚଳକୁ କମିଟି ଗସ୍ତ କରିବ। ଆଗାମୀ ଦିନରେ ସବୁ ବିଭାଗ ଅଫିସରଙ୍କୁ ନେଇ ସୀମା ବିବାଦ କମିଟିର ବୈଠକ ହେବ ବୋଲି ସେ କହିଛନ୍ତି। ବୈଠକରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ସହ ଭାଜପା ଓ ବିଜେଡି ସଦସ୍ୟମାନେ ଉପସ୍ଥିତ ଥିଲେ।

# ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରୁ ପିଲା ଚୋରି ଉଦ୍ୟମ

## ଉତ୍ତେଜନା, ୨ ମହିଳା ଥାନାରେ ଅଟକ

**ବାଲେଶ୍ୱର, ୨୮।୫ (ବାଞ୍ଛାନିଧି ଦେ)**



ଥାନାରେ ଅଟକ ଥିବା ଦୁଇ ମହିଳା।

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ପିଲା ଚୋରି ଉଦ୍ୟମ ହୋଇଛି। ମଙ୍ଗଳବାର ରାତି ପ୍ରାୟ ୨ଟା ୩୦ ବେଳେ ସ୍ତ୍ରୀ ଓ ପ୍ରସୂତି ବିଭାଗର ୪ ମହଲା ଉପରୁ ଜଣେ ମହିଳାଙ୍କ ୯ ଦିନର ଶିଶୁକନ୍ୟାକୁ ଦୁଇଜଣ ମହିଳା ଉଠାଇ ନେଇ ପଳାଇଯାଉଥିବା ଅଭିଯୋଗ ହୋଇଛି। ଲୋକେ ସମ୍ପୃକ୍ତ ୨ ମହିଳାଙ୍କୁ କାବୁ କରି ପୋଲିସ ଜିମା ଦେଇଥିବା ବେଳେ ପିଲା ଚୋରିକୁ ନେଇ ଉତ୍ତେଜନା ଦେଖାଦେଇଛି। ଅପରପକ୍ଷେ ଦୁଇ ମହିଳା କହିଛନ୍ତି, ସେମାନଙ୍କ ସମ୍ପର୍କୀୟଙ୍କର ଦୁଇ ମହଲାରେ ପିଲା ହୋଇଥିଲା। ଭୁଲ୍‌ବଶତଃ ସେମାନେ ୪ ମହଲାକୁ ଚାଲି ଆସିଥିଲେ। ଟାଉନ ଥାନା ଆଇଆଇସି ବିଜୟ କୁମାର ଦାସ ସଦଳବଳ ପହଞ୍ଚି ସମ୍ପୃକ୍ତ ଦୁଇ ମହିଳାଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛନ୍ତି। ଅଟକ ଦୁଇ ମହିଳାଙ୍କ ମଧ୍ୟରୁ ଜଣେ ପଶ୍ଚିମବଙ୍ଗ ଖଡ଼ଗପୁର ଅଞ୍ଚଳର ହୋଇଥିବା ବେଳେ ଅନ୍ୟ ଜଣକ ସ୍ଥାନୀୟ ବାଲେଶ୍ୱର ଅଞ୍ଚଳର ବୋଲି ଜଣାପଡ଼ିଛି। ଏନେଇ ବୁଧବାର ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଭୋଗରାଇ ବ୍ଲକ ଆରୁହାବୃତ୍ତି ଅଞ୍ଚଳର ସତ୍ୟବ୍ରତ ଦାସ ତାଙ୍କ ସ୍ତ୍ରୀଙ୍କ ପ୍ରସବ ପାଇଁ ଗତ ୧୮ ତାରିଖରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ୧୯ ତାରିଖରେ ତାଙ୍କର ଶିଶୁକନ୍ୟା ଜନ୍ମ ହୋଇଥିଲା। ଶିଶୁର ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ୨ ମହିଳା ଶିଶୁକନ୍ୟାକୁ ଉଠାଇ ନେଇଯାଉଥିବା ବେଳେ ନବଜାତକଙ୍କ ମା' ବାପା ନିଦରୁ ଉଠି ଚିତ୍କାର କରିଥିଲେ। ପରେ ପଚାରିବା ବେଳେ ଉଭୟ ଶିଶୁକନ୍ୟାକୁ ଥୋଇ ଦେଇ ଖସି ଦୌଡ଼ି ପଳାଇଯାଉଥିଲେ। ଜଣେ ଦୌଡ଼ି ପଳାଉଥିବା ବେଳେ ପଡ଼ିଯାଇ ତାଙ୍କ ମୁହଁ ଫାଟିଯାଇଥିଲା। ଅନ୍ୟ ଜଣେ ଲୁଚିଯାଇଥିଲେ। ଚିତ୍କାର ଶୁଣି ଅନ୍ୟ ରୋଗୀଙ୍କ ସମ୍ପର୍କୀୟମାନେ ଦୌଡ଼ି ଆସି ଦୁଇ ମହିଳାଙ୍କୁ କାବୁ କରି ମେଡିକାଲ ଫାଣ୍ଡିରେ ଜିମା ଦେଇଥିଲେ। ଘଟଣାକୁ ନେଇ ମେଡିକାଲ ଫାଣ୍ଡି ନିକଟରେ ଉତ୍ତେଜନା ଦେଖାଦେଇଥିଲା। ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ତେବେ ଏନେଇ କୌଣସି ମାମଲା ରୁଜୁ ହୋଇନାହିଁ। ଜିଲା ମୁଖ୍ୟ ଚିକିତ୍ସାଳୟରେ ବାରମ୍ବାର ପିଲା ଚୋରି ଘଟଣା ଘଟୁଥିବା ବେଳେ ସ୍ଥାନୀୟ କିଛି ତଳସ୍ତରର କର୍ମଚାରୀଙ୍କ ସମ୍ପୃକ୍ତି ନେଇ ସନ୍ଦେହ ପ୍ରକାଶ ପାଇଛି। ପୂର୍ବରୁ ଦୁଇ ଦୁଇଥର ଛୁଆ ଚୋରି ଘଟଣା ଦେଖିବାକୁ ମିଳିଥିଲେ ହେଁ ମେଡିକାଲ କର୍ତ୍ତୃପକ୍ଷ ଏହାକୁ ରୋକିବା ଦିଗରେ ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ ହେଉଛି।

# ଟ୍ରାକ୍ଟରକୁ ଧକ୍କା ଦେଲା ଟ୍ରକ୍: ୨ ମୃତ, ୩ ଗୁରୁତର

**ବୈଶିଙ୍ଗା, ୨୮।୫ (ରତନ ଦାଶ)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥର ଆଗ୍ରିଆ ଛକଠାରେ ବୁଧବାର ସକାଳ ୬ଟା ବେଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଉତ୍ତରପ୍ରଦେଶ ମିରଟ ଅଞ୍ଚଳର ଅତୁଲ ଭାରତୀ ଏବଂ ହରିୟାଣାର କର୍ଣ୍ଣାଲ ଜିଲା ଅଞ୍ଚଳର ସୁନ୍ଦର ଦୋଲ। ଗୁରୁତର ହରିୟାଣାର କର୍ଣ୍ଣାଲ ଜିଲା ଅଧୀନ ରାମଜୋର କଟାବାଗ ସେକ୍ଟର ୩୨ ଥାନା ଅଞ୍ଚଳର ପ୍ରଦୀପ ରଞ୍ଜନ, ହେରିଟେଜ ଅଞ୍ଚଳର ବିକାଶ କଲ୍ୟାଣ, ଇନ୍ଦିରା କଲୋନୀ ଜୁନ୍ଦାଲା ଗେଟ ସଦରଥାନା ଅଞ୍ଚଳର କରନ ଭଟନାଗରଙ୍କୁ ଚିକିତ୍ସା ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ସମସ୍ତେ ବାଲେଶ୍ୱରର ଜଣେ ଠିକାଦାରଙ୍କ ପାଖରେ କାମ କରୁଥିଲେ। ବାରିପଦାରୁ ଏକ ଟ୍ରାକ୍ଟର ନେଇ ସେମାନେ ବାଲେଶ୍ୱର ଫେରୁଥିଲା ବେଳେ ଟ୍ରକ୍‌ଟି ଦ୍ରୁତ ଗତିରେ ଆସି ଉକ୍ତ ଟ୍ରାକ୍ଟରକୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଟ୍ରାକ୍ଟରଟି ଭାଙ୍ଗି ଚୁରମାର ହୋଇଯାଇଛି।

# ବଦଳିଲେ ୩୬ ଓଏଏସ୍, ଓଆରଏସ୍ ଅଧିକାରୀ

**ଭୁବନେଶ୍ୱର, ୨୮।୫ (ରବିନାରାୟଣ ଜେନା)**

ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ମଙ୍ଗଳବାର ପ୍ରଶାସନିକ ସ୍ତରରେ ଅଦଳବଦଳ କରାଯାଇଛି। ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ୩୬ ଜଣ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍), ଓଡ଼ିଶା ରାଜସ୍ୱ ସେବା (ଓଆରଏସ୍) ଏବଂ ଓଡ଼ିଶା ମ୍ୟୁନିସିପାଲ ପ୍ରଶାସନିକ ସେବା (ଓଏମଏଏସ୍) ଅଧିକାରୀଙ୍କୁ ବଦଳି କରାଯାଇଛି। କନ୍ଧମାଳ ଟିକାବାଲିର ପୂର୍ବତନ ଅତିରିକ୍ତ ତହସିଲଦାର ଅବିନାଶ ମିଶ୍ରଙ୍କୁ ଦିଗପହଣ୍ଡି ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି। ସେହିଭଳି ଜ୍ଞାନଜୀତ ତ୍ରିପାଠୀଙ୍କୁ କୋରାପୁଟ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ, ସୋନପୁର ସହଜିଲାପାଳ ମାନସ ରଞ୍ଜନ ଭୋଇଙ୍କୁ ବିନିକା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ, ପ୍ରଦୀପ କୁମାର ପାଢ଼ୀଙ୍କୁ ବ୍ୟାସନଗର ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବଦଳି କରାଯାଇଛି। ଏହାବ୍ୟତୀତ ଅନ୍ୟ ୩୨ଜଣ ଓଏଏସ୍ ଏବଂ ଓଆରଏସ୍ ଅଧିକାରୀଙ୍କୁ ବିଭିନ୍ନ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବଦଳି କରାଯାଇଛି।

# ରାଜ୍ୟରେ ଆଉ ୫ କୋଭିଡ୍ ସଂକ୍ରମିତ ଚିହ୍ନଟ

**ଭୁବନେଶ୍ୱର, ୨୮।୫ (ବନ୍ଦନା ସେଠୀ)**

## ମୁକାବିଲା ପାଇଁ ସ୍ୱାସ୍ଥ୍ୟ ବିଭାଗ ପ୍ରସ୍ତୁତ ଅଛି: ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ରାଜ୍ୟରେ କୋଭିଡ୍ ସଂକ୍ରମଣ ବଢ଼ିବାରେ ଲାଗିଛି। ବୁଧବାର ଆଉ ୫ଜଣ କୋଭିଡ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଭୁବନେଶ୍ୱରରୁ ୪ ଓ ଖୋର୍ଦ୍ଧାରୁ ଜଣେ ସଂକ୍ରମିତ ରହିଥିବା ସୂଚନା ମିଳିଛି। ସେହିପରି ସଂକ୍ରମିତଙ୍କ ମଧ୍ୟରେ ୪ ଜଣ ପୁରୁଷ ଓ ଜଣେ ମହିଳା ପଜିଟିଭ ଚିହ୍ନଟ ହୋଇଛନ୍ତି। ତେବେ ଆଣ୍ଟିଜେନ କିଟ୍ କେତେ କାମ କରୁଛି, ତାହା ପରୀକ୍ଷା କରିବାକୁ ଭୁବନେଶ୍ୱରସ୍ଥିତ ଆର୍‌ଏମ୍‌ଆର୍‌ସିକୁ ପଠାଯାଇଛି। ଲକ୍ଷଣଯୁକ୍ତ ବ୍ୟକ୍ତିଙ୍କର ଆର୍‌ଟିପିସିଆର୍ ପରୀକ୍ଷା କରାଯିବ। ରିପୋର୍ଟ ଆସିବା ପରେ ତାଙ୍କୁ କୋଭିଡ୍ ହୋଇଛି କି ନାହିଁ ସେ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯିବ।

ସୂଚନାଯୋଗ୍ୟ, ଗତ କିଛିଦିନ ତଳେ ଭୁବନେଶ୍ୱରରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ସମ୍ପୃକ୍ତ ୭୦ବର୍ଷୀୟ ବ୍ୟକ୍ତି ଜଣକ ଦିଲ୍ଲୀ ଫେରନ୍ତା ବୋଲି ଜଣାପଡ଼ିଥିଲା। ସଂକ୍ରମିତ ଜଣାପଡ଼ିବା ପରେ ତାଙ୍କର ଜିନମ ସିକ୍ୱେନ୍ସିଂ ପାଇଁ ପଠାଯାଇଥିଲା। ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଜଣାପଡ଼ିଛି। ଏବେ ପୁଣି ରାଜଧାନୀରୁ ଆଉ ୪ଜଣ ସଂକ୍ରମିତ ଚିହ୍ନଟ ହେବା ଘଟଣା ଚିନ୍ତା ବଢ଼ାଇଛି। ତେବେ ଦେଶର ସ୍ଥିତିକୁ ଦେଖି ମୁକାବିଲା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି। ସେହିପରି କରୋନାକୁ ନେଇ ଭୟଭୀତ ନ ହେବାକୁ ପରାମର୍ଶ ସେ ଦେଇଛନ୍ତି। ଅପରପକ୍ଷେ ଦେଶରେ କୋଭିଡ ସ୍ଥିତିକୁ ନେଇ ବୁଧବାର କେନ୍ଦ୍ର ସ୍ୱାସ୍ଥ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିବାବେଳେ ଭିଡିଓ କନଫରେନ୍ସିଂରେ ସବୁ ରାଜ୍ୟର ଅଧିକାରୀ ସାମିଲ ହୋଇଥିଲେ। ଦେଶରେ ବ୍ୟାପୁଥିବା ଦୁଇଟି ଭାରିଆଣ୍ଟରେ କେବଳ ଥଣ୍ଡା କାଶ ଲକ୍ଷଣ ଦେଖାଯାଉଛି। ବୈଠକ ପରେ କରୋନାକୁ ନେଇ ଗାଇଡ୍‌ଲାଇନ ଆସିପାରେ ବୋଲି ସୂଚନା ଦିଆଯାଇଛି।

# ଆଜିଠୁ ମୁଖ୍ୟମନ୍ତ୍ରୀ ରିସର୍ଚ୍ଚ ଫେଲୋଶିପ୍ ପାଇଁ ଆବେଦନ

**ଭୁବନେଶ୍ୱର, ୨୮।୫ (ଅନୁରାଧା ମହାରଣା)**

ମୁଖ୍ୟମନ୍ତ୍ରୀ ରିସର୍ଚ୍ଚ ଆଣ୍ଡ୍ ଇନୋଭେଶନ୍ ଫେଲୋଶିପ୍ ପ୍ରୋଗ୍ରାମ୍ ଅଧୀନରେ ଗୁରୁବାରଠାରୁ ମୁଖ୍ୟମନ୍ତ୍ରୀ ରିସର୍ଚ୍ଚ ଫେଲୋଶିପ୍ ପାଇଁ ଆବେଦନ ଆରମ୍ଭ ହେବ। ପିଏଚ୍‌ଡି ଆଶାୟୀମାନେ ସାମ୍ସ ମାଧ୍ୟମରେ ଆବେଦନ କରିପାରିବେ। ଜୁନ୍ ୨୪ ଆବେଦନର ଶେଷ ତାରିଖ ରହିଛି। ଆବେଦନରେ କୌଣସି ପରିବର୍ତ୍ତନ କିମ୍ବା ତ୍ରୁଟି ଥିଲେ ଆବେଦନକାରୀ ୨୫ ତାରିଖରେ ସଂଶୋଧନ କରିପାରିବେ। ତେବେ ଏହିଦିନ ନୂଆ ଆବେଦନ କରିହେବ ନାହିଁ। ଜୁଲାଇ ୩ରେ ଓକାକ୍ ପକ୍ଷରୁ ଆବେଦନକାରୀଙ୍କ ତଥ୍ୟ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ (ଓଏସ୍‌ଏଚ୍‌ଇସି)ରେ ଦାଖଲ କରାଯିବ। ପରବର୍ତ୍ତୀ ସମୟରେ ଓଏସ୍‌ଏଚ୍‌ଇସି ପକ୍ଷରୁ ଆବେଦନକାରୀଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟ ଯାଞ୍ଚ କରାଯିବ। ସୂଚନା ଥାଉକି, ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧୀନସ୍ଥ ୧୫ଟି ବିଶ୍ୱବିଦ୍ୟାଳୟରେ ଗବେଷଣା ପାଇଁ ଛାତ୍ରୀଛାତ୍ର ସୁଯୋଗ ପାଇବେ।

# ଦେୱାନି, ସାମ୍ବିଧାନିକ ମାମଲା ପରିଚାଳନାରେ ସିଦ୍ଧହସ୍ତ ଜଷ୍ଟିସ୍ ପାଠକ

**କଟକ, ୨୮।୫ (କାର୍ତ୍ତିକ ସାହୁ)**

ଗୌହାଟି ହାଇକୋର୍ଟର ବିଚାରପତି ଭାବେ କାର୍ଯ୍ୟରତ ମାନସ ରଞ୍ଜନ ପାଠକ ଓଡ଼ିଶା ହାଇକୋର୍ଟର ନୂଆ ବିଚାରପତି ହେବେ। ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ବି.ଆର୍ ଗଭାଇ ଏବଂ ଅନ୍ୟ ୪ଜଣ ବରିଷ୍ଠ ବିଚାରପତିଙ୍କୁ ନେଇ ଗଠିତ କଲେଜିୟମ୍ ଜଷ୍ଟିସ୍ ପାଠକଙ୍କୁ ଓଡ଼ିଶା ହାଇକୋର୍ଟକୁ ବଦଳି କରିବାକୁ ସୁପାରିସ କରିଛନ୍ତି। ସୁପ୍ରିମ୍‌କୋର୍ଟ କଲେଜିୟମ୍ ୨୧ଜଣ ବିଚାରପତିଙ୍କ ବଦଳି ନିମନ୍ତେ ସୁପାରିସ କରିଛନ୍ତି। ତନ୍ମଧ୍ୟରେ ଜଷ୍ଟିସ୍ ପାଠକଙ୍କୁ ଓଡ଼ିଶା ହାଇକୋର୍ଟକୁ ବଦଳି କରାଯିବାକୁ କଲେଜିୟମ୍ ସୁପାରିସ କରିଥିବା ସୂଚନା ରହିଛି। ଓଡ଼ିଶା ହାଇକୋର୍ଟରେ ଏବେ ୧୮ଜଣ ବିଚାରପତି କାର୍ଯ୍ୟରତ ଅଛନ୍ତି।

ପ୍ରକାଶ ଯେ, ଜଷ୍ଟିସ୍ ପାଠକ ୧୯୬୫ ଅଗଷ୍ଟ ୨୮ରେ ଗୌହାଟିରେ ଜନ୍ମ ଗ୍ରହଣ କରିଥିଲେ। ସେ ହରପ୍ରିୟା ବିଦ୍ୟାପୀଠରେ ପ୍ରାଥମିକ ଶିକ୍ଷା, ଏମ୍‌ସିଏମ୍‌ଇ ଉଜାନ୍‌ବଜାରରେ ମାଧ୍ୟମିକ ଶିକ୍ଷାଲାଭ ପରେ ଅମ୍ବାରୀ କେନ୍ଦ୍ରୀୟ ବିଦ୍ୟାଳୟରେ ଉଚ୍ଚ ମାଧ୍ୟମିକ ଶିକ୍ଷା, ବେଙ୍ଗାଲୁରୁର ସେଣ୍ଟ ଜୋଶେଫ୍ କଲେଜ୍‌ରେ ଗ୍ରାଜୁଏଶନ୍ ଏବଂ ଗୌହାଟି ବିଶ୍ୱବିଦ୍ୟାଳୟ ଅଧୀନ ସରକାରୀ ଆଇନ ମହାବିଦ୍ୟାଳୟ ପାନବଜାରରେ ଆଇନ ଶିକ୍ଷା ଶେଷ କରିଥିଲେ। ସେ ୧୯୯୦ରେ ଆସାମ ଆଇନଜୀବୀ ପରିଷଦରେ ଓକିଲାତି ପେସାରେ ନାମ ପଞ୍ଜୀକରଣ କରିଥିଲେ। ଦେୱାନି, ସାମ୍ବିଧାନିକ, ଜମି ଅଧିଗ୍ରହଣ ଆଦି ମାମଲା ପରିଚାଳନାରେ ସେ ବେଶ୍ ସିଦ୍ଧହସ୍ତ। ସେ ଗୌହାଟି ହାଇକୋର୍ଟରେ ଷ୍ଟାଣ୍ଡିଂ କାଉନ୍‌ସେଲ, ତ୍ରିପୁରା ନିମନ୍ତେ ଷ୍ଟାଣ୍ଡିଂ କାଉନ୍‌ସେଲ୍ ଭାବରେ ନିଯୁକ୍ତି ପାଇଥିଲା ବେଳେ ଆସାମାର ଲ' କମିଶନ ସଦସ୍ୟ ଏବଂ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ'ର ମଧ୍ୟ ସଦସ୍ୟ ଭାବେ ନିଯୁକ୍ତି ପାଇଥିଲେ। ୨୦୧୩ ମେ ୨୨ରେ ଗୌହାଟି ହାଇକୋର୍ଟର ଅତିରିକ୍ତ ବିଚାରପତି ଭାବେ ନିଯୁକ୍ତି ପାଇଥିଲେ। ୨୦୧୮ ନଭେମ୍ବର ୧୨ରେ ଗୌହାଟି ହାଇକୋର୍ଟର ବିଚାରପତି ପଦ ମଣ୍ଡନ କରିଥିଲେ।




# ‘ଏ ବ୍ରିଫ୍ ହିଷ୍ଟ୍ରି ଅଫ୍ ଓଡ଼ିଶା ଲେଜିସ୍‌ଲେଟିଭ୍ ଆସେମ୍ବ୍ଲି’ ପୁସ୍ତକ ଉନ୍ମୋଚିତ




‘ଏ ବ୍ରିଫ୍ ହିଷ୍ଟ୍ରି ଅଫ୍ ଓଡ଼ିଶା ଲେଜିସ୍‌ଲେଟିଭ୍ ଆସେମ୍ବ୍ଲି’ ପୁସ୍ତକ ଉନ୍ମୋଚନ ଅବସରରେ ବାଚସ୍ପତି ସୁରମା ପାଢ଼ୀଙ୍କ ସମେତ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ଅନ୍ୟମାନେ। (ଫଟୋ– ମନୋରଞ୍ଜନ ମିଶ୍ର)

**ଭୁବନେଶ୍ୱର, ୨୮।୫ (ସୌମ୍ୟରଞ୍ଜନ ରାଉତ)**

ଓଡ଼ିଶା ବିଧାନସଭାର ଗବେଷଣା ଶାଖା ପକ୍ଷରୁ ‘ଏ ବ୍ରିଫ୍ ହିଷ୍ଟ୍ରି ଅଫ୍ ଓଡ଼ିଶା ଲେଜିସ୍‌ଲେଟିଭ୍ ଆସେମ୍ବ୍ଲି’ (ଓଡ଼ିଶା ବିଧାନସଭାର ସଂକ୍ଷିପ୍ତ ଇତିହାସ) ପୁସ୍ତକ ମଙ୍ଗଳବାର ବାଚସ୍ପତି ସୁରମା ପାଢ଼ୀଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଆମ ସମସ୍ତଙ୍କ ପାଇଁ ଏହି ପୁସ୍ତକ ପ୍ରକାଶନର ଯଥାର୍ଥତା ରହିଛି। ଏହା ଲୋକପ୍ରତିନିଧିଙ୍କଠାରୁ ଆରମ୍ଭକରି ଗବେଷକ, ବୁଦ୍ଧିଜୀବୀ, ବିଦ୍ୟାର୍ଥୀ ତଥା ସାଧାରଣ ଜନତାଙ୍କ ପାଇଁ ନିଶ୍ଚିତ ଭାବେ ଉପାଦେୟ ହୋଇପାରିବ ବୋଲି ବାଚସ୍ପତି ଆଶାବ୍ୟକ୍ତ କରିଛନ୍ତି। ପ୍ରଥମ ବିଧାନସଭାଠାରୁ ଚଳିତ ସପ୍ତଦଶ ବିଧାନସଭା ନିର୍ବାଚନ ପର୍ଯ୍ୟନ୍ତ ଏବଂ ଦାୟିତ୍ୱରେ ଥିବା ରାଜ୍ୟପାଳ, ବାଚସ୍ପତି, ଗୃହର ନେତା (ମୁଖ୍ୟମନ୍ତ୍ରୀ), ବିରୋଧୀ ଦଳ ନେତା, ଉପବାଚସ୍ପତି, ବିଧାନସଭା ସଚିବାଳୟର ସଚିବଙ୍କ ସହ ବିଭିନ୍ନ ପର୍ଯ୍ୟାୟରେ ମନ୍ତ୍ରିମଣ୍ଡଳ ଗଠନ, ସାଧାରଣ ନିର୍ବାଚନ, ଉପନିର୍ବାଚନ, ଦଳୀୟ ସ୍ଥିତି ସହିତ ବିଧାନସଭା ସମ୍ପର୍କିତ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଏହି ପୁସ୍ତକରେ ସ୍ଥାନ ପାଇଛି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ଉପବାଚସ୍ପତି ଭବାନୀଶଙ୍କର ଭୋଇ, ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକବୃନ୍ଦ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ଗବେଷଣା ଶାଖାର ନିର୍ଦ୍ଦେଶକ ଡ. ତ୍ରିବିକ୍ରମ ପ୍ରଧାନ, ପୁସ୍ତକ ସଂକଳନରେ ସଂପୃକ୍ତ ଗବେଷଣା ଅଧିକାରୀ ଜୟକୃଷ୍ଣ ପ୍ରଧାନ, ପ୍ରଶାନ୍ତ ଦାସ ଏବଂ ଅମୂଲ୍ୟ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

**FREE HOTEL MANAGEMENT COURSES AT SIHM, BALANGIR (ODISHA)**
**(ONLY FOR SUNDARGARH DISTRICT)**

Eligible students belonging to all sections (SC/ST/OBC/Gen) from the mining affected Blocks (Bonaigarh, Gurundia, Hemgir, Koida, Kuarmunda, Kutra, Lahunipada, Nuagaon, Lephripada Lathikata, Rajgangpur, Rajgangpur MPL, Biramitrapur MPL, Rourkela Municipal Corp. of SUNDARGARH District can enroll themselves at SIHM, Balangir free of cost for Degree, Diploma and Craft Courses for the Academic Year 2024-25. The entire expenses of Course & Hostel Fees will be sponsored by District Mineral Foundation (DMF), Sundargarh.

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. B.Sc In Hospitality & Hotel Administration | 03 Years | 10+2 pass or equivalent with English one of the subject at the 12th level | No Age Limit |
| 2. Diploma in Front Office Operation, Food Production, Housekeeping Operation, Food & Beverage Service and Bakery & Confectionery | $1\frac{1}{2}$ Year | 10+2 pass or equivalent | |
| 3. Craftsmanship Certificate Course in Food Production | 06 Months | 10th pass | |
| 4. Craftsmanship Certificate Course in Food & Beverage Service | $1\frac{1}{2}$ Year | 10th pass | |

VISIT STATE IHM, BALANGIR FOR FURTHER DETAILS
STATE INSTITUTE OF HOTEL MANAGEMENT, DIGITAL DOOR NO. ODBLGBIJ01A002, BIJAKHAMAN, BALANGIR (ODISHA)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA)
Visit our website - www.sihmbalangir.org, e-mail: admissions@sihmbalangir.org
Contact No. 8447903803, 9437140772, 8018581031
NCHMCT

# ପୋଲିସ ନ ଶୁଣିବାରୁ ଯୁବକଙ୍କ ଆତ୍ମହତ୍ୟା

ଭୁବନେଶ୍ୱର,୨୮।୫ (ସତ୍ୟଜିତ ରାଉତ)

ଆକ୍ରମଣ ମାମଲାରେ ପୋଲିସ କାର୍ଯ୍ୟାନୁଷ୍ଠାନ ନ ନେବାରୁ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ଭୁବନେଶ୍ୱର ଭରତପୁର ଥାନା ଅଞ୍ଚଳରେ ବୁଧବାର ସକାଳେ ଏହି ଘଟଣା ଘଟିଛି। ମୃତ ଯୁବକ ହେଲେ ଭରତପୁର ଥାନା ଅଧୀନ ମହାବୀର ବସ୍ତିର ଉମାକାନ୍ତ ସେଠୀ(୩୯)। ଉମାକାନ୍ତ ଦଉଡ଼ି ଦ୍ୱାରା ଝୁଲି ନିଜ ଘରେ ଜୀବନ ହାରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ପୋଲିସର ନିଷ୍କ୍ରିୟତା ପାଇଁ ଉମାକାନ୍ତ ଏଭଳି ଚରମ ନିଷ୍ପତ୍ତି ନେଇଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି।

ସୂଚନା ଅନୁଯାୟୀ, ଉମାକାନ୍ତ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ କିଛି ମାସ ହେଲା ସମ୍ପର୍କ ଭଲ ନ ଥିଲା। ଏପରିକି ଦମ୍ପତିଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, କିଛିଦିନ ତଳେ ଉମାକାନ୍ତଙ୍କ ସ୍ତ୍ରୀ ଆଉ ଜଣେ ଯୁବକଙ୍କ ସହ ପଳାଇ ଯାଇଥିଲେ। ଫଳରେ ଉମାକାନ୍ତ ମାନସିକ ଚାପରେ ଥିଲେ। ତେବେ ସ୍ତ୍ରୀ କିଛିଦିନ ତଳେ ସ୍ଥାନୀୟ ଅଞ୍ଚଳକୁ ଏକ ଭୋଜିରେ ଆସିଥିବାବେଳେ ବୁଝାମଣା ପାଇଁ ଉମାକାନ୍ତ ସେଠାକୁ ଯାଇଥିଲେ। ତେବେ ସ୍ତ୍ରୀ ଅନ୍ୟମାନଙ୍କୁ ଲଗାଇ ତାଙ୍କୁ ମାଡ଼ପିଟ କରିଥିଲେ। ଫଳରେ ଉମାକାନ୍ତଙ୍କ ଗୋଡ଼ ଭାଙ୍ଗିଯିବା ସହ ସେ ଆହତ ହୋଇଥିଲେ। ଏନେଇ ୩ଦିନ ତଳେ ଭରତପୁର ଥାନାରେ ଉମାକାନ୍ତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରିଥିଲେ ମଧ୍ୟ ତଦନ୍ତ କରି ନ ଥିଲା। ଏପରିକି ପୋଲିସ ତାଙ୍କ କଥା ନ ଶୁଣି ସ୍ତ୍ରୀଙ୍କ କଥାକୁ ଗୁରୁତ୍ୱ ଦେଇଥିଲା। ଫଳରେ ଉମାକାନ୍ତ ପୋଲିସ ଉପରୁ ଭରସା ତୁଟାଇ ଆତ୍ମହତ୍ୟା ପାଇଁ ଚରମ ନିଷ୍ପତ୍ତି ନେଇଥିଲେ। ଉମାକାନ୍ତଙ୍କ ମୃତ୍ୟୁ ପରେ ପରିବାର ଲୋକେ, ସମ୍ପର୍କୀୟ ଓ ସ୍ଥାନୀୟ ଲୋକେ ଉତ୍ତେଜିତ ହୋଇଥିଲେ। ସେମାନେ ଖଣ୍ଡଗିରି-ଚନ୍ଦକା ରାସ୍ତାରେ ଆନ୍ଦୋଳନ କରିବା ସହ ପୋଲିସ ବିରୋଧରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଶତାଧିକ ଲୋକ ରୁଣ୍ଡ ହେବା ଫଳରେ ବହୁ ଗାଡ଼ିମୋଟର ଅଟକି ରହିଥିଲା। ଜୋନ - ୩ ଏସିପି ତାପସ ପ୍ରଧାନ, ଥାନାଧିକାରୀ ଦୀପକ ଖଣ୍ଡାୟତରାୟ ପ୍ରମୁଖ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଫଳରେ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ପରେ ରାସ୍ତାରୋକୋ ପ୍ରତ୍ୟାହାର ହୋଇଥିଲା। ଏହି ଘଟଣାରେ ଅଧିକ ତଦନ୍ତ କରାଯାଉଥିବା ଏସିପି ପ୍ରଧାନ କହିଛନ୍ତି।

**କାର୍ଯ୍ୟାନୁଷ୍ଠାନ ଦାବିରେ ରାସ୍ତାରୋକୋ କଲେ ପରିବାର ଲୋକେ**

## ପ୍ରଥମ ପୃଷ୍ଠାରୁ...

### ଓଡ଼ିଶା ଛୁଇଁଲା...

ହେବ। ପରବର୍ତ୍ତୀ ଦୁଇଦିନ ବଜ୍ରପାତ ସହ ପ୍ରବଳ ବର୍ଷା ହୋଇପାରେ। ଗୁରୁବାର ଅନୁଗୋଳ, ବାଲେଶ୍ୱର, ଭଦ୍ରକ, ବୌଦ୍ଧ, ଗଞ୍ଜାମ, ଜଗତ୍‌ସିଂହପୁର, କେନ୍ଦ୍ରପଡ଼ା, ମୟୂରଭଞ୍ଜ, ନୟାଗଡ଼, ପୁରୀ, ସୁବର୍ଣ୍ଣପୁର ଆଦି ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ମାଲକାନଗିରି, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ବାଲେଶ୍ୱର, ପୁରୀ, ନୟାଗଡ଼, ଖୋର୍ଦ୍ଧା, କଟକ ଓ ଯାଜପୁର ଆଦି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହି ସମୟରେ ଘଡ଼ଘଡ଼ି ସହିତ ବର୍ଷା ସାଙ୍ଗକୁ ଘଣ୍ଟାପ୍ରତି ୫୦ରୁ ୬୦ କିଲୋମିଟର ବେଗରେ ପବନ ବହିପାରେ। ଏଥିପାଇଁ ସତର୍କ ରହିବାକୁ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଜାରି କରାଯାଇଛି। ଏସ୍‌ଆର୍‌ସିଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମତ୍ସ୍ୟଜୀବୀମାନେ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି। ଫସଲ କ୍ଷୟ ସମ୍ଭାବନା ରହିଥିବାରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭାଙ୍ଗକୁ ଚୁଡ଼ା ଘଷା, ମାଉଁଷକୁ ମଦ;**
**ଗଞ୍ଜାଇ କି ଘିଅଭାତ, ଅଫିମକୁ ଦୁଧ ।**

ଭାଙ୍ଗ ସହିତ ଚୁଡ଼ାଘଷା ଓ ମଦ ସହିତ ମାଂସ ଖିଆଯିବା ଭଳି ଗଞ୍ଜେଇ ସହ ଘିଅଭାତ ତଥା ଅଫିମ ସହିତ କ୍ଷୀର ଖିଆଯାଉଥିବାର ଜଣାଯାଇଥାଏ। ଏପରି ଖାଦ୍ୟ ଖାଇବାରେ ଏକ ଅଲଗା ପ୍ରକାରର ମଜା ମଧ୍ୟ ରହିଥାଏ। ବିଭିନ୍ନ ନିଶାଦ୍ରବ୍ୟ ସେବନ ସହ ଉପଯୁକ୍ତ ଖାଦ୍ୟ ଖାଇବା ନେଇ ଏଠାରେ ବର୍ଣ୍ଣନା କରାଯାଇଛି।

**ଭକି ଗାଁରେ କୁଜି,**
**ଯେଉଁ ଗାଁରେ ଦେବତା ନ ଥାନ୍ତି,**
**ଶୀଳପୁଆଟାଏ ପୁଜି ।**

ସାଧାରଣତଃ ଯୋଗ୍ୟ ବ୍ୟକ୍ତିଙ୍କୁ ଯଥୋଚିତ ସମ୍ମାନ ମିଳୁଥିବାବେଳେ ସେମାନେ ସମସ୍ତଙ୍କର ପ୍ରଶଂସାର ପାତ୍ର ପାଲଟିଥାନ୍ତି। ତେବେ ଯୋଗ୍ୟ ବ୍ୟକ୍ତି ନ ଥିବା ବେଳେ ଅଯୋଗ୍ୟ ବ୍ୟକ୍ତି ଆଦର ଲଭେ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ବୁଧବାର ଦିନ ୧୧ଟା ୩୦ରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପର୍ବତାରୋହୀଙ୍କ ପଥ ପ୍ରଦର୍ଶକ ଏଡ୍‌ମଣ୍ଡ, ନୋର୍ଗେ

**ଅନ୍ତର୍ଜାତୀୟ ଏଭରେଷ୍ଟ ଦିବସ**



ପୃଥିବୀର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ ଏଭରେଷ୍ଟ। ୮,୮୪୮ ମିଟର (୨୯,୦୨୯ ଫୁଟ) ଉଚ୍ଚତାର ଏହି ପର୍ବତ ଶିଖରରେ ପହଞ୍ଚିବା ଲାଗି ଅନେକେ ଚେଷ୍ଟା କରିଥିଲେ। ୧୯୫୩ ମସିହା ମେ' ୨୯ରେ ନ୍ୟୁଜିଲ୍ୟାଣ୍ଡର ସାର୍ ଏଡମଣ୍ଡ ହିଲାରୀ ଏବଂ ନେପାଳର ତେନଜିଂ ନୋର୍ଗେ ଶେର୍ପା ପ୍ରଥମେ ଏଭରେଷ୍ଟ ଆରୋହଣ କରିବାରେ ସଫଳ ହୋଇଥିଲେ। ଅଧିକାଂଶ ଚୀନ ପାର୍ଶ୍ୱରୁ ଏଭରେଷ୍ଟ ଆରୋହଣ ପାଇଁ ଚେଷ୍ଟା କରିଥିବାବେଳେ ଏଡମଣ୍ଡ ଏବଂ ତେନଜିଂ ଦକ୍ଷିଣ ନେପାଳ ପାର୍ଶ୍ୱରୁ ଏଭରେଷ୍ଟ ପର୍ବତ ଚଢ଼ିବାରେ ସଫଳ ହୋଇଥିଲେ। ତେବେ ଏଡମଣ୍ଡ ହିଲାରୀଙ୍କ ମୃତ୍ୟୁ ପରେ ୨୦୦୮ ମସିହାରେ ଅନ୍ତର୍ଜାତୀୟ ଏଭରେଷ୍ଟ ଦିବସ ଘୋଷଣା କରାଯାଇଥିଲା। ନେପାଳ ସରକାର ମେ ୨୯କୁ ହିଲାରୀ ଏବଂ ନୋର୍ଗେଙ୍କ ଐତିହାସିକ ସଫଳତାକୁ ସମ୍ମାନ ଜଣାଇବା ପାଇଁ ଉକ୍ତ ଦିବସ ପାଳନ ଲାଗି ଘୋଷଣା କରିଥିଲେ। ସେବେଠାରୁ ପ୍ରତିବର୍ଷ ମେ'୨୯ରେ ଅନ୍ତର୍ଜାତୀୟ ଏଭରେଷ୍ଟ ଦିବସ ପାଳିତ ହୋଇଆସୁଛି। ଏହୁହିଁଙ୍କ ଏଭରେଷ୍ଟ ଶିଖର ଛୁଇଁବା ସଫଳତା ଅଗଣିତ ପର୍ବତାରୋହୀଙ୍କୁ ଅନୁପ୍ରାଣିତ କରିଛି।

ଅନ୍ତର୍ଜାତୀୟ ଏଭରେଷ୍ଟ ଦିବସ ନେପାଳ ଏବଂ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ଘନିଷ୍ଠ ସମ୍ପର୍କକୁ ସ୍ମରଣ କରାଇଥାଏ। ତେବେ ପର୍ବତାରୋହଣ କୃତିତ୍ୱ ବ୍ୟତୀତ, ହିଲାରୀ ନେପାଳରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିଲେ। ସେ ଶେର୍ପାମାନଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ୧୯୬୦ ମସିହାରେ ହିମାଳୟନ ଟ୍ରଷ୍ଟ ପ୍ରତିଷ୍ଠା କରିଥିଲେ। ଏହି ସଂଗଠନ ମାଧ୍ୟମରେ ସେ ଦୁର୍ଗମ ସୋଲୁଖୁମ୍ବୁ ଅଞ୍ଚଳରେ ସ୍କୁଲ, ହସ୍ପିଟାଲ ଏବଂ ଭିତ୍ତିଭୂମି ନିର୍ମାଣର ନେତୃତ୍ୱ ନେଇଥିଲେ। ତାଙ୍କ ପ୍ରୟାସ ଯୋଗୁଁ ଶେର୍ପାମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଜୀବନଧାରଣ ମାନରେ ଉନ୍ନତି ଆସିଥିଲା, ଯାହା ତାଙ୍କୁ ନେପାଳରେ ଅନେକ ସମ୍ମାନ ଏବଂ କୃତଜ୍ଞତା ପ୍ରଦାନ କରିଥିଲା। ଅପରପକ୍ଷେ ତେନଜିଂ ନୋର୍ଗେ ଏଭରେଷ୍ଟ ଶିଖରରେ ପହଞ୍ଚି ସାର୍ ଏଡମଣ୍ଡ ହିଲାରୀଙ୍କ ସହ ଇତିହାସ ରଚିଥିଲେ। ନୋର୍ଗେଙ୍କ ସଫଳତା ଉଚ୍ଚ-ଉଚ୍ଚ ପର୍ବତାରୋହଣରେ ଶେର୍ପା ପର୍ବତାରୋହୀଙ୍କ ଆବଶ୍ୟକ ଭୂମିକାକୁ ଆଲୋକିତ କରିଥିଲା।

# ସରକାର ବଢ଼ାଇଲେ ମନ୍ତ୍ରୀ, ଅଫିସରଙ୍କ ଗାଡ଼ି ଖର୍ଚ୍ଚ

ଭୁବନେଶ୍ୱର,୨୮।୫ (ସୁନିତ୍ ମିଶ୍ର)

ରାଜ୍ୟ ସରକାର ବିଭିନ୍ନ ଅଫିସର ଏବଂ ମନ୍ତ୍ରୀମାନଙ୍କ ମାସିକ ଗାଡ଼ିଭଡ଼ା ବାବଦକୁ ବରାଦ ରହିଥିବା ଅର୍ଥରାଶିରେ ବୃଦ୍ଧି କରିଛନ୍ତି। ୨୦୧୯ ମସିହାରେ ଅର୍ଥ ବିଭାଗ ପକ୍ଷରୁ ଯେଉଁ ଗାଡ଼ି ଭଡ଼ା ରାଶି ବରାଦ ରହିଥିଲା ବୁଧବାର ଏଥିରେ ପରିବର୍ତ୍ତନ କରାଯାଇଛି। ଅର୍ଥ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ପୂର୍ବରୁ ମନ୍ତ୍ରୀମାନଙ୍କ ଭଡ଼ା ବାବଦକୁ ଯେଉଁ ୪୨ ହଜାର ଟଙ୍କା ମାସିକ ଦିଆଯାଉଥିଲା ତାହା ଏବେ ୫୦ ହଜାର ୪୦୦ଟଙ୍କାକୁ ବୃଦ୍ଧି କରାଯାଇଛି। ରାଜ୍ୟର ଉଚ୍ଚପଦସ୍ଥ ଆଇଏଏସ୍ ଅଫିସରଙ୍କୁ ମଧ୍ୟ ସମାନ ଗାଡ଼ି ଭଡ଼ା ପ୍ରଦାନ କରାଯିବ। ଗୋଟିଏ ଲିଟରରେ ସର୍ବାଧିକ ୯ କି.ମି. ଯାଉଥିବା ଗାଡ଼ି ପାଇଁ ଏହି ଅର୍ଥରାଶି ବରାଦ ହୋଇଛି। ସେହିପରି ଆପେକ୍ସ ସ୍କେଲ୍‌ର ଅଫିସରମାନେ ମଧ୍ୟ ଗାଡ଼ି ଭଡ଼ା ବାବଦକୁ ମାସିକ ୫୦ ହଜାର ୪୦୦ ଟଙ୍କା ପାଇବେ। ପ୍ରମୁଖ ସଚିବ ର୍ୟାଙ୍କ୍‌ର ଅଫିସର ଯେଉଁମାନେ ପୂର୍ବରୁ ୩୦ ହଜାର ଟଙ୍କା ଲେଖାଏ ଗାଡ଼ିଭଡ଼ା ପାଉଥିଲେ ସେମାନେ ଏଣିକି ଯେଉଁ ଗାଡ଼ି ବ୍ୟବହାର କରିବେ ତା'ର ଭଡ଼ା ବାବଦକୁ ୩୬ହଜାର ଟଙ୍କା ଲେଖାଏ ସ୍ଥିର କରାଯାଇଛି। ସ୍ୱତନ୍ତ୍ର ସଚିବ, ଅତିରିକ୍ତ ସଚିବ ଏବଂ ନିର୍ଦ୍ଦେଶକ ପାହ୍ୟାର ଅଫିସରମାନେ ଯେଉଁ ଗାଡ଼ି ବ୍ୟବହାର କରୁଥିଲେ ପୂର୍ବରୁ ତା'ର ମାସିକ ଭଡ଼ା ୨୬ ହଜାର ଟଙ୍କା ଥିବାବେଳେ ଏବେ ତାହା ୩୧ହଜାର ୨୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଡିପାର୍ଟମେଣ୍ଟର ମୁଖ୍ୟ ଯେଉଁମାନେ ଗାଡ଼ି ଭଡ଼ା ବାବଦକୁ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ପାଉଥିଲେ ସେମାନଙ୍କ ଗାଡ଼ି ଭଡ଼ା ୨୪ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଜିଲାପାଳ, ଏସ୍‌ପି ଏହିପରି ସମାନ ର୍ୟାଙ୍କ୍‌ର ଅଫିସର ଯେଉଁ ଗାଡ଼ି ବ୍ୟବହାର କରୁଥିଲେ ସେ ବାବଦକୁ ଆଗରୁ ୩୭ ହଜାର ଟଙ୍କା ପାଉଥିବା ବେଳେ ଏବେ ସେମାନଙ୍କ ମାସିକ ଗାଡ଼ିଭଡ଼ା ୪୪ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ବ୍ଲକ୍, ତହସିଲର ଅଫିସରଙ୍କ ଗାଡ଼ି ଭଡ଼ା ୩୧ ହଜାର ଟଙ୍କାରୁ ୩୭ ହଜାର ୨୦୦ ଟଙ୍କା କରାଯାଇଛି।

କଲେଜ, ୟୁନିଭର୍ସିଟି, ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍‌ର ବସ୍ ଭଡ଼ାକୁ ମଧ୍ୟ ବୃଦ୍ଧି କରାଯାଇଛି। ଅର୍ଥ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି, ଅଫିସର ଓ ମନ୍ତ୍ରୀମାନେ ମନଇଚ୍ଛା ଗାଡ଼ି ବ୍ୟବହାର କରିପାରିବେ ନାହିଁ। ଲିଟର ପିଛା କେତେ କି.ମି. ପର୍ଯ୍ୟନ୍ତ ଯାଉଥିବା ଗାଡ଼ିକୁ ସ୍ଥିରୀକୃତ ବର୍ଦ୍ଧିତ ଦର ଦିଆଯିବ ତାହା ଉଲ୍ଲେଖ ରହିଛି। ସେହି ଅନୁଯାୟୀ ଗାଡ଼ି ବ୍ୟବହାର କରିବାକୁ ବାଧ୍ୟ। ଯେଉଁ ଗାଡ଼ି ବ୍ୟବହାର କରାଯିବ ସେଗୁଡ଼ିକ ୩ ବର୍ଷ ଭିତରର ଗାଡ଼ି ହୋଇଥିବ। ସର୍ବାଧିକ ୭ ବର୍ଷ ପୁରୁଣା ଗାଡ଼ିକୁ କୌଣସି ଅସୁବିଧା ସମୟରେ ସର୍ଭିସ୍ ପ୍ରୋଭାଇଡର୍ ଯୋଗାଇ ପାରିବେ। ଅଫିସର ଓ ମନ୍ତ୍ରୀମାନେ ବ୍ୟବହାର କରିବାକୁ ଥିବା ଗାଡ଼ିଗୁଡ଼ିକ ଉକ୍ତ ସର୍ଭିସ୍ ପ୍ରୋଭାଇଡର୍ କୌଣସି ଘରୋଇ କିମ୍ବା ବ୍ୟବସାୟିକ କାର୍ଯ୍ୟରେ ଅଫିସ ସମୟ ପରେ ବା ଛୁଟି ସମୟରେ ବ୍ୟବହାର କରିପାରିବେ ନାହିଁ। ଯେଉଁ ଭଡ଼ା ସ୍ଥିର କରାଯାଇଛି ତାକୁ ଛାଡ଼ି ଗାଡ଼ିର ପେଟ୍ରୋଲ, ଡିଜେଲ ପଇସା ପୃଥକ୍ ଭାବେ ପ୍ରଦାନ କରାଯିବ। ଯଦି ଉକ୍ତ ସର୍ଭିସ ପ୍ରୋଭାଇଡର୍ ଗାଡ଼ି ଯୋଗାଇବା ବ୍ୟବସ୍ଥା ଠିକ୍ ଭାବେ ଚାଲେ ବୋଲି ରାଜ୍ୟ ସରକାର ଠିକ୍ ଅନୁଭବ କରନ୍ତି, ତେବେ କଣ୍ଟ୍ରାକ୍ଟ ସମୟ ୩ ବର୍ଷରୁ ୪ ବର୍ଷକୁ ବୃଦ୍ଧି କରାଯିବ। ଏହି ବ୍ୟବସ୍ଥା ଯୋଗାଇବା ପାଇଁ ଯେଉଁ ଟେଣ୍ଡର କରାଯିବ, ସେଥିଲାଗି କୌଣସି ପେପର୍‌ର ମୂଲ୍ୟ ନିଆଯିବ ନାହିଁ।

# ଅନାସ୍ଥା ଭୋଟରେ ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷା ହାରିଲେ

- ୨୫ ବର୍ଷର ବିଜେଡି ଗଡ଼ ଭାଙ୍ଗିଲା
- ୪୯ ପଞ୍ଚାୟତ ସଭ୍ୟାସଭ୍ୟଙ୍କ ସମର୍ଥନ

ମହାକାଳପଡ଼ା,୨୮।୫ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷା ପଦ ବିରୋଧରେ ଅନାସ୍ଥା ପ୍ରସ୍ତାବ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବ୍ଲକ୍ ଅଧ୍ୟକ୍ଷା କଳ୍ପନା ରାଉତଙ୍କୁ ହଟାଇବା ପାଇଁ ୪୯ ଜଣ ସଭ୍ୟାସଭ୍ୟ ଉପସ୍ଥିତ ରହି ଅନାସ୍ଥା ପ୍ରସ୍ତାବକୁ ସମର୍ଥନ କରିଥିଲେ। ଏଥିଯୋଗୁ ଗତ ୨୫ବର୍ଷର ବିଜେଡି ଗଡ଼ ଭାଙ୍ଗିଛି। ବ୍ଲକର ୩୧ ପଞ୍ଚାୟତରେ ମୋଟ ୬୨ ସରପଞ୍ଚ ଓ ସମିତି ସଭ୍ୟ ରହିଛନ୍ତି। ଅନାସ୍ଥା ପ୍ରସ୍ତାବ ବୈଠକରେ ଦୁଇ ତୃତୀୟାଂଶ ଅର୍ଥାତ୍ ୪୪ ଜଣଙ୍କ ସମର୍ଥନ ଆବଶ୍ୟକତା ଥିଲା। ବୁଧବାର ବୈଠକରେ ୪୯ ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ। ଫଳରେ ବ୍ଲକ ଅଧ୍ୟକ୍ଷା ପଦ ବିରୋଧରେ ଅନାସ୍ଥା ପ୍ରସ୍ତାବ ଗୃହୀତ ହୋଇଛି। ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତ ସମର୍ଥନ ଅଭାବରୁ ନିଜ ପଦବୀ ହରାଇଛନ୍ତି।


ଅନାସ୍ଥ ପ୍ରସ୍ତାବ ପାଇଁ ବ୍ଲକ୍ ସମ୍ମୁଖରେ ପୋଲିସ ମୁତୟନ ହୋଇଛନ୍ତି।

ବୁଧବାର ପୂର୍ବାହ୍ନ ୧୧ଟାରେ ୪୯ ଜଣ ସଭ୍ୟାସଭ୍ୟ ବ୍ଲକ ମୁଖ୍ୟ ଫାଟକ ଦେଇ ସଭାଗୃହରେ ପହଞ୍ଚିଥିଲେ। ସଭାଗୃହରେ ତହସିଲଦାର ତଥା ନିର୍ବାଚନ ଅଧିକାରୀ ଶିବ ମଲିକ ଓ ଅତିରିକ୍ତ ତହସିଲଦାର ପ୍ରଭଞ୍ଜନ ମିଶ୍ର ଉପସ୍ଥିତ ଥିଲେ। ପରେ ଅନାସ୍ଥା ପ୍ରସ୍ତାବ ବୈଠକ ଉପରେ ଭୋଟ ଗ୍ରହଣ କରାଯାଇଥିଲା। ସୂଚନାଯୋଗ୍ୟ, ବ୍ଲକ ଅଧ୍ୟକ୍ଷାଙ୍କ ପକ୍ଷରୁ ଉକ୍ତ ବୈଠକ ବାତିଲ ପାଇଁ ହାଇକୋର୍ଟରେ ସ୍ୱତନ୍ତ୍ର ଲିଭ ପିଟିଶନ ଦାଖଲ କରାଯାଇଥିଲା। ଏହାର ଶୁଣାଣି ଆସନ୍ତା ୩୦ ତାରିଖରେ ଅଛି। ଏହି ଅନାସ୍ଥା ପ୍ରସ୍ତାବ ପାଇଁ ବୁଧବାର ବ୍ଲକ ସମ୍ମୁଖରେ ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା।

# ଅନବସରରେ ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ

- ଅଲାରନାଥଙ୍କ ଦର୍ଶନ ପାଇଁ ଏସ୍‌ପିଙ୍କ ସମୀକ୍ଷା
- ପ୍ରଥମଥର ପାଇଁ ହେବ ଫିଡ୍‌ବ୍ୟାକ ସେଣ୍ଟର
- ଭକ୍ତଙ୍କ ସୁବିଧା ଲାଗି ହେଲ୍ପ ଡେସ୍କ କରାଯିବ
- ଯାନବାହନ ନିୟନ୍ତ୍ରଣ ପାଇଁ ପ୍ରତିଛକରେ ରହିବେ ପୋଲିସ

ପୁରୀ/ବ୍ରହ୍ମଗିରି,୨୮।୫ (ଅଜିତ୍ କୁମାର ମହାନ୍ତି/ ସ୍ୱାଧୀନ ଚମ୍ପତିରାୟ)

ପବିତ୍ର ସ୍ନାନପୂର୍ଣ୍ଣିମା ପରଦିନଠାରୁ ଶ୍ରୀବିଗ୍ରହମାନଙ୍କ ଅନବସର ସେବା ଆରମ୍ଭ ହେବ। ପରେ ଶ୍ରୀବିଗ୍ରହଙ୍କ ଦର୍ଶନ ବନ୍ଦ ରହିଥାଏ। ଏହି ସମୟରେ ଭକ୍ତମାନେ ବ୍ରହ୍ମଗିରିସ୍ଥିତ ଅଲାରନାଥଙ୍କ ଦର୍ଶନ କରିଥାନ୍ତି। ଚଳିତବର୍ଷ ଯେପରି ଭକ୍ତମାନେ ଶୃଙ୍ଖଳିତ ଦର୍ଶନ କରିପାରିବେ, ସେନେଇ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଏସ୍‌ପି ବିନୀତ ଅଗ୍ରୱାଲ ମଙ୍ଗଳବାର ଅଲାରନାଥ ପୀଠ ପରିଦର୍ଶନ କରିବା ସହ ସମୀକ୍ଷା କରିଛନ୍ତି।

ଦେବସ୍ନାନ ପୂର୍ଣ୍ଣିମା ପରେ ଯେତେବେଳେ ଠାକୁର ଶ୍ରୀଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରା ୧୪ ଦିନ ପାଇଁ ଅନବସର ଗୃହରେ ବ୍ୟାଧିଗ୍ରସ୍ତ ଭାବେ ବିଶ୍ରାମ କରନ୍ତି, ସେତେବେଳେ ଭକ୍ତମାନେ ଅଲାରନାଥଙ୍କ ଦର୍ଶନ ପାଇଁ ଯାଇଥାନ୍ତି। ଏହି ଅବଧିରେ ଭକ୍ତମାନେ ଅଲାରନାଥଙ୍କୁ ମହାପ୍ରଭୁ ରୂପେ ଦେଖନ୍ତି, ଯାହାର ପରିଣାମସ୍ୱରୂପ ଲକ୍ଷାଧିକ ଭକ୍ତ ଓଡ଼ିଶା ଓ ବାହାର ରାଜ୍ୟରୁ ବ୍ରହ୍ମଗିରି ଆସିଥାନ୍ତି। ଭକ୍ତମାନେ ଯେପରି ଶୃଙ୍ଖଳିତ ଦର୍ଶନ କରିବେ ସେନେଇ ପୁରୀ ପୋଲିସ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ। ଭକ୍ତମାନଙ୍କ ଆଗମନକୁ ଦୃଷ୍ଟିରେ ରଖି ଅତିରିକ୍ତ ପୋଲିସ ବଳ ନିଯୁକ୍ତ କରାଯିବ। ଲାଇନ ବ୍ୟବସ୍ଥା, ବାରିକେଡ୍ ଓ ଦିଗ ନିର୍ଦ୍ଦେଶକ ସାଇନବୋର୍ଡ ସହିତ ଭିଡ଼କୁ ଶାନ୍ତିପୂର୍ଣ୍ଣ ଭାବେ ନିୟନ୍ତ୍ରଣ କରାଯିବ। ଯାନବାହନ ନିୟନ୍ତ୍ରଣ ପାଇଁ ପ୍ରତିଛକରେ ମଧ୍ୟ ପୋଲିସ ନିଯୁକ୍ତ କରାଯିବ। ଭକ୍ତମାନଙ୍କ ସହଯୋଗ ପାଇଁ ପାଣିଟାଙ୍କି, ମାଇକ୍ ବ୍ୟବସ୍ଥା ଓ ହେଲ୍ପ ଡେସ୍କ ସ୍ଥାପନ କରାଯିବ। ସେବାୟତ ଓ ପ୍ରଶାସନିକ ଅଧିକାରୀଙ୍କ ସହ ସମନ୍ୱୟ ରକ୍ଷାକରି ଏକ ସଭା ଅନୁଷ୍ଠିତ ହୋଇଥିଲା। ସେହିପରି ପୋଲିସ ପକ୍ଷରୁ ପ୍ରଥମଥର ପାଇଁ ଅଲାରନାଥ ମନ୍ଦିରରେ ଫିଡ୍‌ବ୍ୟାକ୍ ସେଣ୍ଟର କରାଯିବ। ଏହି କେନ୍ଦ୍ର ଦ୍ୱାରା ଭକ୍ତମାନେ ନିଜର ଅନୁଭୂତି ବଖାଣିପାରିବେ, ଉନ୍ନତି ପାଇଁ ପ୍ରସ୍ତାବ ଦେଇପାରିବେ, ଯେଉଁଠି ଅସୁବିଧା ଅଛି ତାହା ମଧ୍ୟ ଅବଗତ କରାଇପାରିବେ।

ଭକ୍ତମାନେ ଦର୍ଶନ ସମୟରେ ଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରନ୍ତୁ, ପ୍ରଶାସନର ନିୟମକୁ ଅନୁସରଣ କରନ୍ତୁ ବୋଲି ପୁରୀ ପୋଲିସ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ସଚେତନତା ଦ୍ୱାରା ଅନବସର ସମୟରେ ଅଲାରନାଥଙ୍କ ଦର୍ଶନ ଏକ ଶାନ୍ତିପୂର୍ଣ୍ଣ, ଭକ୍ତିମୟ ଓ ସ୍ମରଣୀୟ ଅନୁଭୂତି ହେବ ବୋଲି ପୁରୀ ପୋଲିସ ଆଶା ରଖିଛି। ଏହି ସମୟରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଅତିରିକ୍ତ ଏସ୍‌ପି ସୁଶୀଳ ମିଶ୍ର, ଅତିରିକ୍ତ ଏସ୍‌ପି ଦେବ ପ୍ରତାପ, ଅତିରିକ୍ତ ଏସ୍‌ପି ସୌମ୍ୟରଞ୍ଜନ ମଲିକ, ବ୍ରହ୍ମଗିରି ତହସିଲ୍‌ଦାର, ବିଡିଓ, ସଦର ଏସ୍‌ଡିପିଓ ରବିନାରାୟଣ ଭଞ୍ଜ, ବ୍ରହ୍ମଗିରି ଥାନାଧିକାରୀ ପ୍ରଜ୍ଞା ମହାନ୍ତି, ଅଲାରନାଥ ମନ୍ଦିର ଟ୍ରଷ୍ଟ ବୋର୍ଡର ସଦସ୍ୟଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ପୂର୍ବାହ୍ନ ପ୍ରତ୍ୟେକ କ୍ଷେତ୍ରରେ ଅନୁକୂଳ ରହିବା ସମୟରେ ଅପରାହ୍ନରେ ପରିସ୍ଥିତି ବଦଳିଯିବ। ଆଜିର ଯାତ୍ରା, ବାଣିଜ୍ୟ, ଅଧ୍ୟୟନ, ଗବେଷଣା, ସାହିତ୍ୟ ଓ ରଚନାତ୍ମକ କାମରେ ପ୍ରଶଂସିତ ହେବେ। ପିଲାଙ୍କ କଥାକୁ ନେଇ ମାନସିକ ସ୍ଥିତି ବିପନ୍ନ ହେବ। ନୂତନ ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିପାରନ୍ତି।

**ବୃଷ** ଆପଣଙ୍କ ଭୁଲ୍ ନିଷ୍ପତ୍ତି କାମରେ ଦ୍ୱନ୍ଦ୍ୱ, ପରିବାରରେ ଅଶାନ୍ତି ଓ ଅର୍ଥପ୍ରାପ୍ତିରେ ସମସ୍ୟା ସୃଷ୍ଟି କରିବ। କର୍ମକ୍ଷେତ୍ରରେ ସତ୍ୟ ଭାଷଣରୁ ନିବୃତ୍ତ ରହିବା ଭଲ, ଅନ୍ୟଥା କଳହ ଲାଗିପାରେ। ନୂତନ ଭାବେ କୌଣସି କାର୍ଯ୍ୟାରମ୍ଭ ସକାଶେ ତତ୍ପରତା ବଢ଼ିପାରେ। ପରିବାରର ଆବଶ୍ୟକତା ଅନୁଯାୟୀ ଗୃହୋପକରଣ ସାମଗ୍ରୀ କ୍ରୟ କରିପାରନ୍ତି।

**ମିଥୁନ** ପାରିବାରିକ କଳହ କାରଣରୁ ବିଭିନ୍ନ ଦୁଶ୍ଚିନ୍ତାରେ ମନ ଭଲ ରହିବ ନାହିଁ। କିନ୍ତୁ ବହୁତ ଦିନ ହେଲା ଖୋଜୁଥିବା ଜିନିଷ ସୁବିଧାରେ ପାଇଯିବେ। ପ୍ରକାଶନ, ପ୍ରଶାସନ, ପରିବହନ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ସାମାଜିକ ସ୍ତରରେ ପରିସ୍ଥିତିକୁ ଦେଖି ସବୁ ଜାଣିଶୁଣି ସୁଦ୍ଧା ଚୁପ୍ ରହିବାକୁ ବାଧ ହେବେ।

**କର୍କଟ** ବିଭିନ୍ନ ପ୍ରକାରର ନକାରାତ୍ମକ ଭାବନା ମନକୁ ବିଷାକ୍ତ କରିପାରେ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଆକସ୍ମିକ ଆବଶ୍ୟକତା ପୂରଣ ସକାଶେ ଋଣ ସୂତ୍ରରେ ଅର୍ଥଲାଭ କରିବେ। ସାହିତ୍ୟ, କଳା, ସଙ୍ଗୀତ, ଚଳଚ୍ଚିତ୍ର ତଥା ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ସିଂହ** ପରିସ୍ଥିତିର ଭାରସାମ୍ୟ ରକ୍ଷା ନିମନ୍ତେ ମିଥ୍ୟାଳାପ କରିବାକୁ ପଡିପାରେ। କର୍ମକ୍ଷେତ୍ରରେ କିଛି ସମସ୍ୟା ସମାଧାନ ହୋଇଯିବ ଓ ଶିଳ୍ପ, ଏଜେନ୍ସିପ୍, ସାମ୍ବାଦିକତାରୁ ଖୁସି ରହିବେ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ପାରିବାରିକ ସ୍ତରରେ ଗୁରୁଜନଙ୍କଠାରୁ ପରାମର୍ଶ ପାଇ ଖୁସି ହୋଇପାରନ୍ତି।

**କନ୍ୟା** ଦୀର୍ଘ ଦିନର ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ଆର୍ଥିକ ଅନଟନ କାରଣରୁ ମାନସିକ ଅସ୍ଥିରତା ଦେଖାଦେବ। କଥା ଓ କାମରେ ତାଳମେଳ ଅଭାବରୁ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରି ପାରିବେ ନାହିଁ। ସମ୍ପର୍କୀୟମାନେ ସମ୍ମୁଖରେ ଭଲ କଥା କହି ପରୋକ୍ଷ ଶତ୍ରୁତା କରିବା ଯୋଗୁ ବିଚଳିତବୋଧ କରିପାରନ୍ତି।

**ତୁଳା** ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ହେବା ସହ ବନ୍ଧୁମିଳନଜନିତ ଆନନ୍ଦ ଅନୁଭବ କରିବେ। ପରିବାରର ଆବଶ୍ୟକତାନୁଯାୟୀ ମୂଲ୍ୟବାନ ଜିନିଷ କିଣିବାକୁ ମନ ବଳାଇ ପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ମାଧ୍ୟମରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ ସାହାଯ୍ୟରୁ ଉପକୃତ ହେବେ।

**ବିଛା** ବନ୍ଧୁଙ୍କ ଜରିଆରେ ସକାଳୁ ଶୁଭ ଖବର ପାଇ ମନ ଖୁସି ହୋଇଯିବ। ତରବରିଆ ଭାବେ କୌଣସି କାମ କଲେ ସବୁ ଓଲଟ ପାଲଟ ହୋଇଯାଇପାରେ। କର୍ମକ୍ଷେତ୍ରରେ ଚେଷ୍ଟା ଅବ୍ୟାହତ ରଖିବା ଫଳରେ ବିଳମ୍ବରେ ସଫଳତା ପାଇବେ। ସେବା ଓ ପରୋପକାର ହେତୁ ନିଜ ପରିସରରେ ପ୍ରତିଷ୍ଠିତ ହୋଇପାରନ୍ତି।

**ଧନୁ** ଆଜି ଆପଣ ଯେମିତି ଯାହା ଚାହୁଁଛନ୍ତି ତାହା ପାଇବାରେ ଅସୁବିଧା ହେବ ନାହିଁ। ଜାଣିଶୁଣି କେତେଜଣ ବ୍ୟକ୍ତି ସମସ୍ୟା ସୃଷ୍ଟିରେ ସହାୟକ ହେବାର ଆଶଙ୍କା ରହିଛି। ମତାନ୍ତରଜନିତ ପାରିବାରିକ ସ୍ତରରେ ଟେନସନ୍ କିଛି ମାତ୍ରାରେ ବଢ଼ିଯିବ। କର୍ମକ୍ଷେତ୍ରରେ ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହିବେ।

**ମକର** ଆଜିର କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ସ୍ୱାଭାବିକ ରହିବ। ବନ୍ଧୁମାନଙ୍କ ସହ ଭୁଲ୍ ବୁଝାମଣା କାରଣରୁ ସମ୍ପର୍କ ହାନି ଘଟିପାରେ। ଘରକଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରି ପର କ୍ଷଣରେ ଅନୁତପ୍ତ ହେବେ। ବ୍ୟବସାୟିକ ସ୍ଥିତି ସୁଦୃଢ଼ ରହିବ କିନ୍ତୁ ଋଣ ପରିଶୋଧ କରିବାରେ ପଛେଇଯିବେ।

**କୁମ୍ଭ** ବନ୍ଧୁଙ୍କୁ ସାହାଯ୍ୟ ସହଯୋଗ କରି ଆତ୍ମତୃପ୍ତି ଲାଭ କରିବେ। ସଭା ସମିତିରେ, ବନ୍ଧୁ ଗହଣରେ ଗାମ୍ଭୀର୍ଯ୍ୟ ରକ୍ଷାକଲେ ତାହା ହିଁ ବ୍ୟକ୍ତିତ୍ୱ ବିକାଶରେ ସହାୟକ ହେବ। କେତେକ କ୍ଷେତ୍ରରେ ନିଜେ କଷ୍ଟ ଅନୁଭବ କଲେ ମଧ୍ୟ କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଫାଇଦା ହାସଲ ସକାଶେ ବନ୍ଧୁ ଅସୁବିଧାରେ ପକାଇପାରନ୍ତି।

**ମୀନ** ଅକସ୍ମାତ୍ ଅର୍ଥପ୍ରାପ୍ତି, ସୌଜନ୍ୟତା, ମଧୁର ବ୍ୟବହାର ଦ୍ୱାରା ବନ୍ଧୁଙ୍କୁ ଆପ୍ୟାୟିତ କରି ପ୍ରଶଂସିତ ହେବେ। ଅବହେଳା କାରଣରୁ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ ଏବଂ ମାନସିକ ସ୍ତରରେ ଦୁର୍ଭାବନା ବଢ଼ିଚାଲିବ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରିପାରିବେ ନାହିଁ। କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ।

ଆଜି ମେ ୨୯ ତାରିଖ, ଜ୍ୟେଷ୍ଠ ଶୁକ୍ଳପକ୍ଷର ରମ୍ଭା ତୃତୀୟା ଗୁରୁବାର, ରାଶିନକ୍ଷତ୍ର- ଆର୍ଦ୍ରା/ମିଥୁନ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୧୧ ଗତେ ଘ.୧୧.୧୭ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୧.୨୨ ଗତେ ଘ.୦୩.୦୦ ମଧ୍ୟେ ରାହୁ କାଳ ।



**ଓଡ଼ିଶାରେ ଦକ୍ଷିଣ ପଶ୍ଚିମ ମୌସୁମୀ**

ରାୟଗଡ଼ା ସହର ବାଇପାସ୍ ରୋଡସ୍ଥିତ ରେଳଧାରଣା ନିକଟରେ ବୁଧବାର ସକାଳୁ ଲାଗି ରହିଥିବା ବର୍ଷା। (ଫଟୋ: ଆଶିଷ ରଞ୍ଜନ ପଣ୍ଡା)

# ପରିବେଶ ପ୍ରଦୂଷଣ, ବିସ୍ଥାପନ, ଜୀବିକା ଅନୁଧ୍ୟାନ କମିଟି ଗଠନ କଲା କଂଗ୍ରେସ

**■ ଅଶୋକ ଦାସ କମିଟିର ଅଧ୍ୟକ୍ଷ, ସୁଧାଂଶୁ ଶେଖର ଆବାହକ**

**ଭୁବନେଶ୍ୱର, ୨୮।୫(ସୁନିତ୍ ମିଶ୍ର)**

ରାଜ୍ୟ ସରକାର ପରିବେଶ ଓ ସାଧାରଣ ଜନତାଙ୍କ ଜୀବନ ଜୀବିକାକୁ କ୍ଷତି ପହଞ୍ଚାଇ ବିଭିନ୍ନ ପ୍ରକଳ୍ପ ଓ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ପଛାଉନାହାନ୍ତି। ଓଡ଼ିଶାର ବିଭିନ୍ନ ସ୍ଥାନରେ ପରିବେଶ ନଷ୍ଟ ହେବା ସହ ଜଳ, ଜଙ୍ଗଲ ଓ ଜମି ଉପରେ ଜନସାଧାରଣଙ୍କ ରହିଥିବା ଅଧିକାର କ୍ଷୁଣ୍ଣ ହେଉଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଥିବା ବେଳେ ସରକାର ପରିବେଶ ଓ ସାଧାରଣ ଜନତାଙ୍କ ଜୀବନ ଜୀବିକା ପ୍ରତି ଯତ୍ନବାନ ହେଉନାହାନ୍ତି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି) ସଭାପତି ଭକ୍ତ ଚରଣ ଦାସ କେତେଜଣ ନେତୃବୃନ୍ଦଙ୍କୁ ନେଇ 'ପରିବେଶ ପ୍ରଦୂଷଣ, ବିସ୍ଥାପନ ଓ ଜୀବିକା ଅନୁଧ୍ୟାନ କମିଟି' ଗଠନ କରିଛନ୍ତି। ଏଥିରେ ଅଧ୍ୟକ୍ଷ ଭାବେ ଅଶୋକ କୁମାର ଦାସ ରହିଥିବାବେଳେ ଆବାହକ ଭାବେ ସୁଧାଂଶୁ ଶେଖର ଦେଓ ରହିଛନ୍ତି। କମିଟିରେ ସଦସ୍ୟ ଭାବେ ବିଧାୟକ ସାଗର ଚରଣ ଦାସ, ସତ୍ୟଜିତ ଗମାଙ୍ଗୋ, ପୂର୍ବତନ ସାଂସଦ ଯଶୋବନ୍ତ ସିଂ ଲାଗୁରୀ, ମାନସ ମଲିକ, ମାଗୁଣି ଜେନା ଓ ଜିଲା ପରିଷଦ ସଭ୍ୟ ପିନାକୀ ଦାସ ନିଯୁକ୍ତି ପାଇଛନ୍ତି। ଏହି କମିଟି ପରିବେଶ ନଷ୍ଟ ଓ ବିସ୍ଥାପନ ଯୋଗୁ ଜନସାଧାରଣଙ୍କ ଅଧିକାର କ୍ଷୁଣ୍ଣ ହେଉଥିବା ଅଞ୍ଚଳ ବୁଲି ଘଟଣାର ଅନୁଧ୍ୟାନ କରିବା ସହ ସମସ୍ୟାର ସମାଧାନ ନିମନ୍ତେ ରାସ୍ତା ବାହାର କରିବା ପାଇଁ କ'ଣ ପଦକ୍ଷେପ ନିଆଯାଇ ପାରିବ ସେନେଇ ପିସିସିକୁ ପ୍ରସ୍ତାବ ଦେବାକୁ ଭକ୍ତ ନିର୍ଦ୍ଦେଶ ଦେଇଛନ୍ତି।

# ବାଲୁଙ୍କେଶ୍ୱର ବାବାଙ୍କ ପତରପେଁଡି

**ପ୍ରସିଦ୍ଧ ଶୀତଳଷଷ୍ଠୀ ଶୁଭାରମ୍ଭ**



ବରପିତାଙ୍କଠାରୁ କନ୍ୟା ମାତାପିତା ଶାଳପତ୍ର ଗ୍ରହଣ କରି କନ୍ୟା ଦେବାକୁ ସଙ୍କଳ୍ପ କରୁଛନ୍ତି।

**ସମ୍ବଲପୁର,୨୮।୫(ବି.ଶଙ୍କର)**

ସମ୍ବଲପୁର ନନ୍ଦପଡ଼ା ଶ୍ରୀଶ୍ରୀ ବମବରାଡ ବାଲୁଙ୍କେଶ୍ୱର ବାବାଙ୍କ ପତରପେଁଡି(ନିର୍ବନ୍ଧ) ରୀତିନୀତି ଓ ପରମ୍ପରାନୁସାରେ ମଙ୍ଗଳବାର ରାତିରେ ସମ୍ପନ୍ନ ହୋଇଛି। ଏଥିସହ ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାର ଶୁଭାରମ୍ଭ ହୋଇଛି। ରାତି ୮ଟାରେ ପତରପେଁଡି ଶୋଭାଯାତ୍ରା ନନ୍ଦପଡା ମନ୍ଦିରରୁ ବାହାରିଥିଲା। ସୁସଜ୍ଜିତ ବିମାନରେ ବରପିତା ରାମଚରଣ ମିଶ୍ର ଆରୁଢ଼ ହୋଇ କନ୍ୟା ଖୋଜାରେ ବାହାରିଥିଲେ। ହରିବୋଲ, ହୁଳହୁଳି, ଦୁଲଦୁଲି ବାଦ୍ୟ ଓ ପାରମ୍ପରିକ ନୃତ୍ୟଗୀତରେ ପ୍ରକମ୍ପିତ ହୋଇଥିଲା ଯାତ୍ରାପଥ। ଶୋଭାଯାତ୍ରା ଅସ୍ଥାୟୀ କନ୍ୟା ମାତାପିତାଙ୍କ ଘରେ ପହଞ୍ଚିଥିଲା। ପଣ୍ଡିତମାନଙ୍କ ମନ୍ତ୍ରୋଚାରଣରେ ବରପକ୍ଷ ଆଗମନର ଅଭିପ୍ରାୟ ବିଷୟରେ କନ୍ୟାପକ୍ଷକୁ ଅବଗତ କରାଯାଇଥିଲା। ମହାଦେବଙ୍କ ସହ ଜଗତଜନନୀ ମାତା ପାର୍ବତୀଙ୍କ ବିବାହ କରିବାକୁ କନ୍ୟାପକ୍ଷ ସମ୍ମତି ଜଣାଇଥିଲେ। ବରପିତା ରାମ ପ୍ରସାଦ ମିଶ୍ର ଥାଳରେ ଥିବା ଶାଳପତ୍ର ପେଣ୍ଡା(୭୨ଟି ପତ୍ର), ବେଲ ପତ୍ର, ଫୁଲ, ଚନ୍ଦନ କନ୍ୟାମାତା ଲିପିକା ନନ୍ଦ ଓ ପିତା ପ୍ରତାପ ନନ୍ଦଙ୍କୁ ପ୍ରଦାନ କରି ବିବାହ ଚୂଡାନ୍ତ କରିଥିଲେ।

# 'ଆଦିଗୁରୁ ଶଙ୍କରାଚାର୍ଯ୍ୟ ଶ୍ରୀକ୍ଷେତ୍ରକୁ ଜଗନ୍ନାଥଧାମ ନାମିତ କରିଥିଲେ'



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

**ଭୁବନେଶ୍ୱର,୨୮।୫ (ସୌମ୍ୟରଞ୍ଜନ ରାଉତ)**

ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନ' ଆନୁକୂଲ୍ୟରେ ୨୦୭ତମ ଆଲୋଚନାଚକ୍ର ମଙ୍ଗଳବାର ଭାରତୀୟ ବିଦ୍ୟାଭବନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମଞ୍ଚର ସଭାପତି ଡା. ଅଶୋକ କୁମାର ମହାପାତ୍ର ଯୋଗଦେଇ ଓଡ଼ିଆ ଅସ୍ମିତାର ପ୍ରତୀକ ରୂପେ ଜଗନ୍ନାଥଙ୍କୁ ବିଶ୍ୱବ୍ୟାପୀ ସ୍ୱୀକାର କରିଛନ୍ତି ବୋଲି ଦର୍ଶାଇ ତାଙ୍କର ଜନ୍ମସ୍ଥାନ ପୁରୀକୁ କେବଳ ଜଗନ୍ନାଥଧାମ କୁହାଯାଇପାରିବ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ସଂସ୍କୃତ ବିଭାଗର ପ୍ରାକ୍ତନ ପ୍ରଫେସର ଡ. ଗୋପାଳକୃଷ୍ଣ ଦାଶ ଶାସ୍ତ୍ରରୁ ଉଦାହରଣ ଦେଇ ବ୍ରହ୍ମପୁରାଣ, ସ୍କନ୍ଦପୁରାଣ, ବାମଦେବ ସଂହିତା, ମହାପୁରୁଷ ବିଦ୍ୟା, ନୀଳାଦ୍ରି ମହୋଦୟ ଏବଂ ମୁକ୍ତି ଚିନ୍ତାମଣିରୁ ଉଦ୍ଧୃତକରି ଶ୍ରୀକ୍ଷେତ୍ର 'ଜଗନ୍ନାଥ ଧାମ' ବୋଲି ଦର୍ଶାଇଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥ ଦାରୁବ୍ରହ୍ମ ରୂପେ ଯେଉଁ ମର୍ତ୍ତ୍ୟଲୀଳା କରୁଛନ୍ତି ତାହା ବୈକୁଣ୍ଠଧାମ ନାମରେ ପ୍ରସିଦ୍ଧ। ଆଦିଗୁରୁ ଶଙ୍କରାଚାର୍ଯ୍ୟ ବହୁକାଳରୁ ପୁରୀ ଶ୍ରୀକ୍ଷେତ୍ରକୁ ଜଗନ୍ନାଥଧାମ ନାମରେ ଅଭିହିତ କରିଛନ୍ତି। ଏଠାରେ ପରଲୋକ ଗମନ କଲେ ମୁକ୍ତି ମିଳେ ବୋଲି ଶାସ୍ତ୍ରରେ କୁହାଯାଇଛି। ଏହି କ୍ଷେତ୍ରରୁ ପ୍ରସ୍ତୁତ ମହାପ୍ରସାଦ ମହାପ୍ରଭୁଙ୍କ ସହ ତୁଳନୀୟ ବୋଲି ସେ ମତପ୍ରକାଶ କରିଛନ୍ତି। ସମ୍ମାନିତ ବକ୍ତା ଭାବେ ଅସିତ୍ ମହାନ୍ତି ଯୋଗଦେଇ ଶାସ୍ତ୍ରରୁ ଉଦ୍ଧାରକରି କହିଲେ, ଶ୍ରୀଜଗନ୍ନାଥ କହିଛନ୍ତି ଯେତେ ଯାହାହେଲେ ମଧ ମୁଁ ପୁରୀକ୍ଷେତ୍ର ଛାଡ଼ି ଯିବିନାହିଁ। ତେଣୁ ତାଙ୍କର ଆଦିକ୍ଷେତ୍ର ଜଗନ୍ନାଥଧାମ ଏଥିରେ ସନ୍ଦେହ ନାହିଁ। ଏହି ନାମକୁ ନେଇ କିଛି ବିତର୍କ ସୃଷ୍ଟି କରିବା ଶୋଭନୀୟ ନୁହେଁ ବୋଲି ସେ ମତପ୍ରକାଶ କରିଥିଲେ। ପୀତବାସ ରାଉତରାୟ ସ୍ୱାଗତ ଭାଷଣ ଦେଇଥିବାବେଳେ ସଭା ପ୍ରାରମ୍ଭରେ ମଧୁସ୍ମିତା ବିଶ୍ୱାଳ ଭକ୍ତିସଙ୍ଗୀତ ପରିବେଷଣ କରିଥିଲେ। ମଞ୍ଚର ଆବାହକ ରମାକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ।

# ପ୍ରକାଶ ପାଇଲା ବରଗଡ଼ର ୬ ସିବିଏସ୍ଇ ସ୍କୁଲର ପରୀକ୍ଷାଫଳ

**ପରୀକ୍ଷା ପରିଚାଳନାରେ ଅସାଧୁ ନୀତି ଅବଲମ୍ବନ କରିଥିବା ଶିକ୍ଷକ ଓ କର୍ମଚାରୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ**

**ଭୁବନେଶ୍ୱର,୨୮।୫(ସୁଚିସ୍ମିତା ସାହୁ)**

କିଛିଦିନ ପୂର୍ବେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍ଇ) ପକ୍ଷରୁ ଦଶମ ଓ ଦ୍ୱାଦଶ ପରୀକ୍ଷାଫଳ ପ୍ରକାଶ ପାଇଥିଲା। ତେବେ ବରଗଡ଼ ଜିଲାର ବାନ୍ଧୁପାଲିସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ପଦ୍ମପୁର ପବ୍ଲିକ ସ୍କୁଲ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ପରିଚାଳନାରେ ଅସାଧୁ ନୀତି ଅବଲମ୍ବନ କରାଯାଇଥିବା ନେଇ ରିପୋର୍ଟ ସାମ୍ନାକୁ ଆସିଥିଲା। ଏହି ୨ଟି ପରୀକ୍ଷା କେନ୍ଦ୍ରରେ ୬ଟି ବିଦ୍ୟାଳୟର ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିମଧ୍ୟରେ ୪ଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରହିଛି। ମଙ୍ଗଳବାର ସେହି ବିଦ୍ୟାଳୟଗୁଡ଼ିକର ପରୀକ୍ଷା ଫଳ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ବରଗଡ଼ ଜିଲାର ୬ଟି ବିଦ୍ୟାଳୟରେ ପରୀକ୍ଷାଫଳ ପ୍ରକାଶ ପାଇ ନ ଥିବା ଘଟଣା ସାମ୍ନାକୁ ଆସିବା ପରେ ଭୁବନେଶ୍ୱରସ୍ଥିତ ସିବିଏସ୍ଇ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ତଦନ୍ତ ପାଇଁ ଏକ ସବ୍‌କମିଟି ଗଠନ କରାଯାଇଥିଲା। କମିଟି ସମସ୍ତ ପ୍ରମାଣ, ଉତ୍ତର ପୁସ୍ତକ, ବିଭିନ୍ନ ରିପୋର୍ଟ, ସିସିଟିଭି ଫୁଟେଜ ଏବଂ ଅନ୍ୟାନ୍ୟ ସମ୍ପର୍କିତ ଦସ୍ତାବିଜ ଯାଞ୍ଚ କରିବା ପରେ ଜିଲାର ଦୁଇଟି ପରୀକ୍ଷା କେନ୍ଦ୍ରରେ ଅସାଧୁ ଉପାୟରେ ପରୀକ୍ଷା ପରିଚାଳନା ହୋଇଥିବା ରିପୋର୍ଟ ପ୍ରଦାନ କରିଛି। ଶିକ୍ଷା ବୋର୍ଡ ସୁପାରିସ ଅନୁସାରେ ରାଜ୍ୟ ସରକାର ସମ୍ପୃକ୍ତ ଘଟଣାରେ ଜଡ଼ିତ ଶିକ୍ଷକ ଓ କର୍ମଚାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଅନ୍ୟପଟେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ରିପୋର୍ଟ ଅନୁଯାୟୀ, ଯେଉଁ ଛାତ୍ରୀଛାତ୍ର ଅସାଧୁ ଉପାୟରେ ପରୀକ୍ଷା ଦେଇଥିଲେ, ସେମାନେ ଆସନ୍ତା ଜୁଲାଇ ୧୫ରେ ହେବାକୁ ଥିବା ସପ୍ଲିମେଣ୍ଟାରି ପରୀକ୍ଷା ଦେଇପାରିବେ କିମ୍ବା ୨୦୨୬ରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡର ବାର୍ଷିକ ପରୀକ୍ଷା ଦେଇପାରିବେ। ଆଗାମୀ ଦିନରେ ଛାତ୍ରୀଛାତ୍ରଙ୍କୁ ଯେପରି କୌଣସି ସମସ୍ୟା ନ ହୁଏ ସେନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ପଦକ୍ଷେପ ନେବ ବୋଲି ସୂଚନା ଦିଆଯାଇଛି।

# ଉପକୂଳବର୍ତ୍ତୀ ରାଜପଥ ଟେଣ୍ଡର ବାତିଲ ଲୋକଙ୍କ ଲାଗି ଡବଲ ଧୋକା: ବିଜେଡି

**ଭୁବନେଶ୍ୱର, ୨୮।୫(ସୁନିତ୍ ମିଶ୍ର)**

ଭାରତ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍ଏଚ୍ଏଆଇ) ଦ୍ୱାରା ଓଡ଼ିଶାରେ ନିର୍ମାଣ ହେବାକୁ ଥିବା ଉପକୂଳବର୍ତ୍ତୀ ରାଜପଥର ଟେଣ୍ଡରକୁ ଅଚାନକ ବାତିଲ କରିଦିଆଯାଇଛି। ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତରକୁ ଇତିମଧ୍ୟରେ ଦଶ ବର୍ଷ ବିତି ଯାଇଥିଲେ ସୁଦ୍ଧା ପ୍ରକଳ୍ପରେ କୌଣସି ଅଗ୍ରଗତି ହୋଇନାହିଁ। ଏବେ ଟେଣ୍ଡର ବାତିଲ ପରେ ଏହାର ନିର୍ମାଣକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ତେଣୁ ଭାଜପାର ଡବଲ ଇଞ୍ଜିନ ଡବଲ ବିକାଶ ନାରା ଡବଲ ଧୋକାରେ ପରିଣତ ହୋଇଛି ବୋଲି ବିଜେଡିର ନେତା ତଥା ପିଏସି ସଦସ୍ୟ ସଞ୍ଜୟ ଦାସବର୍ମା କହିଛନ୍ତି। ଶଙ୍ଖ ଭବନଠାରେ ମଙ୍ଗଳବାର ଖବରଦାତା ସମ୍ମିଳନୀରେ ସଞ୍ଜୟ କହିଛନ୍ତି, କେନ୍ଦ୍ର ସରକାରଙ୍କ ଉଚ୍ଚାଭିଳାଷୀ ଭାରତମାଳା ପ୍ରକଳ୍ପର ଅଂଶ ଭାବେ ଓଡ଼ିଶାରେ ପ୍ରାୟ ୪୧୩ କିମି ଲମ୍ବର ଉପକୂଳବର୍ତ୍ତୀ ରାଜପଥ ନିର୍ମାଣ ପାଇଁ ପରିକଳ୍ପନା କରାଯାଇଥିଲା। ୨୦୧୫ ଜୁଲାଇ ୯ ତାରିଖରେ ପିପିଲିଠାରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ଏନେଇ ଘୋଷଣା କରିଥିଲେ। ଏହି ପ୍ରକଳ୍ପ ସହିତ ରତନପୁରଠାରୁ ଚନ୍ଦନପୁର ପର୍ଯ୍ୟନ୍ତ ରାସ୍ତାକୁ ଜାତୀୟ ରାଜପଥ ଭାବେ ମାନ୍ୟତା ଦେଇ ଏହାକୁ ଉପକୂଳ ରାଜପଥ ସହିତ ସଂଯୋଗ କରାଯିବ ବୋଲି ସୂଚନା ଦେଇଥିଲେ। ଏହି ପ୍ରକଳ୍ପ ନିର୍ମାଣ ହେଲେ ରାଜ୍ୟର ଭିତ୍ତିଭୂମି, ଗମନାଗମନ, ପର୍ଯ୍ୟଟନ କ୍ଷେତ୍ରର ବିକାଶ ହେବା ସହିତ ରାଜ୍ୟ ପାଇଁ ଅନେକ ନୂଆ ସମ୍ଭାବନା ସୃଷ୍ଟି କରିବାରେ ସହାୟକ ହେବ ବୋଲି କହିଥିଲେ। ପରବର୍ତ୍ତୀ ସମୟରେ ଏହି ପ୍ରକଳ୍ପର ଦୂରତା ୪୧୩ କିମିରୁ ୩୪୬ କିମିକୁ କମାଇ ଦିଆଯାଇଥିଲା। ରାମେଶ୍ୱରଠାରୁ ରତନପୁର ପର୍ଯ୍ୟନ୍ତ ୧୭୬ କିମି ୪ ଲେନ ବିଶିଷ୍ଟ ରାସ୍ତା ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଅପରପକ୍ଷରେ, ରତନପୁରଠାରୁ ୧୭୦ କିମି ରାସ୍ତା ନିର୍ମାଣର ଡିପିଆର ପ୍ରସ୍ତୁତି ସ୍ତରରେ ଅଟକି ରହିଛି। ଏହି ପ୍ରକଳ୍ପର କାମ ଆଗେଇବାରେ ଅହେତୁକ ବିଳମ୍ବ ହୋଇଥିବା ବେଳେ ଟେଣ୍ଡରକୁ ଅଚାନକ ବାତିଲ କରିବା ପ୍ରକଳ୍ପ ଅନିଶ୍ଚିତତା ଭିତରକୁ ଚାଲି ଯାଇଛି। ଆରମ୍ଭରୁ ଏହି ପ୍ରକଳ୍ପରେ ନିର୍ମିତ ହେବାକୁ ଥିବା ରାଜପଥ ୪ ଲେନ୍ ବିଶିଷ୍ଟ ହେବ ବୋଲି କୁହାଯାଇଥିଲା। ସେହି ହିସାବରେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ପ୍ରକଳ୍ପର ପୁନଃ ଆକଳନ ପରେ ଏହାକୁ ଦୁଇ ଲେନ୍ କରାଯିବ ବୋଲି ସୂଚନା ମିଳିଛି, ଯାହା ଆଦୌ ଗ୍ରହଣୀୟ ନୁହେଁ ବୋଲି ସଞ୍ଜୟ କହିଛନ୍ତି।

# ପଞ୍ଚାୟତ, ବୁଥସ୍ତରରୁ ଲୋକଙ୍କ ସମସ୍ୟା ସହିତ ଯୁଝ: ଭକ୍ତ




**ଯୁବ କଂଗ୍ରେସର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ଅନୁଷ୍ଠିତ**

**ଭୁବନେଶ୍ୱର, ୨୮।୫(ସୁନିତ୍ ମିଶ୍ର)**

ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ କଂଗ୍ରେସ ଭବନଠାରେ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ରଙ୍କ ଅଧ୍ୟକ୍ଷତାରେ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ଏହି ଅବସରରେ ପିସିସି ସଭାପତି ଭକ୍ତ ଚରଣ ଦାସ ଯୋଗଦେଇ କହିଛନ୍ତି, ବୁଥସ୍ତରରୁ କିଭଳି ଯୁବ କଂଗ୍ରେସକୁ ମଜଭୁତ କରିହେବ ସେଥିପାଇଁ ଖସଡ଼ା ପ୍ରସ୍ତୁତ କର। ସମସ୍ତ ପଞ୍ଚାୟତ ଓ ବୁଥସ୍ତରରେ ଯୁବ କଂଗ୍ରେସ କର୍ମୀମାନେ ସାଧାରଣ ଜନତାଙ୍କ ସମସ୍ୟା, ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାର, ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ସୁରକ୍ଷା, ସାମାଜିକ ନ୍ୟାୟ, ଧାର୍ମିକ ସହନଶୀଳତା, ଦରଦାମ ବୃଦ୍ଧି, ବେକାରି, ଦାରିଦ୍ର୍ୟ ପ୍ରସଙ୍ଗରେ ସ୍ୱର ଉତ୍ତୋଳନ କରନ୍ତୁ ବୋଲି ସେ କହିଛନ୍ତି। ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଏହି ଅବସରରେ କହିଛନ୍ତି, ଯୁବ କଂଗ୍ରେସ ହେଉଛି ଦଳର ମେରୁଦଣ୍ଡ ଓ ଏକ ମୁଖ୍ୟ ସାମ୍ମୁଖ୍ୟ। ଓଡ଼ିଶାରେ କଂଗ୍ରେସକୁ ସରକାରକୁ ଆଣିବା ପାଇଁ ଯୁବ କଂଗ୍ରେସର ସଂଗ୍ରାମ ଓ କାର୍ଯ୍ୟକ୍ରମ ଏକମାତ୍ର ମାଧ୍ୟମ। ଯୁବକମାନେ ହିଁ ପରିବର୍ତ୍ତନର ସୂତ୍ରଧର। ସେମାନଙ୍କ ତ୍ୟାଗ ଓ ଆନ୍ଦୋଳନ ସରକାରକୁ ପରିବର୍ତ୍ତନ କରିବ। ଡବଲ ଇଞ୍ଜିନ ସରକାର ଓଡ଼ିଶାରେ ଯୁବବିରୋଧୀ ସରକାର। ରାଜ୍ୟରେ ଅନେକ ଲକ୍ଷ ବେକାର ଯୁବତୀ, ଯୁବକ ହତାଶାରେ କାଳ କାଟୁଥିବା ବେଳେ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ସରକାର ଚିନ୍ତା କରୁନାହାନ୍ତି ବୋଲି ସେ କହିଛନ୍ତି। ଏହି ଅବସରରେ ଆସନ୍ତା ୩ ମାସରେ ରାଜ୍ୟ, ଜିଲା, ବିଧାନସଭା ନିର୍ବାଚନମଣ୍ଡଳୀ ଓ ବ୍ଲକସ୍ତର ପର୍ଯ୍ୟନ୍ତ ଯେଉଁ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ସେନେଇ ରଣଜିତ ଆଲୋଚନା କରିଛନ୍ତି। କାର୍ଯ୍ୟକାରିଣୀରେ ୫ ପ୍ରସ୍ତାବ ଆଗତ ହୋଇଛି। ଏସବୁକୁ ନେଇ ପ୍ରଦେଶ ଯୁବ କଂଗ୍ରେସ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଗ୍ରହଣ କରିବା ପ୍ରସ୍ତାବ ସମସ୍ତଙ୍କର ସମର୍ଥନ ଲାଭ କରିଛି।

# ଦୁର୍ଘଟଣାରେ ମୃତ ଯୁବକଙ୍କ ଚକ୍ଷୁଦାନ କଲେ ପରିବାର

**ଭଞ୍ଜନଗର,୨୮।୫(ବାବୁଲା ପ୍ରଧାନ)**

ଗଞ୍ଜାମ ଜିଲା ଭଞ୍ଜନଗର-ବେଲଗୁଣ୍ଠା ମୁଖ୍ୟରାସ୍ତାର ନୂଆଗାଁ ସେତୁ ଉପରେ ସୋମବାର ରାତିରେ ପୃଥକ୍ ୩ଟି ବାଇକ୍ ଦୁର୍ଘଟଣା ହୋଇଥିଲା। ଏଥିରେ ୬ ଜଣ ଆହତ ହୋଇଥିଲେ। ଆହତଙ୍କ ମଧ୍ୟରୁ ଜଣେ ଯୁବକଙ୍କ ବ୍ରହ୍ମପୁର ବଡ ମେଡ଼ିକାଲରେ ମୃତ୍ୟୁ ହୋଇଛି। ସେ ହେଲେ ଭଞ୍ଜନଗର ଥାନା ଅନ୍ତର୍ଗତ ଡୁମାକୁମ୍ପାର ରାଜେନ୍ଦ୍ର ପାତ୍ର (୧୯)। ପରିବାର ଲୋକେ ମେଡିକାଲରେ ରାଜେନ୍ଦ୍ରଙ୍କ ଚକ୍ଷୁ ଦାନ କରିଛନ୍ତି।


**Government of Odisha**
**Higher Education Department**
No. N-54

**MUKHYAMANTRI RESEARCH FELLOWSHIP-2025-26 UNDER MRIP**
************
**Timeline for Registration of Ph.D. Applicants under SAMS for the State Public Universities**

The timeline for **the Registration of Ph.D. Applicants** for the session 2025-26 in the State Public Universities under the Higher Education Departments as well as other Departments of the Government of Odisha, through the project 'Student Academic Management System (SAMS)' is given below. Any changes in the dateline will be published in the newspapers as well as in the website www.samsodisha.gov.in. The Common Prospectus (CP) for the said Course is available on the SAMS Portal. Kindly refer to the CP for the below mentioned activities.

| Sl# | Activities | Timeline |
|---|---|---|
| 1 | Availability of Online CAF in the website www.samsodisha.gov.in | 29-May-2025 (Thursday) **(04:00 PM)** |
| 2 | Last date of applying online CAF through www.samsodisha.gov.in | 24-Jun-2025 (Tuesday) **(11.45 PM)** |
| 3 | Editing of the CAF (If required), by the eligibile applicants for the CAF submitted earlier (New CAF submission is not allowed on this day) | 25-Jun-2025 (Wednesday) **(10.00 AM to 11.45 PM)** |
| 4 | Submision of applicant's data to Odisha State Higher Education Council (OSHEC) by OCAC | 03-July-2025 (Thursday) |
| 5 | Document Verification for the candidates by Odisha State Higher Education Council (OSHEC) | Dates will be notified by the Higher Education Department Later |

For more details please contact: e-Admission Helpline (Toll Free) Number 155335 / 1800-345-6770

**N.B.:** To enroll into the MRF, the candidates must be a permanent resident of Odisha. The candidates may complete the required Pre Ph.D. course work at any of the State Universities of Odisha or outside Odisha, but must have registered under an approved research guide at any of the state public universities of Odisha.

**OIPR-11001/11/0056/2526** **Sd./- Deputy Director, PTC Section**



**NATIONAL LAW UNIVERSITY ODISHA, CUTTACK**
**(Established by Odisha Act IV of 2008)**
**Kathajodi Campus, Sector 13, CDA, Cuttack - 753015, Odisha**

**Advertisement for Teaching Positions at NLUO**
**Advt No.: NLUO/FR-001/29.05.2025**

| Sl. No. | Position | Subject | No. of Posts | Reservation | Pay Level/ Details | Nature of Appointment |
|---|---|---|---|---|---|---|
| 1 | Assistant Professor (Contractual) | English | 1 | UR | Consolidated Salary of Rs. 50,000/- P.M. | One year Contract |
| 2 | Assistant Professor (Contractual) | Political Science | 1 | UR | Consolidated Salary of Rs. 50,000/- P.M. | One year Contract |
| 3 | Guest Faculty | Indian Legal System, Advocacy for Marginalized Communities, Access to Justice, Legal Drafting, Equality and Inclusiveness, Social Entrepreneurship, IT Expertise l, Case Knowledge Management | 08 (One each) | UR | Rs. 1500/- Per class | Purely temporary for one semester |

The interested and eligible candidates are to apply by using the available details on the Career section of the University website www.nluo.ac.in latest by **10.06.2025 by 5.00 P.M.**

**Note:**
1. The filled-in application form along with the relevant documents, all proof of qualifications and experiences along with a demand draft of Rs.500/- should reach the Registrar, National Law University Odisha, Kathjodi Campus, C.D.A., Sector-13, Cuttack-753 015 on **10.06.2025** by **5.00 P.M.**
2. Only short-listed candidates will be called for Interview.
3. No TA/DA will be given for attending the Interview.
4. For any updates please visit University website regularly, no separate communication will be made to the candidates.

**Sd/- Registrar**

ହତାଶା କେବେ ବି ଅଗ୍ରଗତି ଲାଗି ଆବଶ୍ୟକ ନୁହେଁ। ଏହା ସର୍ବଦା ଏକ ଦୁର୍ବଳତା ଓ ତାମସିକତାର ଲକ୍ଷଣ। ଏହା ଜଣାଇଦିଏ ଯେ, ଏକ ବିରୋଧୀ ଶକ୍ତି ତୁମ ଭିତରେ ପ୍ରବେଶ କରିଛି। ଏହି ବିରୋଧୀ ଶକ୍ତି ତୁମ ସାଧନା ବିରୋଧରେ କାର୍ଯ୍ୟ କରେ। –ଶ୍ରୀମା



# ଆମେ ଆମ ଜୀବନର ସାକ୍ଷୀ



ଦେବଦତ୍ତ ପଟ୍ଟନାୟକ

ପୁରାଣରେ ବହୁ ଚମତ୍କାର ଅବଧାରଣା ରହିଛି, ଯାହା ମଣିଷର ଭାବନା ଏବଂ ଜ୍ଞାନକୁ ବୁଝାଇଥାଏ। ଦେଖିବାକୁ ଗଲେ ମାନବୀୟ ଚିନ୍ତାଧାରାରେ ଈଶ୍ୱର ଏବଂ ସମାନତାର ଧାରଣା ରହିଥିଲେ ମଧ୍ୟ ସେସବୁ ପ୍ରକୃତିରେ ଦୃଶ୍ୟମାନ ହୋଇ ନ ଥାଏ। ପୁରାଣ ହେଉଛି ଅଦୃଶ୍ୟ ଜଗତର ଧାରଣା ଓ ବିଶ୍ୱାସ। ପ୍ରକୃତିରେ ନ ଥିବା ଧାରଣାଗୁଡ଼ିକୁ ବୁଝାଇବା ଲାଗି ଏହା କାଳ୍ପନିକ ଛବି ବା କାହାଣୀ ବ୍ୟବହାର କରେ, ଯାହା ପ୍ରକୃତିରେ ନାହିଁ । ଆଦିମାନବ ପ୍ରକୃତିର କାର୍ଯ୍ୟକୁ ବ୍ୟାଖ୍ୟା କରିବା ପାଇଁ ଦେବତାଙ୍କ ଧାରଣା ଆଣିଥିଲା। ତା' ଦୃଷ୍ଟିରେ ଫୁଲ ଓ ଫଳ ଦେଉଥିବା ଗଛ ହିଁ ଭଗବାନ୍। ଜଙ୍ଗଲ ଓ ନଦୀ ମଧ୍ୟ ଥିଲା ତା' ପାଇଁ ଦେବତା। ପ୍ରକୃତିର ନିୟମ ସହିତ ଏକ ସମନ୍ୱୟ ଆଣିବା ଲାଗି ମଧ୍ୟପ୍ରାଚ୍ୟର ଆଦିବାସୀମାନେ ଈଶ୍ୱରଙ୍କ କାହାଣୀ ସୃଷ୍ଟି କରିଥିଲେ। ବିଶେଷକରି ସେହି ସମୟରେ ଭାରତୀୟମାନେ ଜୀବନର ବିବିଧତା ତଥା ଭବିଷ୍ୟତ ଓ ଅସମାନତାକୁ ଦର୍ଶାଇବା ସକାଶେ ପୁନର୍ଜନ୍ମ ଧାରଣା ଆଣିଥିଲେ, ଯାହାସବୁ ଥିବା କାଳ୍ପନିକ କାହାଣୀ ଏବଂ ଅବାସ୍ତବ ଛବି ମାଧ୍ୟମରେ ପ୍ରଚାର କରିଥିଲେ। ଉଦାହରଣ ସ୍ୱରୂପ, ବୌଦ୍ଧଧର୍ମର ଜାତକ କାହାଣୀ ବୁଦ୍ଧଙ୍କର ପ୍ରାୟ ୫୫୦ ପୂର୍ବଜନ୍ମ ସମ୍ପର୍କରେ (କେତେକ ଉଦ୍ଭିଦ, କେତେକ ପ୍ରାଣୀ ଏବଂ କେତେକ ମଣିଷ ଭାବରେ) ସୂଚିତ କରିଛି । ବିଷ୍ଣୁଙ୍କର ଦୁଇ ଅବତାର ରାମ ଏବଂ କୃଷ୍ଣଙ୍କ କାହାଣୀ ରାମାୟଣ ଓ ମହାଭାରତରେ ରହିଛି। ଦେଖିବାକୁ ଗଲେ ହିନ୍ଦୁ ପରମ୍ପରାରେ ପୁନର୍ଜନ୍ମ ବିଶ୍ୱାସ ଦୃଢ଼ ଭାବେ ରହିଆସିଛି।

ଯିଶୁ ଜଣେ କୁମାରୀଠାରୁ ଜନ୍ମ ହେବା ବିଶ୍ୱାସକୁ ଏବେ ବି ଅନେକେ ଗ୍ରହଣ କରନ୍ତି। କିନ୍ତୁ ସେ ଏକ ଅଲୌକିକ ସତ୍ତା, ଈଶ୍ୱରଙ୍କ ପୁତ୍ର, ଯାହାଙ୍କୁ ହତ୍ୟା କରାଯିବା ପରେ ନିଜେ ପୁନର୍ଜୀବନ ପ୍ରାପ୍ତ ହେବାର ବିଶ୍ୱାସକୁ ଏହା ଜାଗ୍ରତ କରିବା ପାଇଁ ଉଦ୍ଦିଷ୍ଟ ଥିଲା। ମହମ୍ମଦ ଜେରୁଜେଲମରୁ ସ୍ୱର୍ଗକୁ ଯିବାର କାହାଣୀ ତାଙ୍କୁ ଜଣେ ଈଶ୍ୱର ଭାବେ ଦର୍ଶାଇବା ପାଇଁ ଉଦ୍ଦିଷ୍ଟ ଥିଲା। ୟୁରୋପୀୟ ପଣ୍ଡିତମାନେ ଯିଶୁ ଏବଂ ମହମ୍ମଦଙ୍କ ଜନ୍ମ ଓ ଜୀବନର ବାସ୍ତବତାକୁ ଯେମିତି ଗ୍ରହଣ କରନ୍ତି ସେହିଭଳି ହିନ୍ଦୁ ପୁରାଣଗୁଡ଼ିକୁ ସ୍ୱୀକାର କରିଥାନ୍ତି। ସେମାନେ



ସେଥିରେ କାଳ୍ପନିକତା ଦେଖିପାରନ୍ତି ନାହିଁ। ଦେଖିବାକୁ ଗଲେ କ୍ଷୀରସାଗର ଅସ୍ତିତ୍ୱ କିମ୍ବା ଶିବଙ୍କ ମୁଣ୍ଡରେ ଗଙ୍ଗା ଆକାଶରୁ ଧରାକୁ ଆସିଥିବା ଧାରଣାଗୁଡ଼ିକୁ ଅର୍ଥପୂର୍ଣ୍ଣ ପ୍ରତୀକ ଭାବେ ସେଗୁଡ଼ିକୁ ବ୍ୟବହାର କରି ପ୍ରଚାର କରାଯାଇଥିଲା।

ଏବେକାର ଆଧୁନିକ ଯୁଗର ଲୋକେ ପରମ୍ପରାକୁ ଘୃଣା କରନ୍ତି । ସେମାନେ ସେମାନଙ୍କ ପୂର୍ବଜଙ୍କ ତୁଳନାରେ ବାସ୍ତବବାଦୀ ବୋଲି ଅନୁଭବ କରନ୍ତି। କିନ୍ତୁ ଯଦି ଆମେ ପୁନର୍ଜନ୍ମ ଉପରେ ବିଶ୍ୱାସ କରୁ, ତେବେ ଆମକୁ ବୁଝିବା ଦରକାର ଯେ ପୁନର୍ଜନ୍ମ ବିଚାର କ'ଣ ଓ ଏହାର ଉଦ୍ଦେଶ୍ୟ କ'ଣ ରହିଛି। ପୁନର୍ଜନ୍ମ ତିନୋଟି ସିଦ୍ଧାନ୍ତ ସାମ୍ନାକୁ ଆଣେ। ପ୍ରଥମେ ଏହା ସୃଷ୍ଟିର ବିବିଧତାକୁ ଦର୍ଶାଏ। ପୁନର୍ଜନ୍ମ ସମସ୍ତ ବିବିଧତାକୁ ଆମର ଦାୟିତ୍ୱ ବୋଲି ସୂଚିତ କରେ। ଆମ ସମସ୍ତଙ୍କ ଜୀବନ ହିଁ ଭଲ ଓ ମନ୍ଦ କର୍ମର ସମାହାର। ଯେଉଁମାନେ ପୂର୍ବଜନ୍ମରେ ନକାରାତ୍ମକ କର୍ମ କରିଥାନ୍ତି ସେମାନେ ଏ ଜନ୍ମରେ ଯନ୍ତ୍ରଣା ଭୋଗନ୍ତି । ଯେଉଁମାନେ ସକାରାତ୍ମକ କର୍ମର ପାରବ୍ଧ ନେଇ ଆସନ୍ତି ସେମାନେ ଆନନ୍ଦରେ ରହନ୍ତି। ଏହି ବିବିଧତାକୁ ବୁଝାଇବାରେ କର୍ମ ସାହାଯ୍ୟ କରେ। ପୁନର୍ଜନ୍ମ କର୍ମକୁ ବ୍ୟାଖ୍ୟାକରେ । ସମସ୍ତେ ସମାନ ବା ଗୋଟିଏ ରୂପ ବୋଲି ବିଶ୍ୱାସ କରୁ ନ ଥିବା ସମାଜରେ କର୍ମ ସିଦ୍ଧାନ୍ତ ରହିଛି। ଯେଉଁଠି ସମସ୍ତେ ସମାନ ବୋଲି ବିଶ୍ୱାସ କରାଯାଏ ସେଠାରେ ତୁମେ ଗୋଟିଏ ଈଶ୍ୱର, ଗୋଟିଏ ଗ୍ରନ୍ଥ ଏବଂ ଗୋଟିଏ ଜୀବନଶୈଳୀ ପାଇପାରିବ । ଦ୍ୱିତୀୟରେ ଗୋଟିଏ ଜନ୍ମ ଉପରେ ବିଶ୍ୱାସ କରୁଥିବା ପୁରାଣଗୁଡ଼ିକ ଜୀବନର ଏକ ଶୀର୍ଷ ସ୍ତର, ମହାପ୍ରଳୟ, ମହାଯୁଦ୍ଧକୁ ଦର୍ଶାଏ । ଅନ୍ୟପଟେ ଅନେକ ଜୀବନ ଉପରେ ବିଶ୍ୱାସ କରୁଥିବା ସମାଜରେ ସେପରି କୌଣସି ଶେଷ ବିଚାର ନାହିଁ, ଏପରି କି କୌଣସି ବିଜୟ କିମ୍ବା ପରାଜୟ ନାହିଁ। କୁହାଯାଏ ଏଇ ଜୀବନରେ ଜଣେ ବିଜୟୀ ହେଲେ ଆର ଜନ୍ମରେ ହାରିବାକୁ ହୋଇଥାଏ। ପୂର୍ବଜନ୍ମରେ ଯିଏ ଧନୀ ସେ ଏଇ ଜୀବନରେ ଗରିବ ହୁଏ। ଜୀବନର ସବୁକିଛି ଏକ ଚକ୍ରାକାର ଗତିରେ ଚାଲେ। ଜୀବର ପ୍ରତ୍ୟେକଟି କାର୍ଯ୍ୟର ପରିଣାମ ଅଛି । ସୃଷ୍ଟିରେ ମଧ୍ୟ କୌଣସି ଗୋଟିଏ ମହାବିନାଶର ଦିନ ନାହିଁ। କେହି ସ୍ୱର୍ଗ କିମ୍ବା ନର୍କରେ ନାହାନ୍ତି । କୌଣସି ଅନ୍ତିମ ଗନ୍ତବ୍ୟସ୍ଥଳ ବି ନ ଥାଏ। କେବଳ ଥାଏ ଜନ୍ମ –ମୃତ୍ୟୁ ଚକ୍ରର ପଥ ଯେଉଁଥିରେ ଜଣେ ଜନ୍ମ ପରେ ଜନ୍ମ ନେଇଥାନ୍ତି।

ତୃତୀୟରେ ଯଦି ଜଣେ କେବଳ ଥରେ ଜନ୍ମ ନେବ କିମ୍ବା ଥରେ ଏହି ସୃଷ୍ଟିରେ ବଞ୍ଚିବ, ତେବେ ବୁଝିବାକୁ ହେବ ଯେ, ତାଙ୍କର ପୁନର୍ଜନ୍ମ ନାହିଁ। ତାହା ହେଉଛି ତୁମ ସଞ୍ଚିତ ପ୍ରାରବ୍ଧର ସୁଫଳ। ତେଣୁ ତୁମେ ବଞ୍ଚିଥିବା ସମୟରେ କରିଥିବା କାର୍ଯ୍ୟ ଏବଂ ଲାଭ କରିଥିବା ସଫଳତା ଓ ଧନସମ୍ପତ୍ତିକୁ ଜୀବନ ଶେଷରେ ଗଣନା କରାଯାଇଥାଏ। ତୁମେ ସେହି ଜୀବନରେ ସଫଳ ହୋଇଛ କି ନାହିଁ ତାହା ସ୍ଥିର କରାଯାଏ ଓ ତାହା ହିଁ ପ୍ରାରବ୍ଧ। କିନ୍ତୁ ଯଦି ତୁମେ ବାରମ୍ବାର ଜନ୍ମ ନେଉଛ, ତେବେ ତୁମ ଜୀବନକୁ ସେହି ଭଳି ଅସୀମ ଥର ଭାଗ ହେଉଛି ବୋଲି ବୁଝିବାକୁ ହେବ। ଫଳରେ ତୁମେ ଯାହା କର କିମ୍ବା ହାସଲ କରିଥାଅ ତାହାର ମୂଲ୍ୟ ଶେଷରେ ଶୂନ୍ୟ ହୋଇଯାଏ। ମନେରଖିବାକୁ ହେବ ଯେ, ଅନ୍ୟମାନଙ୍କୁ ତୁମେ ଯାହାସବୁ ଦେଉଛ ସେଥିରେ ତୁମ ଜୀବନର ମୂଲ୍ୟାଙ୍କନ ହୋଇଥାଏ। ଭଲ କରୁଥିଲେ କିମ୍ବା ଦେଉଥିଲେ ଜୀବନର ମୂଲ୍ୟ ବଢ଼େ। ଆମ୍ବ ଗଛରେ ଆମ୍ବ ଫଳିଲେ ତାହାର ମୂଲ୍ୟ ଜଣା ପଡ଼େନାହିଁ ବରଂ ତାକୁ ଖାଇଲେ ତାହାର ମୂଲ୍ୟ କ'ଣ ଜାଣିପାରିବା। ପ୍ରକୃତରେ କୌଣସି ଜିନିଷର ଗୁଣାତ୍ମକ ମୂଲ୍ୟ ଅନ୍ୟମାନଙ୍କ ଦ୍ୱାରା ନିର୍ଦ୍ଧାରଣ ହୋଇଥାଏ। ତୁମେ ଏ ଜନ୍ମରେ ଜୀବନକୁ ନଷ୍ଟ କରିଥିଲେ ପରଜନ୍ମରେ ତାହାକୁ ଅନ୍ୟମାନେ ନଷ୍ଟ କରିଦେବେ। ଏ ଜନ୍ମରେ ଭଲ କାମ ତଥା ଅନ୍ୟମାନଙ୍କ ସେବା କରିଥିଲେ ତାହାର ମୂଲ୍ୟ ଅନ୍ୟମାନଙ୍କ ଦ୍ୱାରା ପରଜନ୍ମରେ ନିର୍ଦ୍ଧାରିତ ହେବା ଥୟ। କେହି ଆମକୁ ଦେଖୁ ବା ନ ଦେଖୁ ଆମେ ହିଁ ଆମ ଜୀବନର ଜଣେ ବାସ୍ତବ ସାକ୍ଷୀ। ଏଣୁ ଜଣେ ସାକ୍ଷୀ ଭାବେ ଭଲମନ୍ଦ କର୍ମର ଋଣ ପରିଶୋଧ କରିବାକୁ ହେବ ଏବଂ ଭଲ କାମ କରି ପୁନର୍ଜନ୍ମରେ ସକାରାତ୍ମକ ଫଳପ୍ରାପ୍ତି ପାଇଁ ଚେଷ୍ଟା ହେବା ଦରକାର।

–devduttofficial@gmail.com

## ଏଇ ଭାରତରେ

ଏବେ ଅନେକ ପିଲା ମା'ବାପାଙ୍କର ସେବା କରିବା ଓ ସେମାନଙ୍କ ଦାୟିତ୍ୱ ନେବାକୁ ବୋଝ ବୋଲି ଭାବୁଛନ୍ତି। ହେଲେ ମୃତ୍ୟୁ ପରେ ଶୁଦ୍ଧିକର୍ମ କରିବା ପାଇଁ ଝଗଡ଼ା କରିବାଭଳି ଘଟଣା ଦେଖିବାକୁ ମିଳିଛି ମଧ୍ୟପ୍ରଦେଶ ଟିକମଗଡ଼ ଜିଲା ଲିଧୋରାତାଲ ଗାଁରେ। ପିତାଙ୍କ ଅନ୍ତିମ ସଂସ୍କାରବେଳେ ତାଙ୍କ ମୃତଦେହକୁ ଦୁଇଭାଗ କରିବା ପର୍ଯ୍ୟନ୍ତ କଥା ଯାଇଥିଲା। ଘଟଣାଟି ହେଉଛି ଲିଧୋରାତାଲ ଗାଁର ୮୪ ବର୍ଷୀୟ ଧ୍ୟାନୀ ସିଂହ ନିଜ ସାନ ପୁଅ ଦେଶରାଜଙ୍କ ପାଖରେ ରହୁଥିଲେ। ତାଙ୍କର ମୃତ୍ୟୁ ହେବା ପରେ ଅନ୍ତିମ ସଂସ୍କାର ପାଇଁ ଦେଶରାଜ ସମସ୍ତ ବ୍ୟବସ୍ଥା କରିଥିଲେ। କିନ୍ତୁ ବାପାଙ୍କ ମୃତ୍ୟୁର ଖବର ପାଇଁ ସହରରେ ରହୁଥିବା ବଡ଼ ପୁଅ କିଷନ ଆସି ଅନ୍ତିମ ସଂସ୍କାର କରିବାକୁ ଜିଦ୍ ଧରିଥିଲେ, ଯାହାପାଇଁ ଦୁଇ ଭାଇଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏମିତିକି ବାପାଙ୍କ ମୃତଦେହକୁ ଦୁଇଭାଗ କରିବା ଯାଏ କଥା ଯାଇଥିଲା। ଶେଷରେ ପୋଲିସ ସେଠାରେ ପହଞ୍ଚି ଘଟଣାର ସମାଧାନ କରିଥିଲା ଏବଂ ସାନପୁଅଙ୍କୁ ଅନ୍ତିମ ସଂସ୍କାରର ଅଧିକାର ମିଳିଥିଲା।

## ୫୦ ବର୍ଷ ତଳର ଧରିତ୍ରୀ

୨୯ ମେ ୧୯୭୬

- ରାଜ୍ୟର ବିଶିଷ୍ଟ ହୋମିଓ ଚିକିତ୍ସକ ତଥା ସମାଜସେବୀ ଡାକ୍ତର ଅଭିନ୍ନ ଚନ୍ଦ୍ର ରାଓଙ୍କ ୭୮ ବର୍ଷ ବୟସରେ ପରଲୋକ।
- ରାଜ୍ୟ ସରକାର ସର୍ବନିମ୍ନ ମଜୁରୀ ବୋର୍ଡ ସହ ପରାମର୍ଶ କରି ଛାପାଖାନାର ୫ଟି ଶ୍ରେଣୀର କର୍ମଚାରୀମାନଙ୍କର ଦରମା ହାର ପରିବର୍ତ୍ତନ କରିଛନ୍ତି।
- ବିହାର ମୁଖ୍ୟମନ୍ତ୍ରୀ ଜଗନ୍ନାଥ ମିଶ୍ର ପୂର୍ବାଞ୍ଚଳ ପରିଷଦର ଭାଇସଚେୟାରମ୍ୟାନ୍ ନିଯୁକ୍ତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 2 | | |
| | | | 3 | | | | | 8 |
| 8 | | | | | | 5 | 1 | |
| | | | 9 | | 7 | | | |
| | 5 | 4 | | 1 | | | | |
| | 9 | | | 3 | | | | 6 |
| | 4 | | 7 | | | 8 | | 1 |
| | 6 | | | | 1 | 3 | 7 | |
| | | 3 | | | 9 | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 8 | 2 | 6 | 4 | 3 | 5 | 1 | 9 |
| 3 | 4 | 5 | 8 | 9 | 1 | 2 | 7 | 6 |
| 6 | 9 | 1 | 5 | 2 | 7 | 3 | 8 | 4 |
| 9 | 5 | 3 | 4 | 8 | 6 | 1 | 2 | 7 |
| 2 | 7 | 8 | 9 | 1 | 5 | 6 | 4 | 3 |
| 4 | 1 | 6 | 7 | 3 | 2 | 8 | 9 | 5 |
| 5 | 6 | 9 | 2 | 7 | 8 | 4 | 3 | 1 |
| 8 | 3 | 7 | 1 | 5 | 4 | 9 | 6 | 2 |
| 1 | 2 | 4 | 3 | 6 | 9 | 7 | 5 | 8 |

ଗତକାଲିର ଉତ୍ତର

# ସାମ୍ବିଧାନିକ କ୍ଷମତାର ପ୍ରୟୋଗ



କିଶୋର ଚନ୍ଦ୍ର ବେହେରା

ଗଣତନ୍ତ୍ରରେ ସରକାରର ୩ଟି ଅଙ୍ଗ ବା ଶାଖା ଥାଏ, ଯଥା ବ୍ୟବସ୍ଥାପକ ସଭା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା। କାର୍ଯ୍ୟପାଳିକା ସରକାରଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ। ବ୍ୟବସ୍ଥାପିକା ଦ୍ୱାରା ପ୍ରଣୀତ ଆଇନକୁ କାର୍ଯ୍ୟକାରୀ କରିବା ସହିତ ଅଦାଲତର ନିଷ୍ପତ୍ତିକୁ ମଧ୍ୟ ପାଳନ କରିଥାଏ ।ବିଶିଷ୍ଟ ରାଜନୀତିଜ୍ଞ ଗାର୍ଣ୍ଣର ମତପୋଷଣ କରନ୍ତି 'ବ୍ୟବସ୍ଥାପିକା ଓ ସମ୍ବିଧାନ ଦାରା ପ୍ରଣୀତ ଆଇନ ତଥା ନ୍ୟାୟାଳୟର ରାୟକୁ କାର୍ଯ୍ୟକାରୀ କରିଥାଏ ସରକାରଙ୍କ କାର୍ଯ୍ୟପାଳିକା ବିଭାଗ''। ଏହି ବିଭାଗ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ କରୁଥିବାରୁ ବ୍ୟାବହାରିକ ଅର୍ଥରେ ସରକାର କହିଲେ କାର୍ଯ୍ୟପାଳିକା ହିଁ ବୁଝାଇ ଥାଏ। କାର୍ଯ୍ୟପାଳିକା କହିଲେ ରାଷ୍ଟ୍ରର ମୁଖ୍ୟ ରାଷ୍ଟ୍ରପତି, ସରକାର ମୁଖ୍ୟ ପ୍ରଧାନମନ୍ତ୍ରୀ, ମନ୍ତ୍ରିମଣ୍ଡଳ ଓ ଉଚ୍ଚ ଶାସନ କର୍ମଚାରୀଙ୍କୁ ବୁଝାଇଥାଏ। କିନ୍ତୁ ବିକ୍ଷିପ୍ତ ଅର୍ଥରେ କାର୍ଯ୍ୟପାଳିକା ଉଭୟ ନୀତି ନିର୍ଦ୍ଧାରଣ ଓ ନୀତି କାର୍ଯ୍ୟକାରୀ ଶାସନକର୍ତ୍ତାଙ୍କୁ ବୁଝାଏ ।ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ମନ୍ତ୍ରିମଣ୍ଡଳ ନୀତି ନିର୍ଦ୍ଧାରଣ କରନ୍ତି ଓ ପ୍ରଶାସନିକ ସରକାରୀ କର୍ମଚାରୀ ସେଗୁଡ଼ିକ କାର୍ଯ୍ୟକାରୀ କରିଥାନ୍ତି। ବ୍ୟବସ୍ଥାପକ ସଭା ଆଇନ ପ୍ରଣୟନ କରୁଥିବାବେଳେ କାର୍ଯ୍ୟପାଳିକା ଏହାକୁ କାର୍ଯ୍ୟକାରୀ କରେ ।ସେହିପରି ବିଚାରବିଭାଗ ଏହି ଆଇନ ଗୁଡ଼ିକର ତର୍ଜମା, ବ୍ୟାଖ୍ୟା ଓ ସମୀକ୍ଷା କରେ ତଥା ଦୋଷୀକୁ ଦଣ୍ଡବିଧାନ କରେ। ଭାରତୀୟ ସମ୍ବିଧାନ ଓ ନ୍ୟାୟିକ ବ୍ୟବସ୍ଥାରେ ଏକ ସୁଚିନ୍ତିତ ସ୍ୱାଧୀନ ତଥା ନିରପେକ୍ଷ ବିଚାର ବ୍ୟବସ୍ଥା କରାଯାଇଛି ।ଏହି ପରିପ୍ରେକ୍ଷୀରେ ସର୍ବୋଚ୍ଚତମ ନ୍ୟାୟାଳୟ ତାମିଲନାଡୁ ରାଜ୍ୟପାଳଙ୍କ ପ୍ରସଙ୍ଗରେ ଦେଇଥିବା ରାୟ ସମ୍ପର୍କିତ ୧୪ ପ୍ରଶ୍ନ ପଚାରିଛନ୍ତି ରାଷ୍ଟ୍ରପତି। ସମ୍ବିଧାନର ଧାରା ୨୦୦ , ୨୦୧ ଓ ୩୬୧କୁ ଉଲ୍ଲେଖ କରି ରାଜ୍ୟପାଳଙ୍କ ଇଚ୍ଛାଧୀନ ବ୍ୟାପାର ଉପରେ ନ୍ୟାୟାଳୟ ହସ୍ତକ୍ଷେପ କରିବା କେତେଦୂର ନ୍ୟାୟସଙ୍ଗତ ସେ ସମ୍ପର୍କରେ ଅବଗତ କରିବା ପାଇଁ ସର୍ବୋଚ୍ଚତମ ନ୍ୟାୟାଳୟକୁ ଚିଠି ଲେଖିଛନ୍ତି। ସମ୍ବିଧାନର ଧାରା ୧୪୩ ଆଧାରରେ ରାଷ୍ଟ୍ରପତି ସୁପ୍ରିମକୋର୍ଟଙ୍କୁ ପ୍ରଶ୍ନ କରିଛନ୍ତି। ଏପ୍ରିଲରେ ଉପରାଷ୍ଟ୍ରପତି ଜଗଦୀପ ଧନକର ସୁପ୍ରିମକୋର୍ଟଙ୍କ କ୍ଷମତା ଉପରେ ପ୍ରଶ୍ନ ଉଠାଇଥିବାବେଳେ କିଛି ରାଜନେତା ବି ସୁପ୍ରିମକୋର୍ଟଙ୍କ କ୍ଷମତା ନେଇ ପ୍ରଶ୍ନ ଉଠାଇଥିଲେ। ତାମିଲନାଡୁ ସରକାର ବିନା ରାଜ୍ୟପାଳଙ୍କ ସମ୍ମତିରେ ୧୦ଟି ବିଲ୍ ଗୃହୀତ କରିବା ପରେ ଆରମ୍ଭ ହୋଇଥିଲା ବିତର୍କର ଝଡ଼।

ସମ୍ବିଧାନର ଧାରା ୧୪୩ (୧) ଆଧାରରେ ଭାରତର ପ୍ରଥମ ନାଗରିକ ଦେଶର ସର୍ବୋଚ୍ଚ ନ୍ୟାୟାଳୟକୁ ଅନେକ ପ୍ରଶ୍ନରେ ନ୍ୟାୟିକ ବ୍ୟବସ୍ଥାକୁ ହରଡ଼ଘଣାରେ ପକାଇଦେଇଛନ୍ତି ।ଧାରା ୨୦୦ ଅନୁଯାୟୀ ଯେତେବେଳେ ଏକ ସାଧାରଣ ବିଲ୍ ରାଜ୍ୟପାଳଙ୍କ ଦ୍ୱାରା ରାଷ୍ଟ୍ରପତିଙ୍କ ପାଖକୁ ଅନୁମୋଦନ ପାଇଁ ପଠାଯାଏ ସେତେବେଳେ ରାଷ୍ଟ୍ରପତି ଏହି ବିଲ୍ ଉପରେ ସହମତି ଦେଇପାରନ୍ତି କିମ୍ବା ଅସହମତି ପ୍ରକାଶ କରିପାରନ୍ତି ।ସମ୍ବିଧାନରେ ଏହି ପ୍ରକ୍ରିୟା ନେଇ କୌଣସି ସମୟସୀମା ଧାର୍ଯ୍ୟ କରାଯାଇନଥିବା ବେଳେ ସୁପ୍ରିମକୋର୍ଟ କିନ୍ତୁ ଏହା ଉପରେ ରାୟ ଦେଇ କହିଛନ୍ତି କି ରାଷ୍ଟ୍ରପତି ଏହି ବିଲ ଉପରେ ବିଚାର କରିବାକୁ ଲମ୍ବା ସମୟ ନେଇପାରିବେ ନାହିଁ ।ଏହାକୁ ନେଇ ରାଷ୍ଟ୍ରପତି କ୍ଷୋଭ ପ୍ରକଟ କରିବା ସହ ଅନେକ ପ୍ରଶ୍ନର ସ୍ପଷ୍ଟୀକରଣ ଲୋଡ଼ିଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ ଠାରୁ ।ପ୍ରଥମ ପ୍ରଶ୍ନ ଯେତେବେଳେ ରାଜ୍ୟପାଳଙ୍କ ପାଖକୁ କୌଣସି ବିଲ୍ ଆସେ, ସେତେବେଳେ ତାଙ୍କ ପାଖରେ କ'ଣ ସବୁ ସାମ୍ବିଧାନିକ ବିକଳ୍ପ ରହିଥାଏ ? ଦ୍ୱିତୀୟରେ ଭାରତୀୟ ସମ୍ବିଧାନର ଧାରା ୨୦୦ ଅନୁଯାୟୀ କ' ଣ ରାଜ୍ୟପାଳ କୌଣସି ବିଲ୍ ଉପରେ ନିଷ୍ପତ୍ତି ନେବା ବେଳେ ମନ୍ତ୍ରିପରିଷଦଙ୍କ ପରାମର୍ଶ ଦ୍ୱାରା ବନ୍ଧା ? ତୃତୀୟରେ



ଭାରତୀୟ ସମ୍ବିଧାନର ଧାରା ୨୦୦ ଅନୁଯାୟୀ କ'ଣ ରାଜ୍ୟପାଳଙ୍କ ନିଷ୍ପତ୍ତିକୁ କୋର୍ଟରେ ଚ୍ୟାଲେଞ୍ଜ ଦିଆଯାଇପାରିବ ? ଚତୁର୍ଥରେ କ'ଣ ଧାରା ୩୬୧ ରାଜ୍ୟପାଳଙ୍କ ନିଷ୍ପତ୍ତିର ନ୍ୟାୟିକ ସମୀକ୍ଷା ଉପରେ ସମ୍ପୂର୍ଣ୍ଣ ଭାବେ ପ୍ରତିବନ୍ଧକ ଲଗାଇପାରିବ ? ପଞ୍ଚମରେ ଯଦି ସମ୍ବିଧାନରେ ରାଜ୍ୟପାଳଙ୍କ ପାଇଁ କୌଣସି ସମୟସୀମା ନାହିଁ ତାହାଲେ କ'ଣ ଅଦାଲତ ସମୟ ସୀମା ନିର୍ଦ୍ଧାରଣ କରିପାରିବେ ? ଷଷ୍ଠରେ କ'ଣ ରାଷ୍ଟ୍ରପତିଙ୍କ ନିଷ୍ପତ୍ତିକୁ ଅଦାଲତରେ ଚ୍ୟାଲେଞ୍ଜ କରିହେବ ? ସପ୍ତମରେ ରାଜ୍ୟପାଳ ରାଷ୍ଟ୍ରପତିଙ୍କ ନିକଟକୁ ବିଲ୍ ପଠାଇଲେ ରାଷ୍ଟ୍ରପତିଙ୍କ ପାଇଁ ସୁପ୍ରିମକୋର୍ଟଙ୍କ ମତାମତ ନେବା ବାଧ୍ୟତାମୂଳକ କି ? ଅଷ୍ଟମରେ ଧାରା ୨୦୦ ଏବଂ ୨୦୧ ଅନୁଯାୟୀ ରାଜ୍ୟପାଳ ଏବଂ ରାଷ୍ଟ୍ରପତିଙ୍କ ନିଷ୍ପତ୍ତି ଆଇନ ହେବା ପୂର୍ବରୁ ନ୍ୟାୟିକ ସମୀକ୍ଷାର ଅଧୀନରେ ଆସେ କି? ନବମରେ ଭାରତର ସମ୍ବିଧାନର ଧାରା ୧୪୨ ଅନୁଯାୟୀ କ'ଣ ସାମ୍ବିଧାନିକ କ୍ଷମତାର ପ୍ରୟୋଗ ରାଷ୍ଟ୍ରପତି କିମ୍ବା ରାଜ୍ୟପାଳଙ୍କ ଦ୍ୱାରା ଆଦେଶକୁ କୌଣସି ପ୍ରକାରେ ବଦଳାଯାଇପାରିବ ? ଦଶମରେ ରାଜ୍ୟପାଳଙ୍କ ଅନୁମୋଦନ ବିନା ମଧ୍ୟ ରାଜ୍ୟ ବିଧାନସଭା ଦ୍ୱାରା ଗୃହୀତ ଆଇନ ପ୍ରଭାବଶାଳୀ ବୋଲି ବିବେଚନା କରାଯିବ କି ? ଏକାଦଶରେ ଧାରା ୧୪୫(୩) ଅନୁଯାୟୀ ଏକ ସାମ୍ବିଧାନିକ ପ୍ରଶ୍ନର ବିଚାର କରିବା ପାଇଁ ସୁପ୍ରିମକୋର୍ଟରେ ସର୍ବନିମ୍ନ ପାଞ୍ଚ ଜଣିଆ ଖଣ୍ଡପୀଠ ଆବଶ୍ୟକ କି? ଦ୍ୱାଦଶରେ ଧାରା ୧୪୨ ଅନୁଯାୟୀ ସୁପ୍ରିମକୋର୍ଟର କ୍ଷମତା କେବଳ ପ୍ରକ୍ରିୟା ଯାଏ ସୀମିତ ନା ବିପରୀତ ଆଦେଶ ମଧ୍ୟ ଜାରି କରାଯାଇପାରିବ ? ତ୍ରୟୋଦଶରେ ସମ୍ବିଧାନ ତଥା ପ୍ରଚଳିତ ଆଇନ ସହିତ ଅସଙ୍ଗତ ନିର୍ଦ୍ଦେଶ ବା ଆଦେଶନାମା ସର୍ବୋଚ୍ଚ ନ୍ୟାୟାଳୟ ଦେଇ ପାରିବେକି? ଶେଷରେ ସମ୍ବିଧାନର ଧାରା ୧୩୧ ଅନୁଯାୟୀ ଦାୟର ହୋଇଥିବା ମାମଲା ବ୍ୟତୀତ, କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ବିବାଦ ସମାଧାନ ପାଇଁ ସୁପ୍ରିମକୋର୍ଟଙ୍କ ଅନ୍ୟ କୌଣସି କ୍ଷମତା ଅଛି କି ବୋଲି ପ୍ରଶ୍ନ କରିଛନ୍ତି।

ରାଷ୍ଟ୍ରପତିଙ୍କ ଆପତ୍ତି ଉପରେ ସର୍ବୋଚ୍ଚ ନ୍ୟାୟାଳୟ ନିଜର ରାୟ ବଦଳେଇପାରିବେ କି ଏହି ପ୍ରଶ୍ନ କାର୍ଯ୍ୟପାଳିକା ପାଇଁ ବର୍ତ୍ତମାନ ଏକ ମୁଖ୍ୟ କାରଣ ରୂପେ ଠିଆ ହୋଇଛି। ଯଦି ଆମେ ଭାରତୀୟ ସମ୍ବିଧାନର ୧୪୩ (୧) କଥା ବିଚାର କରିବା ରାଷ୍ଟ୍ରପତି ଯେକୌଣସି ଆଇନଗତ ପ୍ରସଙ୍ଗରେ ସର୍ବୋଚ୍ଚ ନ୍ୟାୟାଳୟ ସହ ପରାମର୍ଶ କରିପାରିବେ। ଏହି ମତାମତ ବାଧ୍ୟତାମୂଳକ ନୁହେଁ, କିନ୍ତୁ ଏହାର ଅନେକ ସାମ୍ବିଧାନିକ ମହତ୍ତ୍ୱ ରହିଛି। ଭିନ୍ନଭିନ୍ନ ସମୟରେ ରାଷ୍ଟ୍ରପତି ମାଗିଥିବା ମତାମତ ଉପରେ ସର୍ବୋଚ୍ଚ ନ୍ୟାୟାଳୟ ଦୁଇଥର ଜବାବ ଦେବାକୁ ମନା କରିଦେଇଥିଲେ। ୧୯୮୨ରେ ପାକିସ୍ତାନରୁ ଆସିଥିବା ପ୍ରବାସୀଙ୍କ ଥଇଥାନ ଆଇନ ଉପରେ ମତାମତ ଲୋଡ଼ାଯାଇଥିଲା, କିନ୍ତୁ ପରେ ସେହି ଆଇନ ପାରିତ ହୋଇ କୋର୍ଟରେ ପିଟିଶନ ଦାଖଲ କରାଯାଇଥିଲା, ଯାହା ମତାମତକୁ ଅପ୍ରାସଙ୍ଗିକ କରିଦେଇଥିଲେ। ଦ୍ୱିତୀୟଟି ହେଲା ୧୯୯୩ରେ ରାମ ଜନ୍ମଭୂମି – ବାବ୍ରି ମସଜିଦ ବିବାଦରେ ମନ୍ଦିରର ପୂର୍ବ ସ୍ଥିତି ଉପରେ ମତାମତ ଲୋଡାଯିବାରୁ କୋର୍ଟ ଏହାକୁ ଧାର୍ମିକ ଓ ସାମ୍ବିଧାନିକ ମୂଲ୍ୟବୋଧର ବିପରୀତ ବୋଲି କହି ଖାରଜ କରିଦେଇଥିଲେ ।୧୯୯୧ ରେ କାବେରୀ ଜଳ ବିବାଦକୁ ନେଇ ଅଦାଲତ କହିଥିଲେ ଯେ, ରାୟ ପ୍ରକାଶ ପାଇବା ପରେ ସେହି ପ୍ରସଙ୍ଗରେ ରାଷ୍ଟ୍ରପତିଙ୍କ ମତାମତ ନେବା ନ୍ୟାୟପାଳିକାର ମର୍ଯ୍ୟାଦା ବିରୋଧୀ। ସରକାର ଚାହିଁଲେ ରିଭ୍ୟୁ ପିଟିଶନ ଦାଖଲ କରିପାରିବେ, ଯାହା ନ୍ୟାୟିକ ପ୍ରକ୍ରିୟାର ଏକ ଅଂଶ ।ବିରୋଧୀ ଶାସିତ ରାଜ୍ୟଗୁଡ଼ିକର ବିଲ୍ ରାଜ୍ୟପାଳ କେଉଁ ପରିସ୍ଥିତିରେ ରଖୁଛନ୍ତି ବା ପ୍ରତ୍ୟାଖ୍ୟାନ କରୁଛନ୍ତି, ସେଥିରୁ ଏହି ପୂରା ଘଟଣା ସାମ୍ନାକୁ ଆସିଛି। ତାମିଲନାଡୁ ରାଜ୍ୟପାଳ ଆର୍ .ଏନ୍. ରବି ୧୦ଟି ବିଲ୍ ରାଷ୍ଟ୍ରପତିଙ୍କ ନିକଟକୁ ପଠାଇଥିଲେ ।ଏହା କେନ୍ଦ୍ର – ରାଜ୍ୟ ସମ୍ପର୍କରେ ସନ୍ତୁଳନ ପ୍ରସଙ୍ଗ ଏବଂ ଏକ ସମୟସୀମା ଜରୁରୀ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ସ୍ପଷ୍ଟ କରିଛନ୍ତି। ଏ ବାବଦରେ ରାଷ୍ଟ୍ରପତିଙ୍କ ପାଇଁ ସମୟସୀମା ନିର୍ଦ୍ଧାରଣ କରି ନିର୍ଦ୍ଦେଶ ଯୋଗୁ ସରକାର ଏହାକୁ ସାମ୍ବିଧାନିକ ଅସନ୍ତୁଳନ ବୋଲି କହିଥିଲେ ।ଉପରାଷ୍ଟ୍ରପତି ଜଗଦୀପ ଧନକର ମଧ୍ୟ ସର୍ବୋଚ୍ଚ ନ୍ୟାୟାଳୟକୁ କଡ଼ା ସମାଲୋଚନା କରିଛନ୍ତି। ଯଦି ଏହିଭଳି ଆରୋପପ୍ରତ୍ୟାରୋପ ଲାଗି ରହିବ ତେବେ ସମ୍ବିଧାନ ପାଇଁ ଶୁଭଙ୍କର ନୁହେଁ ବୋଲି ରାଷ୍ଟ୍ରନୀତିଜ୍ଞ ମତପୋଷଣ କରୁଛନ୍ତି।

ମୋ: ୯୪୩୭୯୫୪୫୬୮

# ବର୍ଷଣ ଯୋଜନାର ଦୂଷଣ ଚିତ୍ର



କାଳିପ୍ରସାଦ ମହାପାତ୍ର

ଚାଲୁ ଚାଲୁ ପିଲାଦିନର ବିଦ୍ୟାଳୟ ଆଡ଼େ ଦିନେ ଚାଲିଗଲି। ପ୍ରଧାନ ଶିକ୍ଷୟିତ୍ରୀ ମୋ ବୃତ୍ତି, ବ୍ୟକ୍ତିତ୍ୱ ସମ୍ବନ୍ଧରେ ଭଲ ଭାବରେ ଅବଗତ। ନମସ୍କାର କରି ଆଦର କଲେ। ବିଦ୍ୟାଳୟର ନାନା ସମସ୍ୟା ଉପରେ ଗପି ଚାଲିଲେ। ପଚାରିଲି – ବିଦ୍ୟାଳୟର ପିଲା ସଂଖ୍ୟା କେତେ ? କହିଲେ ୫୨। ଆଶ୍ଚର୍ଯ୍ୟ ହେଲି। ଶୁଣିଲି, ପାଖ ସ୍କୁଲ କେତୋଟିକୁ ଭାଙ୍ଗିଦେଇ ଏଇ ସ୍କୁଲରେ ମିଶାଇ ଦିଆଯାଇଛି । ସେଠିକାର ଆଠ, ନଅଟି ପିଲା ଆଉ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଆଣି ଏଠି ଏକାଠି କରିଦିଆଯାଇଛି। ହେଲେ ଏଠି ବି ପ୍ରତିବର୍ଷ ପିଲା ସଂଖ୍ୟା କମିବାରେ ଲାଗିଛି। କାରଣ ପଚାରିଲି। ପ୍ରଧାନ ଶିକ୍ଷୟିତ୍ରୀ କହିଲେ –''ସାର୍, ପିଲା କୁଆଡୁ ଆସିବେ ? ଏବେ ତ କାହାର ଦୁଇଟି ପିଲା ବି ନାହାନ୍ତି। ସମସ୍ତଙ୍କର ସେଇ ଗୋଟିଏ। ସେ ଝିଅ ହେଉ ବା ପୁଅ। ଆଉ ସେ ଗୋଟିକୁ ନେଇ ସେମାନେ କୋଉ ଶିଶୁମନ୍ଦିର ବା ଇଂଲିଶ ମିଡିୟମରେ ନାମ ଲେଖାଉଛନ୍ତି। ତେଣୁ ପିଲା ଆମେ ପାଇବୁ କୋଉଠୁ ?''

ଦେଖିଲି ବିଦ୍ୟାଳୟର ଭୌତିକ ଚିତ୍ର ମନ୍ଦ ନୁହେଁ। ବରଂ ଇନ୍ଦ୍ରଭବନୀୟ, ଆଖି ଝଲସା – ପର୍ଯ୍ୟାପ୍ତ ଘର , ପାଚେରି , ଗେଟ୍ ରାମ୍ପ , ପାଇଖାନା ,କାନ୍ଥ ସବୁ ରଙ୍ଗାରଙ୍ଗ, ଚକାଚକ! ମଧ୍ୟାହ୍ନଭୋଜନ, ପୋଷାକ, ବହିପତ୍ର ସବୁ ଯଥେଷ୍ଟ ମହଜୁଦ। ପଚାରିଲି – ୭ଟା ଶ୍ରେଣୀରେ ପିଲା ସଂଖ୍ୟା ତ ଏତିକି, ହେଲେ ଶିକ୍ଷକ? ''ମୋତେ ମିଶାଇ ୪ ଜଣ।'' ଆଶ୍ଚର୍ଯ୍ୟ ହେଲି– ପ୍ରଥମ ପିରିୟଡ୍‌ରେ ୭ଟା ଶ୍ରେଣୀକୁ ୭ ଜଣ ଶିକ୍ଷକ ନିହାତି ପ୍ରବେଶ କରିବା କଥା। ଏଠି ଏ ନିୟମ କେମିତି ହେଉଥିବ ?

ସେଦିନ ସେ ୩ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଭିତରୁ ଜଣେ ଟ୍ରେନିଂରେ ଯାଇଥିଲେ। ରିସେସ୍‌ରେ ପିଲାଏ ମଧ୍ୟାହ୍ନଭୋଜନ ଖାଇ ପଡ଼ିଆରେ ହୋହଲ୍ଲା, ମାର ଧର ହେଉଥାନ୍ତି। ରିସେସ୍ ଶେଷହେବା ପରେ ବି ଶ୍ରେଣୀକୁ ଯିବାର ଆତୁରତା ନ ଥାଏ। ଜଣେ ଶିକ୍ଷୟିତ୍ରୀ ଘରକୁ ଯିବାକୁ ଦରଖାସ୍ତଟିଏ ଧରି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବଢ଼ାଇଲେ। ଅନଧିକାର ତଥା ଆସୌଜନ୍ୟ ଜିଜ୍ଞାସା ପାଇଁ କ୍ଷମା ମାଗି ପଚାରିଲି – କ'ଣ ଘରକୁ ଯିବେ କି ଦିଦି ? ''ହଁ ସାର୍ ! ଆଜି ସଂକ୍ରାନ୍ତି ତ। ଘରେ ପୂଜା।'' ମୋ ଭିତରଟା କେମିତି ହୁଙ୍କାରିଉଠିଲା। କହିଲି, ''ଦେଖୁଛନ୍ତି , ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଛାଡ଼ି ଆପଣ ୩ ଜଣଙ୍କ ଭିତରୁ ଜଣେ ଶିକ୍ଷକ ମୋ ଆଗେ ଆଗେ ଅଫିସ୍ କାମରେ ବାହାରିଗଲେ। ଜଣେ ପୂର୍ବରୁ ଟ୍ରେନିଂରେ ଅଛନ୍ତି । ଆପଣ ଏବେ ଘର ପୂଜା ପାଇଁ ଦିନ ଦୁଇଟା ପୂର୍ବରୁ ସ୍କୁଲ ଛାଡ଼ିବେ। ଏବେ ଜଣେ ମାତ୍ର ଶିକ୍ଷୟିତ୍ରୀଙ୍କ ଦ୍ୱାରା ବିଦ୍ୟାଳୟଟି ଚାଲିବ କେମିତି ?'' ଶିକ୍ଷୟିତ୍ରୀ ଜଣକ କହିଲେ – ସତ କଥା କ'ଣ କି ସାର୍ ! ଘରେ ମୋର ୭ ମାସର ଝିଅଟିଏ। ତା'ରି ପାଇଁ ଟିକେ ଦିଦିଙ୍କୁ କହି ଯାଉଛି। ଧର୍ମ ସଙ୍କଟରେ ପଡ଼ି ପାଟିରୁ ମୋର କିଛି ବାହାରିଲା ନାହିଁ । ସେତେବେଳକୁ ପ୍ରତି ଶ୍ରେଣୀରେ ପିଲାଏ ହାଟ ଭଳି ଘୋ ଘା ହେଉଥାନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ନିଜର ଅସହାୟତା ପଦାରେ ପଡ଼ିଯାଉଥିବା ଜାଣିପାରି କହିଲେ – ''ଆମେ ନାଚାର ସାର୍। ପିଲାଙ୍କୁ ମାଡ଼ ତ ଦୂରର କଥା , ଟିକେ ଟାଣରେ ନାଲିଆଖି ଦେଖାଇପାରିବୁ ନାହିଁ। '' ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସାହାଯ୍ୟ କରିବାକୁ ତାଙ୍କ ଅନୁମତି ନେଇ ଗୋଟିଏ ଶ୍ରେଣୀକୁ ଗଲି। ଏକା ପ୍ରକୋଷ୍ଠରେ ଉଭୟ ପଞ୍ଚମ,ଷଷ୍ଠ ୨ ଶ୍ରେଣୀର ପିଲାଏ ବସିଥିଲେ। ସେମାନଙ୍କ ଦକ୍ଷତାକୁ ସୁହାଇଲା ଭଳି କେତୋଟି ଶବ୍ଦ ଲେଖିବାକୁ ଡାକିଲି। ସମୁଦାୟ ତେରଟି ପିଲାଙ୍କ ମଧ୍ୟରୁ ଗୋଟିଏ ପିଲାର ଦଶଟି ଶବ୍ଦ ଠିକ୍ ଥିଲା। ଅନ୍ୟ ୧୨ ଜଣଙ୍କର ସମସ୍ତ ଶବ୍ଦ ଅଶୁଦ୍ଧ।

ଅଫିସ୍‌କୁ ଫେରି ଆସି ନୀରବରେ ବସି ପଡ଼ିଲି। ଛୁଟି ଦରଖାସ୍ତ ଦେଇଥିବା ଶିକ୍ଷୟିତ୍ରୀ ଜଣଙ୍କର ଦରଖାସ୍ତଟି (ଇଂରାଜୀରେ) ମୋ ଦୃଷ୍ଟିରେ ପଡ଼ିଲା। ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସମୁଦାୟ ୭ – ୮ ଟି ଧାଡ଼ି ପାଞ୍ଚଟି ଅଶୁଦ୍ଧ ଶବ୍ଦ ସହିତ ମାରାତ୍ମକ ବ୍ୟାକରଣଗତ ତ୍ରୁଟି ସବୁ ଥିଲା। କାହାକୁ କିଛି ନ କହି ଉଠିବାର ଉପକ୍ରମ କରୁଥିଲି ।

ଆଖିକୁ ଅସୁଖ ଲାଗୁଥିଲା ପିଲାମାନଙ୍କ ଅଶୁଦ୍ଧ ଶବ୍ଦ, ତାଲିମପ୍ରାପ୍ତ ଶିକ୍ଷୟିତ୍ରୀଙ୍କ ଇଂରାଜୀ ଦରଖାସ୍ତ ଓ ଛାତ୍ରୀଛାତ୍ରଙ୍କ ବିଶୃଙ୍ଖଳିତ ଆଚରଣ। ମନେପଡ଼େ ଆମ ପିଲାଦିନ। ସେତେବେଳର ଅର୍ଥାତ୍ ୫୦/୬୦ ବର୍ଷ ତଳର ଧୋତି, ମୁଣ୍ଡ ଗଳା ଶାର୍ଟ ଆଉ କାଖରେ ଛତା ଜକା, ଖାଲି ପାଦର ବୁଢ଼ା ବୁଢ଼ା ଆମ ସାର୍‌ମାନଙ୍କ କଥା। ସରକାରୀ ଯୋଜନାର ନାମଗନ୍ଧ ନ ଥିବା ସେ ସବୁ ବେତ ଖଣ୍ଡିକରେ କେତେ ସତେ କରାମତି ନ ଥିଲା ! ଶିକ୍ଷା ,ଶୃଙ୍ଖଳା, ସଂଯମ, ଚରିତ୍ରବତ୍ତା, ଅନୁଜ୍ଞା ସହ ବିଦ୍ୟାଳୟର କଞ୍ଚା ବାଡ଼, ଲିପାପୋଛାର ମାଟିକାନ୍ଥ ଖଣ୍ଡିକ ବି କମ୍ ଜ୍ଞାନଗୁମ୍ଫିତ, ସଂସ୍କାର ସଞ୍ଚାରୀ କାରଖାନାଟିଏ ନ ଥିଲା ସତେ।

ମୋ:୯୭୭୭୦୧୯୫୬୨

## ଚିରନ୍ତନୀ

କି ଆନନ୍ଦ ନିହିତ ସେ
ସ୍ୱର୍ଗ ପରବାସେ,
ହୁଏ କି ତା' ସୁଷମିତ
ଶିଶୁର ସୁହାସେ !

–(ପୁରୀ–ମନ୍ଦିର)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପାଲା ଅନୁଷ୍ଠାନକୁ ସହାୟତା ମିଳୁ

ମହାଶୟ,

ପାଲା ଅନୁଷ୍ଠାନଗୁଡ଼ିକ ଏବେ ଅର୍ଥାଭାବ ସ୍ଥିତିର ସମ୍ମୁଖୀନ ହେଲେଣି। ଏଣୁ ପୁରାତନ ପାଲା ଅନୁଷ୍ଠାନଗୁଡ଼ିକୁ ଆର୍ଥିକ ସରକାରୀ ସହାୟତା ମିଳୁ। ୫୦ବର୍ଷରୁ ଉର୍ଦ୍ଧ୍ୱ ଅନୁଷ୍ଠାନକୁ ଚିହ୍ନଟ କରାଯାଉ। ଏବେ ପରିସ୍ଥିତି ଏମିତି ହେଲାଣି ଯେ, ବାଦୀପାଲା ପରିବର୍ତ୍ତେ ଏକକ ପାଲା ମାତ୍ର ୭ଦିନ ପରିବର୍ତ୍ତେ ୩ଦିନ କରାଯାଉଛି। ଅନୁଷ୍ଠାନଗୁଡ଼ିକ ଆର୍ଥିକ ସହାୟତା ପାଇଲେ ପରିଚାଳନା କରିବା ସହଜ ହେବ। ଏହାସହ ୫୦ବର୍ଷରୁ ଉର୍ଦ୍ଧ୍ୱ ଅନୁଷ୍ଠାନ ସୁରକ୍ଷିତ ହୋଇପାରିବ। ଏଥିପ୍ରତି ସରକାରଙ୍କ ଶୁଭଦୃଷ୍ଟି ପଡୁ।

–ରମେଶ ଚନ୍ଦ୍ର ବେହେରା, ଆୟଉପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## ହାତୀ ଭାଙ୍ଗିଲା ଘର, ବିଶ୍ରାମଗୃହ ଛାତକୁ ଚଢ଼ି ବର୍ତ୍ତିଲେ ୧୦

ଜି.ଉଦୟଗିରି,୨୮।୫ (ଚିନ୍ମୟ କୁମାର ସେଠୀ)

କନ୍ଧମାଳ ଜିଲା ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ କଳିଙ୍ଗା ପଞ୍ଚାୟତର ଥିବା ମଲାନସୁଗା ଛକସ୍ଥିତ ଦୁଇଟି ଘର ମଧ୍ୟରୁ ସୁମନ୍ତ ପ୍ରଧାନଙ୍କ ଘରକୁ ୨ଟି ହାତୀ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଛନ୍ତି। କିଛି ଦିନ ବ୍ୟବଧାନ ପରେ ଏକ ହାତୀପଲ ପୁଣି ଉକ୍ତ ଅଞ୍ଚଳରେ ଦୌରାତ୍ମ୍ୟ ଆରମ୍ଭ କରିଛନ୍ତି। ହାତୀଗୁଡ଼ିକ ୩ ଭାଗରେ ବିଭକ୍ତ ହୋଇ ସ୍ଥାନୀୟ ଅଞ୍ଚଳର ଜଙ୍ଗଲରେ ରହିଛନ୍ତି। ୪୮ଟି ହାତୀ ଉକ୍ତ ଅଞ୍ଚଳରେ ରହିଥିବା ଜଣାପଡିଛି। ସେଥିରୁ ରେଟୁଡ଼ି ଅଞ୍ଚଳରେ ୨୬ ଓ କଳିଙ୍ଗା ଅଞ୍ଚଳରେ ୨୦ ଓ ମଲାନସୁଗା ଅଞ୍ଚଳରେ ଦୁଇଟି ଅଛନ୍ତି। ମାଲାନସୁଗା ଅଞ୍ଚଳରେ ହାତୀ ଦେଖି ସୋମବାର ରାତି ପ୍ରାୟ ୧୨ଟାରେ ଅଞ୍ଚଳବାସୀ ଦୁଇଟି ହାତୀ ଘଉଡ଼ାଇଥିଲେ। ତେବେ ଏହି ଦୁଇ ହାତୀ ପୁଣି ଫେରିଆସି ମାଲାନସୁଗା ଛକ ନିକଟରେ ଥିବା ସୁମନ୍ତ ପ୍ରଧାନଙ୍କ ଘର ପଛପଟୁ ଭାଙ୍ଗି ଦେଇଛନ୍ତି। ରାତିରେ ଘରେ ସୁମନ୍ତ, ତାଙ୍କ ପରିବାର ଏବଂ ଘରକୁ କୁଣିଆ ଆସିଥିବା ସମ୍ପର୍କୀୟ ଲୋକମାନେ ପ୍ରାୟ ୧୦ ଜଣ ଶୋଇଥିଲେ। ହାତୀ ଆସି ଘର ଭାଙ୍ଗି ଘର ଭିତରେ ଥିବା ଧାନ, ଚାଉଳ, ମାଣ୍ଡିଆ ଓ ଅନ୍ୟାନ୍ୟ ଜିନିଷ ଖାଇ ନଷ୍ଟ କରିଥିଲେ। ଘର ଭିତରେ ଥିବା ଖଟ ଓ ଅନ୍ୟାନ୍ୟ ସାମଗ୍ରୀ ସବୁ ଭାଙ୍ଗିଥିଲେ। ହାତୀ ଘର ଭାଙ୍ଗିବା ସମୟରେ ସୁମନ୍ତ ସାହାସର ସହିତ ଘର ସମ୍ମୁଖରେ ଥିବା ବିଶ୍ରାମ ଗୃହ ଛାତ ଉପରକୁ ସମସ୍ତ ପରିବାର ଲୋକ ଓ କୁଣିଆଙ୍କୁ ଜଣଜଣ କରି ନେଇ ଯାଇଥିଲେ। ସକାଳ ୫ଟା ପର୍ଯ୍ୟନ୍ତ ଏହି ୨ ହାତୀ ସେମାନଙ୍କ ଦୌରାତ୍ମ୍ୟ ଚଳାଇ ଫର୍ଚ୍ଚା ହେବା ପୂର୍ବରୁ ଚାଲି ଯାଇଥିଲେ। ହାତୀ ଚାଲିଯିବା ପରେ ସୁମନ୍ତ ଓ ପରିବାର ଲୋକେ ଘରକୁ ଫେରି ଦେଖିବା ବେଳକୁ ଘର ସମ୍ପୂର୍ଣ୍ଣ ଛାର୍ ଖାର ହୋଇଯାଇଥିଲା। ସୁମନ୍ତ ରହୁଥିବା ସ୍ଥାନରେ କୌଣସି ନେଟୱର୍କ ନ ଥିବାରୁ ସେ ରାତିରେ ଏ ସମ୍ପର୍କରେ କାହାକୁ ଫୋନ୍ କରି ଜଣାଇପାରି ନ ଥିଲେ। ସକାଳ ହେବା ପରେ ବନ ବିଭାଗ ଓ ଅନ୍ୟମାନଙ୍କୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଅନୁଧାନ କରିଛନ୍ତି। କ୍ଷତିପୂରଣ ଓ ସହାୟତା ଦେବାକୁ ସୁମନ୍ତଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

### ଶିକ୍ଷା ସଚେତନତା ପାଇଁ ବିଇଓଙ୍କ ପ୍ରୟାସ

ବୁଗୁଡ଼ା,୨୮।୫(କାଳିଚରଣ ଦାଶ)

ଗ୍ରୀଷ୍ମ ଅବକାଶରେ ଶିକ୍ଷା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଦିଗରେ ବୁଗୁଡ଼ା ବିଇଓ ଚିନ୍ମୟ ମହାପାତ୍ରଙ୍କ ପ୍ରୟାସ ପ୍ରଶଂସନୀୟ ହୋଇପାରିଛି। ବୁଗୁଡ଼ା ବ୍ଲକ ଅଧୀନ ବାଲିପଦର ଅଞ୍ଚଳର ବିଭିନ୍ନ ଗ୍ରାମକୁ ବିଇଓ ପରିଦର୍ଶନରେ ଯାଇ ଛାତ୍ରୀଛାତ୍ରଙ୍କ ଘରେ ପହଞ୍ଚି ଅଭିଭାବକଙ୍କ ସହ ଆଲୋଚନା କରି ପିଲାଙ୍କ ପଢ଼ାପଢ଼ି ବିଷୟରେ ପଚାରି ବୁଝିଥିଲେ। ଆବଶ୍ୟକ ସ୍ଥଳେ ଶିକ୍ଷାଦାନ ମଧ୍ୟ କରିଥିଲେ। ଏହାକୁ ନେଇ ସମସ୍ତ ସିଆରସିସି, ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷୟିତ୍ରୀ ଶିକ୍ଷକ ସମେତ ଅଭିଭାବକ ମହଲରେ ତତ୍ପରତା ଦେଖା ଦେଇଛି। ଆଗାମୀ ଦିନରେ କିପରି ଶିକ୍ଷା ପ୍ରତି ପିଲାମାନଙ୍କ ଆଗ୍ରହ ବୃଦ୍ଧି ପାଇବ ସେନେଇ ଏହା ଏକ ଯଥାର୍ଥ ପ୍ରୟାସ ବୋଲି ଶିକ୍ଷାବିତ୍‌ମାନେ କହିଛନ୍ତି। ଆଗକୁ ଏଭଳି ପ୍ରୟାସ ଜାରି ରହିବ ବୋଲି ବିଇଓ ସୂଚନା ଦେଇଛନ୍ତି।

# ବଜ୍ରପାତରୁ ସୁରକ୍ଷା ପାଇଁ ସଚେତନତା ରଥର ଶୁଭାରମ୍ଭ

ରାୟଗଡ଼ା,୨୮।୫(ଆଶିଷ ରଞ୍ଜନ ପଣ୍ଡା)

ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ବିଜୁଳି ଓ ଘଡଘଡିରୁ ଜନସାଧାରଣଙ୍କ ସୁରକ୍ଷା ନିମନ୍ତେ ଏକ ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି । ବୁଧବାର ଜିଲାପାଳ ପାରୁଲ ପଟାୱରି ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ଏହି ସଚେତନତା ରଥ ରାୟଗଡା ଜିଲାର ସମସ୍ତ ବ୍ଲକ, ଗ୍ରାମ ପଞ୍ଚାୟତ ଓ ପୌରାଞ୍ଚଳ ଗସ୍ତ କରି ଲୋକଙ୍କୁ ସଚେତନ କରିବା ସହ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ, ଘଡଘଡି ଓ ବିଜୁଳି ସମୟରେ କିପରି ନିଜକୁ ସୁରକ୍ଷିତ ରଖିହେବ ସେ ଉପରେ ପ୍ରଚାର କରିବ। ଜିଲାର ଭୌଗୋଳିକ ସ୍ଥିତିରେ ବାରମ୍ବାର ବଜ୍ରପାତ ଘଟୁଥିବାରୁ ଏଠାକାର ଜନସାଧାରଣଙ୍କୁ ସୁରକ୍ଷା ଦେବା ଆମର ପ୍ରଥମ କର୍ତ୍ତବ୍ୟ ବୋଲି ଜିଲାପାଳ ପାରୁଲ ମତବ୍ୟକ୍ତ କରିଥିଲେ।



ସଚେତନତା ରଥକୁ ଜିଲାପାଳ ପାରୁଲ ପଟୱାରୀ ଓ ଅନ୍ୟମାନେ ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି ।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଦୁଇ ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ ଓ ନୀହାର ରଞ୍ଜନ କହଁର, ଗୁଣପୁର ଉପଜିଲାପାଳ କିରଣଦୀପ କୌର ସାହୋଟା, ରାୟଗଡ଼ା ଉପଜିଲାପାଳ ରମେଶ କୁମାର ଜେନା, ଉପନିର୍ଦ୍ଦେଶକ ତଥା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଜିଲା ଜରୁରୀକାଳିନ ଅଧିକାରୀ ମନୋଜ କୁମାର ନାହାକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀଙ୍କ ସମେତ ସମସ୍ତ ତହସିଲଦାର ଓ ଗ୍ରନ୍ଥାଗାରିକ ଡମ୍ବରୁଧର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଲୋକ ସମ୍ପର୍କ ବିଭାଗ କର୍ମକର୍ତ୍ତା ପରିଚାଳନା କରିଥିଲେ।

# ଟିପ୍ପରକୁ ଧକ୍କା ଦେଲା ବାଇକ୍: ମାମୁ, ଭଣଜା ମୃତ

ଗୁଣପୁର, ୨୮।୫ ( ପ୍ରଦୀପ କୁମାର ପାଢ଼ୀ )

ରାୟଗଡ଼ା ଜିଲା ଗୁଣପୁର ସହର ନିକଟସ୍ଥ କଇଠପଦର ରାସ୍ତାରେ ମଙ୍ଗଳବାର ରାତି ପ୍ରାୟ ୯ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ମାମୁ, ଭଣଜାଙ୍କ ମୃତ୍ୟୁ ଘଟିଛି। କଇଠପଦର ମୁଖ୍ୟରାସ୍ତାରେ ଛିଡା ହୋଇଥିବା ଏକ ଟିପ୍ପର ପଛରେ ବାଇକ୍ ମାଡ ହେବାରୁ ଘଟଣାସ୍ଥଳରେ ୨ ବାଇକ୍ ଆରୋହୀ ଛିଟକି ପଡ଼ିଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଉଥିବାବେଳେ ମେଡିକାଲରେ ପହଞ୍ଚିବା ପୂର୍ବରୁ ସେମାନଙ୍କ ମୃତ୍ୟୁ ହୋଇସାରିଥିବା ଡାକ୍ତର ପ୍ରଦୀପ କୁମାର ପଣ୍ଡା ସୂଚନା ଦେଇଛନ୍ତି । ମୃତକଦ୍ୱୟ ହେଲେ ଶିରିଝୋଲି ପଞ୍ଚାୟତ ବଡଆମ୍ବଗୁଡା ଗ୍ରାମର ତିରୁପତି ଶବର ( ୪୦ ) ଏବଂ ମଣ୍ଟୁ ଶବର (୧୮ )। ସେମାନେ ସମ୍ପର୍କରେ ମାମୁ ଭଣଜା ବୋଲି ଜଣାପଡ଼ିଛି। ମାମୁ ଭଣଜା ଗୁଣୁପୁରକୁ କୌଣସି କାମରେ ଆସି ନିଜ ଘରକୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ହୋଇଥିବା କୁହାଯାଉଛି। ଘଟଣାସ୍ଥଳରେ ଗୁଣପୁର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଏନ୍‌କେଟି ରୋଡ ପ୍ରଶସ୍ତୀକରଣ ପାଇଁ ମାପଚୁପ ଆରମ୍ଭ



ପ୍ରଶାସନ ପକ୍ଷରୁ ଏନ୍‌କେଟି ରୋଡ୍ ମାପଚୁପ କରାଯାଉଛି।

ଜୟପୁର,୨୮।୫ (ପବନ ପାଣିଗାହୀ)

ଜୟପୁର ସହରର ଏମ୍‌ଜିରୋଡ, ଜୟନଗର ପରେ ଏବେ ଜନଗହଳିପୂର୍ଣ୍ଣ ରାସ୍ତା ଏନ୍‌କେଟି ରୋଡରୁ ଜବର ଦଖଲ ଉଚ୍ଛେଦ ହେବ । ଏ ନେଇ ବୁଧବାର ପ୍ରଶାସନ ତରଫରୁ ମାପଚୁପ ଆରମ୍ଭ ହୋଇଛି । ଜୟପୁର ଉପ ଜିଲାପାଳ ତଥା ପୌର କାର୍ଯ୍ୟ ନିବାହୀ ଅଧିକାରୀ ଆକା ବରମ ଶଶ୍ୟା ରେଡ୍ଡିଙ୍କ ନିର୍ଦ୍ଦେଶକ୍ରମେ ମାପ ଚୁପ କରାଯାଇଛି। କଣ୍ଡରାସାହି ଛକଠାରୁ ପୁରୁଣାଗଡ ଛକର ହୋଟେଲ ମଧୁମତି ଯାଏ ୩୦ ଫୁଟିଆ ରୋଡ ହେବ । ମାପ ଚୁପ ସମୟରେ ୭ରୁ ୮ ଫୁଟ ଲେଖାଁଏ ଜବରଦଖଲ ହୋଇଥିବା ଜଣାଯାଇଛି । ପୌର କର୍ମଚାରୀ, ରାଜସ୍ୱ ବିଭାଗ ଓ ପୋଲିସ ଉପସ୍ଥିତିରେ ମାପଚୁପ କରାଯାଇଛି । ରାସ୍ତା ମାପଚୁପ ସମୟରେ ତହସିଲଦାର ଚିତ୍ତ ରଞ୍ଜନ ପଟ୍ଟନାୟକ, ରାଜସ୍ୱ ବିଭାଗର ସୁପରଭାଇଜର ହରିହର ଶତପଥୀ ଓ ଦିଲୀପ କୁମାର ପ୍ରଧାନ, ରାଜସ୍ୱ ନିରୀକ୍ଷକ ଅଶୋକ କୁମାର ପ୍ରଧାନ ଓ ସଦା ହନ୍ତାଳ , ଅମିନ ସୁଭଶ୍ମିତା ଜେନା, ଅଭିନାଶ ସାନ୍ତ୍ରାପାତ୍ର , ଟାଉନ ପୋଲିସ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ, ଉକ୍ତ ରାସ୍ତା ଜବରଦଖଲ ଯୋଗୁ ସାଧାରଣ ଜନତା ବହୁତ ହଇରାଣ ହେଉଥିଲେ। ବାରମ୍ବାର ଅଭିଯୋଗ ପରେ ପ୍ରଶାସନ ପଦକ୍ଷେପ ନେଇଛି । ପ୍ରତ୍ୟେକ ଦିନ ଏହି ରାସ୍ତାରେ ଟ୍ରାଫିକ ସମସ୍ୟା ଲାଗି ରହୁଥିବାରୁ ପ୍ରଶାସନ ତରଫରୁ ଏପରି ପଦକ୍ଷେପ ନିଆଯାଇଛି । ଏହା ଦ୍ୱାରା ରାସ୍ତା ଚଉଡା ହେବା ସହ ଟ୍ରାଫିକ ସମସ୍ୟା ରହିବ ନାହିଁ ବୋଲି କୁହାଯାଇଛି। ପ୍ରଶାସନର ଏପରି ପଦକ୍ଷେପକୁ ଜୟପୁରବାସୀ ସ୍ୱାଗତ କରିଛନ୍ତି।

## ୪ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ ଚାଲାଣକାରୀ ଗିରଫ

ଆସିକା,୨୮।୫(ସୁରେନ୍ଦ୍ର ନାଥ ସାହୁ)

ଆସିକା-ବ୍ରହ୍ମପୁର ୫୯ ନଂ. ଜାତୀୟ ରାଜପଥର କାଳକଣ୍ଠପୁର-ପାଟଲିଗୁଡା ମଧ୍ୟରେ ସୋମବାର ଅପରାହ୍ନରେ ଏକ ପିକ୍‌ଅପ ଭ୍ୟାନରେ ଚାଲାଣ ହେଉଥିବା ୧୩ ପ୍ୟାକେଟ ଗଞ୍ଜେଇ ପୋଲିସ ଜବତ କରିଛି । ଗାଡିର ଚାଳକ ତଥା ଚାଲାଣକାରୀ ବ୍ରହ୍ମପୁର ସଦରଥାନା ଆଙ୍କୁଶପୁର ନିକଟସ୍ଥ ଚଢେଇପଡା ଗ୍ରାମର ପି. ମୋହନଙ୍କୁ ଗିରଫ କରାଯାଇଛି। ତାଙ୍କ ନିକଟରୁ ୨ଟି ମୋବାଇଲ ଫୋନ୍ ସହ ପିକ୍‌ଅପ୍ ଭ୍ୟାନ୍ (ନଂ.ଓଡି୦୭ଏଆର-୪୨୮୬)କୁ ଜବତ କରିଛି । ଜବତ ୧୩ଟି ପଲିଥିନ ବ୍ୟାଗରେ ଥିବା ୪ କୁଇଣ୍ଟାଲ ୧୭କେଜି ୭୮୦ ଗ୍ରାମ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨୦ ଲକ୍ଷ ଟଙ୍କା ହେବ ବୋଲି ଆସିକା ଏସଡିପିଓ ସନ୍ତୋଷ କୁମାର ଜେନାଙ୍କ ଉପସ୍ଥିତିରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଥାନା ଅଧିକାରୀ କୁଳମଣି ସେଠୀ ସୂଚନା ଦେଇଛନ୍ତି । ଗଞ୍ଜେଇ ସବୁ କନ୍ଧମାଳ ଜିଲା ରାଇକିଆରୁ ବ୍ରହ୍ମପୁର ଯାଉଥିଲା । ଘଟଣା ସମ୍ପର୍କରେ ଆସିକା ଥାନାରେ ନଂ.୩୪୭/୨୪ରେ ମାମଲା ରୁଜୁ କରାଯାଇ ସନ୍ଧ୍ୟାରେ ଅଭିଯୁକ୍ତ ମୋହନଙ୍କୁ ଭଞ୍ଜନଗରସ୍ଥିତ ଅତିରିକ୍ତ ଜିଲ୍ଲା ଜଜ୍‌ଙ୍କ ଅଦାଲତରେ ହାଜର କରାଯାଇଛି । ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ପୋଲିସ କୌଣସି ସୂତ୍ରରୁ ଖବର ପାଇବା ପରେ ଥାନା ଅଧିକାରୀ ସେଠୀ, ଏଏସଆଇ ଶୁଭାଶିଷ ସ୍ୱାଇଁ ଓ ପୋଲିସ ପିକଅପ ଭ୍ୟାନକୁ ପିଛା କରି ଜବତ କରିଥିଲେ ।

# ଚାଲାଣ ବେଳେ ୬ କଣ୍ଟେନର ସହ ୨୪୯ ଗୋରୁ ଜବତ, ୨୨ ଗିରଫ



ଜବତ ଗୋରୁ ବୋଝେଇ କଣ୍ଟେନର ।

କୋରାପୁଟ,୨୮।୫ (ଅମିତାଭ ବେହେରା)

ଗୋଚାଲାଣ ବେଳେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ୬ କଣ୍ଟେନର ସହ ୨୪୯ ଗୋରୁ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଥିବା ୨୨ ଜଣଙ୍କୁ ଗିରଫ କରାଯାଇଥିବା ଟାଉନ ଥାନା ଅଧିକାରୀ କହିଛନ୍ତି। ଅବିଭକ୍ତ କୋରାପୁଟ ଜିଲାର ବିଭିନ୍ନ ସ୍ଥାନରୁ ହଜାର ହଜାର ଗୋରୁଙ୍କୁ କଣ୍ଟେନର ଆଦିରେ ଚଲାଣ କରାଯାଉଥିବା ଅଭିଯୋଗ ହେବାପରେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କର ଏକ ସ୍ୱତନ୍ତ୍ର ଦଳ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ଚଢ଼ାଉରେ ନବରଙ୍ଗପୁର ଜିଲା ଅଞ୍ଚଳର ବିଭିନ୍ନ ସ୍ଥାନରୁ ହାଇଦ୍ରାବାଦକୁ କଣ୍ଟେନର ଦ୍ୱାରା ଚଲାଣ ହେଉଥିବା ଗାଡିଗୁଡିକୁ ଗୁଣ୍ଡିଚା ଛକରେ ଜବତ କରିଥିଲେ। ଚଢ଼ାଉ ବେଳେ ୬ କଣ୍ଟେନରରେ ୨୪୯ ଗୋରୁ ଥିବା ଜଣାପଡିଥିଲା, ଏଥିରୁ ୫ ଗୋରୁଙ୍କର ମୃତ୍ୟୁ ହୋଇଛି। ଏହି ସମସ୍ତଗାଡିକୁ ଜବତ କରିବା ସହ ଗୋରୁଗୁଡିକୁ ଜୟପୁର ଗୋପାଳ ଗୋ ସେବା ସମିତିରେ ରଖାଯାଇ ଥିବା ବେଳେ ଏଥିରେ ଥିବା ୨୨ ଜଣଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେଇଛନ୍ତି ।

# ୪ରେ ସୁଭଦ୍ରାଶକ୍ତି ପାରମ୍ପରିକ ଖାଦ୍ୟ ମେଳା

ଡାବୁଗାଁ, ୨୮।୫ (ପ୍ରଜ୍ଞାରଞ୍ଜନ ପରିଡ଼ା)

- ବ୍ଲକସ୍ତରୀୟ ପ୍ରସ୍ତୁତି ବୈଠକ
- ପ୍ରତି ପଞ୍ଚାୟତରୁ ଭାଗନେବେ ୫ ଏସ୍‌ଏଚ୍‌ଜି

**No.W-13** : Applications in the prescribed format are invited from the eligible candidates for filling up the posts of Jr.Clerk-cum-Copyist, in the scale of pay (Level 4 Rs. 19,900/-63,200/-),Jr. Typist in the scale of pay (Level 4 Rs.19,900/-63,200/-), Stenographer Grade-III in the scale of pay (Level 7 Rs. 25,500/- 81,100/-) and Salaried Amin in the scale of pay (Level-5 Rs.21,700/- 69,100/-) with usual D.A and other allowances, as admissible to the Government employees from time to time as per the ORSP Rules, 2017 on regular basis subject to the result of W.P(C) No.1273 of 2014 of the Hon'ble Court. **The last date of receipt of application is fixed to 18.06.2025 by 5.00 P.M.**

For details of advertisement as regards applications form, eligibility criteria, scheme of examination along with details of syllabus etc. please visit our District Court website **https://angul.dcourts.gov.in** & Angul district **https://angul.nic.in**

**Sd./- Chairman-cum-District Judge**
**Recruitment Committee,**
**Angul**

**OIPR-18012/11/0004/2526**

## ODISHA LIFT IRRIGATION CORPORATION LIMITED
(A Government of Odisha Undertaking)

## OFFICE OF THE EXECUTIVE ENGINEER, L.I. DIVISION, BHUBANESWAR

e-mail : eeolicdivn.bbsr@ymail.com, Tel. 0674-2391847

**e-Procurement Notice**

**Bid Identification No. 1510/2025-26 Dt. 23.05.2025**

**No.CAD-548** : The **Executive Engineer, Lift Irrigation Division, Bhubaneswar** on behalf of ODISHA LIFT IRRIGATION CORPORATION LIMITED, BHUBANESWAR invites **percentage Rate bids in online mode** for Reinforcement, Revival & Re-Energisation of Lift Irrigation Projects in Khordha district under **PLAN FUND 2024-25** in TURNKEY BASIS as mentioned below from the reputed Contractors/Firms having valid HT license issued by E.L.B.O, Odisha and Civil license as mentioned below with experience in similar nature of work.

1. Nature of work : Execution of work for Revival & Re-Energisation of 04 Nos (One Pkg) L.I. Projects in Khordha district
2. Estimated cost : **Rs.7173937/-**
3. Period of completion : 90 days
4. Date & time of availability of bid documents in the portal : 28.05.2025 at 10.00 A.M.
5. Last date & time for receipt of bids in the portal : 05.06.2025 up to 5.00 P.M.
6. Date & time of seeking clarification : 28.05.2025 at 10.00 A.M. to 04.06.2025 up to 5.00 P.M.
7. Technical Bid Opening date & time : **06.06.2025 at 11.00 A.M.**
8. Financial Bid opening to be Intimated after Evaluation of Technical Bid
9. Name & address of the officer inviting Bid : Executive Engineer, Lift Irrigation Division, Bhubaneswar

The details of tender are available in the Government tender website i.e. www.tendersorissa.gov.in. and other related documents are available in the DTCN for bidding. Any Addendum / corrigendum / Cancellation of tender will be available in the said website.

**Sd./- Executive Engineer**
**L.I. Division, Bhubaneswar**

**OIPR-32155/11/0020/2526**

## କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା

କଳିଙ୍ଗ ଷ୍ଟାଡିୟମ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ନୟାପଲ୍ଲୀ, ଭୁବନେଶ୍ୱର – ୭୫୧୦୧୨

**ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ନିମନ୍ତେ ଦରଖାସ୍ତ ଆହ୍ୱାନ**

No. TT-04: କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା ୨୦୨୪ ବର୍ଷ ପାଇଁ ସାହସିକତା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତି ବିଶେଷଙ୍କୁ **ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର** ପ୍ରଦାନ କରିବାକୁ ସ୍ଥିର କରିଛନ୍ତି।

ରାଜ୍ୟର ଯେଉଁ ବ୍ୟକ୍ତି ବିଶେଷ ଉଲ୍ଲେଖନୀୟ ସାହସିକତା ପ୍ରଦର୍ଶନ କରିଥିବେ, ସେମାନଙ୍କର ସେହି ସବୁ କାର୍ଯ୍ୟାବଳୀକୁ ସ୍ୱୀକୃତି ପ୍ରଦାନ ତଥା ଅନ୍ୟମାନଙ୍କୁ ଏହି ଦିଗରେ ଉତ୍ସାହିତ କରିବା ଏବଂ ସେମାନଙ୍କ ଭିତରେ ଦୁଃସାହସିକ ପଦକ୍ଷେପ ନେବାରେ ଅଭୀପ୍‌ସା ସୃଷ୍ଟି କରିବା ଏହି ପୁରସ୍କାର ପ୍ରଦାନର ମୂଳ ଲକ୍ଷ୍ୟ। ମନୋନୀତ ବ୍ୟକ୍ତି ବିଶେଷଙ୍କୁ ପୁରସ୍କାର ବାବଦରେ ମାନପତ୍ର ଓ ରୌପ୍ୟ ପଦକ ତଥା ଟ.୨,୦୦,୦୦୦/–ଙ୍କାର ଅର୍ଥରାଶି ୨୦୨୫ ମସିହା ଅଗଷ୍ଟ ମାସ ୨୯ ତାରିଖ ଜାତୀୟ କ୍ରୀଡ଼ା ଦିବସରେ ପ୍ରଦାନ କରାଯିବ। ଏହି ପୁରସ୍କାର ନିମନ୍ତେ ସ୍ୱତନ୍ତ୍ର ପରିକଳ୍ପନା ପୁସ୍ତିକା (Scheme) ପ୍ରତ୍ୟେକ ଜିଲ୍ଲାର ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ଜିଲ୍ଲା କ୍ରୀଡ଼ା ଅଧିକାରୀ, ନେହେରୁ ଯୁବ କେନ୍ଦ୍ର ସଂଗଠନ, ଜାତୀୟ ସେବା ସଂସ୍ଥା, ଭାରତ ସ୍କାଉଟ୍ ଓ ଗାଇଡ୍, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଓ ଭାରତୀୟ ରେଡ୍‌କ୍ରସ୍ ସୋସାଇଟି କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଉପରୋକ୍ତ ପୁରସ୍କାର ନିମନ୍ତେ ସାହସିକ କାର୍ଯ୍ୟାବଳୀର ସମୟସୀମା ୨୦୨୪ ମସିହା ଜାନୁୟାରୀ ମାସ ୦୧ ତାରିଖରୁ ଡିସେମ୍ବର ମାସ ୩୧ ତାରିଖ ମଧ୍ୟରେ ହୋଇଥିବା ଆବଶ୍ୟକ। ସାହସିକତା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ଯୋଗ୍ୟ ବ୍ୟକ୍ତି ବିଶେଷଙ୍କ ଆବେଦନ/ସୁପାରିଶଗୁଡ଼ିକ ନିର୍ଦ୍ଦେଶକ, କ୍ରୀଡ଼ା ଓ ଯୁବ ସେବା ବିଭାଗ, କଳିଙ୍ଗ ଷ୍ଟାଡିୟମ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ନୟାପଲ୍ଲୀ, ଭୁବନେଶ୍ୱରଙ୍କ ଠିକଣାରେ ତା୨୦।୦୬।୨୦୨୫ରିଖ ସୁଦ୍ଧା ପହଞ୍ଚିବା ଆବଶ୍ୟକ। ବିଜ୍ଞାପନ ସମ୍ବନ୍ଧୀୟ ବିଶଦ ବିବରଣୀ ଏବଂ ଆବେଦନ ପତ୍ର କ୍ରୀଡ଼ା ଓ ଯୁବସେବା ବିଭାଗ ୱେବ୍‌ସାଇଟ୍ **www.sportsodisha.gov.in**ରେ ଉପଲବ୍ଧ ଅଟେ।

ନିର୍ଦ୍ଦେଶକ, କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା

OIPR-29001/11/0083/2526

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାରତର ଅନ୍‌ଲାଇନ ଗେମିଂ ଶିଳ୍ପରେ ଅଭିବୃଦ୍ଧି

## ବାର୍ଷିକ ଆଧାରରେ ଉପଭୋକ୍ତା ପଞ୍ଜୀକରଣ ୧୮% ବୃଦ୍ଧି

ଭୁବନେଶ୍ୱର,୨୮।୫: ବର୍ତ୍ତମାନ ସମୟରେ ସମୟ ଅତିବାହିତ ଓ ମନୋରଞ୍ଜନ ପାଇଁ ସବୁ ବର୍ଗର ଲୋକ (ଉପଭୋକ୍ତା) ଅନ୍‌ଲାଇନ ଗେମିଂକୁ ଆଗ୍ରହର ସହ ଖେଳୁଛନ୍ତି। ଏପରିକି ୧୮ରୁ ଉର୍ଦ୍ଧ ବୟସରୁ ପିଲା ଏହି ଖେଳରେ ବେଶି ସମୟ ଅତିବାହିତ କରୁଛନ୍ତି। ଫଳରେ ଅନ୍‌ଲାଇନ ଗେମିଂ ଶିଳ୍ପ କ୍ରମାଗତ ଭାବେ ବୃଦ୍ଧି ପାଇଚାଲିଛି। ବାର୍ଷିକ ଆଧାରରେ ଦେଶର ଉପଭୋକ୍ତା ପଞ୍ଜୀକରଣ ଉଲ୍ଲେଖନୀୟ ଭାବେ ବୃଦ୍ଧି ଘଟିଛି। ସେହିଭଳି ଓଡିଶା ବଜାରରେ ମଧ୍ୟ ଗେମିଂ କ୍ଷେତ୍ର ପ୍ରଭାବଶାଳୀ ଭାବେ ବିସ୍ତାର କରୁଛି। ୨୦୨୩ ଏବଂ ୨୦୨୪ ବର୍ଷ ମଧ୍ୟରେ ଉଭୟ ଓଡିଶା ଓ ଭୁବନେଶ୍ୱର ବଜାରର ବାର୍ଷିକ ଆଧାରରେ ଉପଭୋକ୍ତା ପଞ୍ଜୀକରଣ ୧୮% ବୃଦ୍ଧି ପାଇଥିବାବେଳେ ପରବର୍ତ୍ତୀ ବର୍ଷ ୨୦୨୪ ଏପ୍ରିଲ ଓ ୨୦୨୫ ଏପ୍ରିଲ ମଧ୍ୟରେ ୧୦୦%ରୁ ଅଧିକ ହାରରେ ବୃଦ୍ଧି ଦେଖିବାକୁ ମିଳିଛି। ସେହିପରି ବର୍ତ୍ତମାନ ଭାରତରେ ୩.୨ କୋଟି ଉପଭୋକ୍ତ ଅନ୍‌ଲାଇନ ଗେମିଂ ପ୍ଲାଟଫର୍ମ ସହ ଜଡିତ ଥିବା ରମି କଲଚର ପକ୍ଷରୁ କୁହାଯାଇଛି। ଏପରିକି ଓଡିଶା ବଜାରରେ ବର୍ତ୍ତମାନ ୨,୪୭,୨୯୮ ଉପଭୋକ୍ତ ରମି କଲଚର ପ୍ଲାଟଫର୍ମ ସହ ଯୋଗଦାନ କରିଛନ୍ତି। ଭାରତର ଅନ୍‌ଲାଇନ ଗେମିଂ ଶିଳ୍ପ ବିକଶିତ ହେଉଥିଲାବେଳେ ଏବଂ ଭୁବନେଶ୍ୱର ଭଳି ସହରଗୁଡିକ ଅଭିବୃଦ୍ଧି ଓ ଉଦ୍ଭାବନର ପ୍ରମୁଖ ପରିଚାଳକ ଭାବେ ଉଭା ହେଉଛି। ଉଲ୍ଲେଖଯୋଗ୍ୟ, ଗେମ୍‌ସକ୍ରାଫ୍ଟର ଏକ ଫ୍ଲାଗସିପ ପ୍ଲାଟ୍‌ଫର୍ମ ଏବଂ ଭାରତର ସବୁଠାରୁ ବିଶ୍ୱସନୀୟ ଓ ସୁରକ୍ଷିତ ଦକ୍ଷତା-ଭିତ୍ତିକ ଗେମ୍ ରମିକଲ୍ଚର ଓଡିଶାରୁ ଉପଭୋକ୍ତା ଯୋଗଦାନ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ପରିଲକ୍ଷିତ କରିଛି, ଯାହା ଦକ୍ଷତା-ଆଧାରିତ ଗେମିଂ ପାଇଁ ଏକ ରଣନୈତିକ କେନ୍ଦ୍ର ଭାବେ ରାଜ୍ୟକୁ ଦୃଢତାର ସହ ଅବସ୍ଥାପିତ କରୁଛି।



୨୦୧୭ରେ ସ୍ଥାପିତ ରମିକଲ୍ଚର ଅନଲାଇନ ଗେମିଂ ପାଇଁ ଅନ୍ୟତମ ସର୍ବାଧିକ ବିଶ୍ୱସନୀୟ ଓ ବ୍ୟାପକ ରୂପେ ସ୍ୱୀକୃତିପ୍ରାପ୍ତ ପ୍ଲାଟ୍‌ଫର୍ମରେ ପରିଣତ ହୋଇଛି, ଯାହା ଉଭୟ ଉଦ୍ଭାବନ ଓ ଖେଳାଳିଙ୍କ କଲ୍ୟାଣ କ୍ଷେତ୍ରରେ ନେତୃତ୍ୱ ନେଉଛି। ଏହି ପ୍ଲାଟଫର୍ମ ଏହାର ଅତ୍ୟାଧୁନିକ ବୈଷୟିକ ଭିତିଭୂମି ପାଇଁ ସୁପରିଚିତ ରହିଛି, ଯାହା ସୁରକ୍ଷିତ ଗେମ୍‌ପ୍ଲେ, ନିରପେକ୍ଷ ଅଭ୍ୟାସ ଓ ଖେଳାଳିଙ୍କ ଆବଶ୍ୟକତା ପ୍ରତି ନିରନ୍ତର ଧ୍ୟାନକୁ ସୁନିଶ୍ଚିତ କରୁଛି। ଆରଏନଜି (ରାଣ୍ଡମ ନମ୍ବର ଜେନେରେଶନ), ନୋ-ବଟ ସାର୍ଟିଫିକେଶନ ଓ ଏସଏସଏଲ-ସିକ୍ୟୋର୍ଡ ପେମେଣ୍ଟ ମାଧ୍ୟମ ଭଳି ଶିଳ୍ପ ଅଗ୍ରଣୀ ସୁରକ୍ଷା ଫିଚରଗୁଡିକ ସହିତ ରମିକଲ୍ଚରକୁ ୟୁନୋମର ଓ ସାଇବରମିଡିଆ ରିସର୍ଚ୍ଚ ଦ୍ୱାରା କରାଯାଇଥିବା ଅଧ୍ୟୟନ ଅନୁଯାୟୀ ଭାରତର ଏକ ନମ୍ବର ରମି ଆପ୍ ଭାବେ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ରମିକଲ୍ଚର ଏକ ସୁରକ୍ଷିତ ଓ ବିଶ୍ୱସନୀୟ ଗେମିଂ ପରିବେଶ ପ୍ରଦାନ କରିବା ପ୍ରତି ପ୍ରତିଶ୍ରୁତିବଦ୍ଧ ରହିଛି। ଏହା ଟାଇମ-ଆଉଟ, ଗେମ୍ ଭାଲ୍ୟୁ ଲିମିଟ ଓ ମାନସିକ ସହଯୋଗକୁ ସୁଗମ କରି ଦାୟିତ୍ୱପୂର୍ଣ୍ଣ ଗେମିଂକୁ ପ୍ରାଥମିକତା ଦେଉଛି।

ଏ ନେଇ ଗେମ୍‌ସକ୍ରାଫ୍ଟରେ ଷ୍ଟ୍ରାଟେଜିକ ଇନିସିଏଟିଭ ବିଭାଗର ମୁଖ୍ୟ ସୁମନ୍ତ ସେନଗୁପ୍ତା କହିଛନ୍ତି, ଉଭୟ ଉପଭୋକ୍ତା ଆଧାର ଏବଂ ଏହି ଅଞ୍ଚଳରୁ ଆମେ ଦେଖୁଥିବା ଯୋଗଦାନର ଗୁଣବତା ଦୃଷ୍ଟିରୁ ଭୁବନେଶ୍ୱର ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର ଅଟେ। ଏହି ଅଞ୍ଚଳର ତଥ୍ୟ ପ୍ରତିଫଳନ କରୁଛି ଯେ ଏଠାକାର ଖେଳାଳିମାନେ ଗେମ୍‌କୁ ଗମ୍ଭୀରତା, ରଣନୀତି ଓ ଦକ୍ଷତା ସହ ଖେଳିବାକୁ ପସନ୍ଦ କରିଥାନ୍ତି। ଏହା ଆମର ବିଶ୍ୱାସକୁ ସୁଦୃଢ କରିଛି ଯେ ଯେତେବେଳେ ଏକ ସୁରକ୍ଷିତ, ସ୍ୱଚ୍ଛ ଓ ସୁନିୟନ୍ତ୍ରିତ ପ୍ଲାଟଫର୍ମ ଦିଆଯାଏ, ସେତେବେଳେ ଉପଭୋକ୍ତାମାନେ ସୂଚିତ, ଦାୟିତ୍ୱପୂର୍ଣ୍ଣ ଗେମ୍‌ପ୍ଲେ ସହ ପ୍ରତିକ୍ରିୟା ଦେଇଥାନ୍ତି। ଏକ କମ୍ପାନୀ ଭାବେ ଆମେ ଏଭଳି ଏକ ଇକୋସିଷ୍ଟମ ଗଠନ କରିବା ପାଇଁ ପ୍ରତିବଦ୍ଧ ରହିଛୁ, ଯେଉଁଠାରେ ଦକ୍ଷତା-ଆଧାରିତ ଗେମିଂ ସଫଳ ହୋଇପାରିବ, ଭୁଲଧାରଣା ଦୂର ହୋଇପାରିବ ଏବଂ ଖେଳାଳିମାନେ ଆତ୍ମବିଶ୍ୱାସ ଓ ସ୍ୱଷ୍ଟତା ସହିତ ସାର୍ଥକ ଭାବେ ନିୟୋଜିତ ହୋଇପାରିବେ। ଓଡିଶାର ଅଭିବୃଦ୍ଧି କାହାଣୀ ସେହି କ୍ଷମତାର ଏକ ସାକ୍ଷୀ ଅଟେ। ଓଡିଶାରେ ରମିକଲ୍ଚରର ଅଭିବୃଦ୍ଧି ସଂଖ୍ୟାଠାରୁ ଉର୍ଦ୍ଧ୍ୱରେ ରହିଛି, ଏହା ଦାୟିତ୍ୱପୂର୍ଣ୍ଣ ଗେମିଂ ଓ ଖେଳାଳିଙ୍କ ଦକ୍ଷତା ବୃଦ୍ଧି ପ୍ରତି ଏକ ଗଭୀର ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି। ଏହି ପ୍ଲାଟଫର୍ମର ଅଭିନମ ଗେମ୍ ମନିଟରିଂ ସିଷ୍ଟମ ଫେୟାର ପ୍ଲେ ବା ନିରପେକ୍ଷ ଖେଳ ସୁନିଶ୍ଚିତ କରୁଥିବା ବେଳେ ଏହାର ଆଡ୍‌ଭାନ୍ସଡ ଟେକ୍ନୋଲୋଜି ଖେଳାଳିମାନଙ୍କୁ ସେମାନଙ୍କର ରଣନୀତିକୁ ସୁଧାରିବା ଓ ସେମାନଙ୍କର ପ୍ରଦର୍ଶନକୁ ଉନ୍ନତ କରିବାରେ ସାହାଯ୍ୟ କରିଥାଏ। ବ୍ରାଣ୍ଡର ମଲ୍ଟି-ଇନ୍‌ପୁଟ ଡିପ ନ୍ୟୁରାଲ ନେଟ୍‌ୱର୍କ ମଡେଲ ସ୍ୱେଡ୍‌ନେଟକୁ ଖେଳାଳିଙ୍କୁ ନିଜର ଦକ୍ଷତାକୁ ସୁଦୃଢ କରିବା ଏବଂ ନିଜର ଗେମ୍‌ପ୍ଲେ ବିକଶିତ କରିବାରେ ସାହାଯ୍ୟ କରିବା ପାଇଁ ଏହାର ଯୋଗଦାନ ଲାଗି ଏଆଇ ୨୦୨୪ ଉପରେ ସମ୍ମାନିତ ଇଣ୍ଟରନ୍ୟାଶନାଲ ଆଇଇଇଇ କନ୍‌ଫରେନ୍ସରେ ସ୍ୱୀକୃତି ପ୍ରଦାନ କରାଯାଇଥିଲା।

# ଶେୟାର ବଜାର କାରବାରରେ ହ୍ରାସ

ମୁମ୍ବାଇ,୨୮।୫: କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଚଳିତ ସପ୍ତାହର ତୃତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ବୁଧବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୧୫୦.୦୫ ପଏଣ୍ଟ ହ୍ରାସ ଘଟି ୮୧,୪୪୭.୦୨ ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ ରେ ମଧ୍ୟ ୫୨.୮୦ ପଏଣ୍ଟ କମି ୨୪,୭୯୦.୫୫ ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ଏଲ୍‌ଆଇସିର ଆର୍ଥିକ ଫଳାଫଳ

## ଟିକସ ପରବର୍ତ୍ତୀ ଲାଭ ୪୮,୧୫୧କୋଟି

ଭୁବନେଶ୍ୱର,୨୮।୫ (ଅଭୟ ଦାଶ)

ଭାରତୀୟ ଜୀବନ ବୀମା ନିଗମ (ଏଲଆଇସି)ର ନିର୍ଦ୍ଦେଶକମଣ୍ଡଳୀ ବୈଠକ ମଙ୍ଗଳବାର ମୁମ୍ବାଇରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଏଲ୍‌ଆଇସିର କାରବାର ଓ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହେବା ସହ ୨୦୨୪-୨୫ ଆର୍ଥିକ ବର୍ଷର ବାର୍ଷିକ ଓ ୪ର୍ଥ ତ୍ରୈମାସିକ ଆର୍ଥିକ ଫଳାଫଳକୁ ମଧ୍ୟ ଘୋଷଣା କରାଯାଇଛି। ସେହିଭଳି ୨୦୨୫ ମାର୍ଚ୍ଚ ୩୧ରେ ଶେଷ ହୋଇଥିବା ଆର୍ଥିକ ବର୍ଷର ଆର୍ଥିକ ଫଳାଫଳ ଅନୁଯାୟୀ ଏଲ୍‌ଆଇସିର ଟିକସ ପରବର୍ତ୍ତୀ ଲାଭ ୪୮,୧୫୧ କୋଟିରେ ପହଞ୍ଚିଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷର ଟିକସ ପରବର୍ତ୍ତୀ ଲାଭ ୪୦,୬୭୬ ଟଙ୍କା ତୁଳନାରେ ୨୦୨୪-୨୫ ଆର୍ଥିକ ବର୍ଷର ଟିକସ ପରବର୍ତ୍ତୀ ଲାଭ ୧୮.୩୮% ବୃଦ୍ଧି ସହ ୪୮,୧୫୧ କୋଟି ହୋଇଛି। ସେହିପରି ଏହି ବର୍ଷ ବ୍ୟକ୍ତିଗତ ନୂତନ ବ୍ୟବସାୟ ପ୍ରିମିୟମ ୮.୨୮% ବୃଦ୍ଧି ସହ ୬୨,୪୯୫ କୋଟିରେ ରହିଛି। ୨୦୨୫ ମାର୍ଚ୍ଚ ୩୧ ଶେଷ ସୁଦ୍ଧା ଏଲଆଇସିର ମୋଟ ପ୍ରିମିୟମ ଆୟ ୪,୮୮,୧୪୮ କୋଟିରେ ପହଞ୍ଚିଛି। ଏ ସମ୍ପର୍କରେ ଏଲ୍‌ଆଇସିର ଏମ୍‌ଡି ତଥା ସିଇଓ ସିଦ୍ଧାର୍ଥ ମହାନ୍ତି କହିଥିଲେ, ଆମେ ଆମର ବାର୍ଷିକ ଓ ୪ର୍ଥ ତ୍ରୈମାସିକ ଆର୍ଥିକ ଫଳାଫଳକୁ ଆନୁଷ୍ଠାନିକ ଭାବେ ଘୋଷଣା କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହି ଅବଧି ମଧ୍ୟରେ ଆମେ ଅନେକ ସଫଳତା ଓ ରେକର୍ଡସ୍ତରର କାରବାର କରିଥିଲାବେଳେ ଉଭୟ ହିତାଧିକାରୀ ଓ ଷ୍ଟେକ ହୋଲଡରମାନଙ୍କୁ ମଧ୍ୟ ଅନେକ ସୁବିଧା ଯୋଗାଇ ଦେଇଛୁ।


ସିଦ୍ଧାର୍ଥ ମହାନ୍ତି

# ୧ ହଜାର ବିଲିୟନ ଡଲାରକୁ ବଢ଼ିପାରେ ସାମଗ୍ରୀ, ସେବା ରପ୍ତାନି

ଭୁବନେଶ୍ୱର,୨୮।୫ (ଅନୁରାଧା ମହାରଣା)

ଆର୍ଥିକ ବର୍ଷ ୨୦୨୪-୨୫ରେ ଭାରତର ମୋଟ ସେବା ଓ ରପ୍ତାନି ୮୨୪.୯ ବିଲିୟନ ଡଲାର ଥିବାବେଳେ ୨୦୨୫-୨୬ରେ ଏହା ୧,୦୦୦ ବିଲିୟନ ଡଲାରରେ ପହଞ୍ଚିପାରେ। ଭାରତୀୟ ରପ୍ତାନି ସଂଗଠନ ଫେଡେରେସନ ପକ୍ଷରୁ ଏପରି ଆକଳନ କରାଯାଇଛି। ଏଫ୍‌ଆଇଇଓର ସଭାପତି ଏସ ସି ରାଲହାନ କହିଛନ୍ତି ଯେ, ବିଶ୍ୱ ଆର୍ଥିକ ଅନିଶ୍ଚିତତାକୁ ଦୃଷ୍ଟିରେ ରଖି ଅନ୍ତର୍ଜାତୀୟ କ୍ରେତାମାନେ ସେମାନଙ୍କର କ୍ରୟ ଉତ୍ସଗୁଡ଼ିକରେ ପରିବର୍ତ୍ତନ ଆଣିବା ଉପରେ ଧ୍ୟାନ ଦେଉଛନ୍ତି। ଏହା ରପ୍ତାନିରେ ଭଲ ଅଭିବୃଦ୍ଧି ଆଣିବ ବୋଲି ଆଶା କରାଯାଉଛି। ଏହା ସହ ଭାରତ ଓ ବିଭିନ୍ନ ଦେଶ ସହିତ କରାଯାଇଥିବା ମୁକ୍ତ ବାଣିଜ୍ୟ ଚୁକ୍ତିନାମା ମଧ୍ୟ ଦେଶର ରପ୍ତାନି ବୃଦ୍ଧି କରିବାରେ ସାହାଯ୍ୟ କରିବ। ୨୦୨୫-୨୬ରେ ସାମଗ୍ରୀ ରପ୍ତାନି ୧୨% ବୃଦ୍ଧି ପାଇ ୫୨୫ରୁ ୫୩୫ ବିଲିୟନ ଡଲାର ହେବ। ୨୦୨୪-୨୫ରେ ଏହା ୪୩୭ ବିଲିୟନ ଡଲାର ଥିଲା। ପୂର୍ବ ଆର୍ଥିକ ବର୍ଷ ସେବା ରପ୍ତାନି ୩୮୭ ବିଲିୟନ ତୁଳନାରେ ଚଳିତ ଆର୍ଥିକ ବର୍ଷରେ ୪୬୫ ରୁ ୪୭୫ ବିଲିୟନ ହୋଇପାରେ। ଏହି ଆର୍ଥିକ ବର୍ଷରେ ସମସ୍ତ ପ୍ରମୁଖ କ୍ଷେତ୍ରରେ ରପ୍ତାନି ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇବାର ଆଶା କରାଯାଉଛି। ଇଲେକ୍ଟ୍ରୋନିକ୍ସ, ଇଞ୍ଜିନିୟରିଂ କ୍ଷେତ୍ର, ରାସାୟନିକ ପଦାର୍ଥ, ବୟନ ଏବଂ ପୋଷାକ, ଔଷଧ ଏବଂ ଏପରିକି କୃଷି ମଧ୍ୟ ଭଲ ଭାବରେ ବୃଦ୍ଧି ହୋଇପାରେ। ଆଗାମୀ ବର୍ଷରେ ପେଟ୍ରୋଲିୟମ ଏବଂ ରତ୍ନ ଏବଂ ଅଳଙ୍କାର ରପ୍ତାନି ମଧ୍ୟ ସକାରାତ୍ମକ ପରିସର ମଧ୍ୟରେ ରହିବ। ରପ୍ତାନି ବୃଦ୍ଧି କରିବାରେ ସାହାଯ୍ୟ କରୁଥିବା ମୁଖ୍ୟ କ୍ଷେତ୍ରଗୁଡ଼ିକ ମଧ୍ୟରେ ବୈଦ୍ୟୁତିକ ଏବଂ ଇଲେକ୍ଟ୍ରୋନିକ୍ସ ୬୦ ବିଲିୟନ, ଯନ୍ତ୍ରପାତି ୪୦ ବିଲିୟନ, ରାସାୟନିକ ପଦାର୍ଥ ୪୦ ବିଲିୟନ, ଔଷଧ ୩୦ ବିଲିୟନ, ପେଟ୍ରୋଲିୟମ ୭୦ ବିଲିୟନ, ପୋଷାକ ଏବଂ ନାପକିନ, ଆପ୍ରନ ୨୩ରୁ ୨୫ ବିଲିୟନ, ରତ୍ନ ଏବଂ ଅଳଙ୍କାର ୩୦ରୁ ୩୫ ବିଲିୟନ ଏବଂ କୃଷି ୫୫ ବିଲିୟନ ଅନ୍ତର୍ଭୁକ୍ତ ବୋଲି ସୂଚନା ରହିଛି।



# ହୋମ୍ କୌଜିନାର ଫ୍ୟାମିଲି ରେସିପି କଣ୍ଟେଷ୍ଟ

ଭୁବନେଶ୍ୱର,୨୮।୫: ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା ଓ ବ୍ରାଣ୍ଡ ହୋମ କୌଜିନାର ବହୁ ପ୍ରତିକ୍ଷୀତ ପ୍ରତିଯୋଗିତା ‘ଫ୍ୟାମିଲି ରେସିପି କଣ୍ଟେଷ୍ଟ’ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ହୋମ୍ ସେଫ ବା ଗୃହିଣୀମାନଙ୍କର ସୁଦ୍ଧ ପାରିବାରିକ ଖାଦ୍ୟ ପ୍ରସ୍ତୁତି ସହିତ ଆପଣଙ୍କ ପରିବାରର ପସନ୍ଦର ରେସିପି ଓ ସ୍ପେଶାଲ ମସାଲାର ସନ୍ଧାନ କରୁଛି। ସେହିଭଳି ଏହି ପ୍ରତିଯୋଗିତା ଦେଶବ୍ୟାପୀ ହୋମ ସେଫମାନଙ୍କୁ ନିଜର ମୂଲ୍ୟବାନ ପାରିବାରିକ ମସଲା ମିଶ୍ରଣର ରେସିପି ସେୟାର କରିବା ପାଇଁ ଆମନ୍ତ୍ରିତ କରିଛି। ଏହି ମସଲା ଆପଣଙ୍କ ପରିବାରରେ ଅନେକ ପିଢି ଧରି ରୋଷେଇରେ ବ୍ୟବହାର ହୋଇଥିବ କିମ୍ବା ଆପଣଙ୍କ ପ୍ରତ୍ୟେକ ଖାଦ୍ୟକୁ ଉନ୍ନତ କରୁଥିବା ଏକ ମୂଳ ସ୍ୱାଇସ ବ୍ଲେଣ୍ଡ ହୋଇଥିବା ଆବଶ୍ୟକ ବୋଲି କୁହାଯାଇଛି, ଯାହାକୁ ହୋମ କୌଜିନା ସନ୍ଧାନ କରୁଛି। ଆପଣ ନିଜକୁ କିମ୍ବା ଆପଣଙ୍କର ପରିଚିତ ବ୍ୟକ୍ତିଙ୍କୁ ନୋମିନେଟ କରିପାରିବେ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଏହା ମୂଳ ମସଲା ରେସିପି ହୋଇଥିବା ଆବଶ୍ୟକ ଏବଂ ଦୋକାନରୁ କୌଣସି କିଣା ଯାଇଥିବା ଜିନିଷ ହୋଇନଥିବା ଉଚିତ ବୋଲି କୁହାଯାଇଛି। ବିଜେତା ମସଲା ରେସିପି ହୋମ୍ କୌଜିନାରେ ତାଲିକାଭୁକ୍ତ ହେବାର ଏକ ସୁଯୋଗ ପାଇବେ, ଯାହା ଆପଣଙ୍କ ପରିବାରର ପ୍ରିୟ ମସଲାକୁ ଦେଶର କୋଣ ଅନୁକୋଣରେ ପହଞ୍ଚାଇବ।

**ରାଜ୍ୟ ଖବର**

# ଗଜପତିରୁ ପୋଷ୍ୟ ସନ୍ତାନ ଗ୍ରହଣ କଲେ ମହାରାଷ୍ଟ୍ର ଦମ୍ପତି

ପାରଳାଖେମୁଣ୍ଡି,୨୮।୫ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲାରୁ ମହାରାଷ୍ଟ୍ରର ଏକ ଦମ୍ପତି ପୋଷ୍ୟ ସନ୍ତାନ ଗ୍ରହଣ କରିଛନ୍ତି। ଜିଲାର ୭୦ତମ ଏହି ଶିଶୁକୁ ଜିଲ୍ଲାପାଳ ବିଜୟ କୁମାର ଦାଶ ପୋଷ୍ୟ ସନ୍ତାନ ଭାବେ ସମ୍ପୃକ୍ତ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି। ଖବରରୁ ଜଣାପଡିଛି, ପ୍ରାୟ ୩ମାସ ତଳେ ପାରଳାଖେମୁଣ୍ଡି ରେଳ ଷ୍ଟେଶନରୁ ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର ହୋଇଥିବା ଏହି ଶିଶୁଟିକୁ ଶିଶୁ ମଙ୍ଗଳ ସମିତି ନିର୍ଦ୍ଦେଶରେ ଯତ୍ନ ଓ ସୁରକ୍ଷା ନିମନ୍ତେ ରାଣୀପେଣ୍ଠସ୍ଥିତ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ନିଶାନ ଶାଲୋମ ଅନୁଷ୍ଠାନରେ ରଖି ଲାଳନପାଳନ କରାଯାଉଥିଲା। ପରବର୍ତ୍ତୀ ସମୟରେ ଶିଶୁ ମଙ୍ଗଳ ସମିତି ଶିଶୁଟିକୁ ଆଇନତଃ ମୁକ୍ତ ଘୋଷଣା କରିବା ସହ ଶିଶୁଟିର ସମସ୍ତ ତଥ୍ୟ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ପୋର୍ଟାଲରେ ଅପ୍‌ଲୋଡ଼ କରିଥିଲେ। ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ପ୍ରାୟ ୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଅନ୍‌ଲାଇନ ମାଧ୍ୟମରେ ଆବେଦନ କରି ଅପେକ୍ଷା କରି ରହିଥିବା ସମ୍ପୃକ୍ତ ଦମ୍ପତିଙ୍କୁ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ବଳ କେନ୍ଦ୍ର ଅନୁମୋଦନ କରିଥିଲେ।

# କୁଲଡ଼ିହା ଅଭୟାରଣ୍ୟ | ମୁହଁ ଫେରାଉଛନ୍ତି ପର୍ଯ୍ୟଟକ

ନୀଳଗିରି, ୨୮।୫(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ କୁଲଡିହା ଅଭୟାରଣ୍ୟର ଏକାଧିକ ସ୍ଥାନ ବନ୍ଦ ରହୁଥିବାରୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ମୁହଁ ଫେରାଇବା ଆରମ୍ଭ କଲେଣି। ଟଙ୍କା ଖର୍ଚ୍ଚ କରିଆସୁଥିବା ପର୍ଯ୍ୟଟକମାନେ ବିଭିନ୍ନ ସ୍ଥାନର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିପାରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ କରୁଛନ୍ତି।

ପ୍ରକାଶ ଯେ, ନୀଳଗିରି ଉପଖଣ୍ଡ ଅଧୀନ ବଣ ପାହାଡଘେରା ୨୭୨.୭୫ ବର୍ଗ କି.ମି. ପରିବ୍ୟାପ୍ତ କୁଲଡିହା ଅଭୟାରଣ୍ୟର ସବୁଜ ବନାନୀ ରାଜ୍ୟ ଓ ରାଜ୍ୟ ବାହାରର ପର୍ଯ୍ୟଟକଙ୍କୁ ବିମୋହିତ କରିଥାଏ। କାରଣ ପର୍ଯ୍ୟଟକମାନେ ବୁଲିବା ସମୟରେ ୫ଟି କୃତ୍ରିମ ସଲ୍ଟପିଟ୍, ୫ଟି ୱାଚ୍ ଟାୱାର ଦ୍ୱାରା ବିଭିନ୍ନ ବନ୍ୟଜନ୍ତୁ ସମେତ ବିଭିନ୍ନ ଭିନ୍ନ ପ୍ରଜାତିର ରଙ୍ଗବେରଙ୍ଗର ଦେଶୀ, ବିଦେଶୀ ପକ୍ଷୀଙ୍କ ଅବାଧ ବିଚରଣ ରୋମାଞ୍ଚକର ଅନୁଭୂତି ଅତି ନିକଟରୁ ଦେଖି ଫେରିଥାନ୍ତି। ଏଥିସହ ପ୍ରକୃତିପ୍ରେମୀ ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ବନବିଭାଗ ପକ୍ଷରୁ ଗୋହିରାଭୋଲଠାରେ ରାତିରେ ରହଣି ନିମନ୍ତେ ଗତ ୨୦୧୬ରେ ନିର୍ମାଣ କରାଯାଇଥିଲା ନେଚର୍ସ ପାର୍କ (ପ୍ରକୃତି ନିବାସ)। ଏଠାରେ ଥିବା ୯ଟି ତମ୍ବୁଘର, ଶୌଚାଳୟ ଏବଂ ଆଲୋକ ବ୍ୟବସ୍ଥା ପର୍ଯ୍ୟଟକମାନଙ୍କୁ ଅଧିକ ଆକର୍ଷିତ କରୁଥିଲା। ଅଭୟାରଣ୍ୟ ଭିତରକୁ ପର୍ଯ୍ୟଟକଙ୍କ ପାଇଁ ପ୍ରବେଶ ସମୟ ସକାଳ ସାଢ଼େ ୯ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ରହିଥିଲା। ଭ୍ରମଣ ନିମନ୍ତେ ଅପରାହ୍ନ ୫ଟା ପର୍ଯ୍ୟନ୍ତ ସମୟ ନିର୍ଦ୍ଧାରିତ ହୋଇଥାଏ। ଏଠାରେ ଜଣେ ବ୍ୟକ୍ତି ପାଇଁ ୪୦ଟଙ୍କା, କ୍ୟାମେରା ପାଇଁ ୫୦ଟଙ୍କା, ଚାରିଚକିଆ ଯାନ ପାଇଁ ୧୦୦ ଟଙ୍କା ଓ ନେଚର୍ସ କ୍ୟାମ୍ପରେ ରାତ୍ରିଯାପନ ପାଇଁ ୩୮୭୪ ଟଙ୍କା ଧାର୍ଯ୍ୟ ସହ ଅନ୍‌ଲାଇନରେ ବୁକିଂ ଓ ୱେବ୍‌ସାଇଟ୍ ଖୋଲାଯାଇଛି। ହେଲେ ଉକ୍ତ ରିଷିଆ ପ୍ରକୃତି ନିବାସ ଆଜକୁ ୫ ବର୍ଷ ହେବ ଅଧିକ କିଛି ନୂତନତା ଦେଖାଯାଉନାହିଁ। ସୋଲାର ଆଲୋକର ଅବସ୍ଥା ନ କହିବା ଭଲ। ଫଳରେ ପର୍ଯ୍ୟଟକ ଭିତରକୁ ପ୍ରବେଶ କରିବା ପରେ ରିଷିଆ ପ୍ରକୃତି ନିବାସର ସ୍ଥିତି ଦେଖି ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏଥିସହିତ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଥିବା ବେଳେ ଏବେ ପର୍ଯ୍ୟଟକଙ୍କୁ କୁଲଡ଼ିହା ଡାକବଙ୍ଗଳା ସମ୍ମୁଖ ପଟା ପୋଲଠାରୁ ଫେରାଇ ଦିଆଯାଉଥିବା ବେଳେ ପର୍ଯ୍ୟଟକଙ୍କୁ ଯୋଡ଼ାଚୁଆ, ମେଛକୁଣ୍ଡ, ଗଡ଼ ସିମୁଳିଆ, ତେଣ୍ଡା ରାସ୍ତା ଦେଇ ବନ୍ଦ କରିଦିଆଯିବା ସହ ନେଚର୍ସ କ୍ୟାମ୍ପ ବ୍ୟତୀତ ଭ୍ରମଣ ସମୟରେ ଅନ୍ୟ ସ୍ଥାନରେ ଗାଡ଼ିରୁ ଓହ୍ଲାଇବା ପାଇଁ ମନା କରାଯାଇଛି। ତେଣୁ ପର୍ଯ୍ୟଟକ ଏତେ ଟଙ୍କା ଖର୍ଚ୍ଚ କରି କୃତ୍ରିମ ସଲ୍ଟପିଟ ଓ ୱାଚ ଟାୱାର ଆଦିର ଅନୁଭୂତି ନେଇପାରୁନାହାନ୍ତି।

ଏନେଇ କୁଲଡ଼ିହା ରେଞ୍ଜର ଦାୟିତ୍ୱରେ ଥିବା ଏସିଏଫ୍ ସୁବ୍ରତ ବେହେରାଙ୍କୁ ପଚାରିବାରୁ ସେ ଏ କଥାକୁ ମାନିବା ସହ କୁଲଡିହା ଅଭୟାରଣ୍ୟର ହାତୀ ଓ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ଉକ୍ତ ସ୍ଥାନଗୁଡିକୁ ବନ୍ଦ ରଖାଯାଇଛି ବୋଲି କହିଥିଲେ। ବିଗତ ଦିନରେ ଏସବୁ ସ୍ଥାନକୁ ବୁଲିବାର ସୁବିଧା ଥିବା ବେଳେ ଗତକିଛି ମାସ ହେବ ଏଭଳି କିଛି ନିୟମକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।



କୁଲଡ଼ିହା ଅଭୟାରଣ୍ୟ।


**Classified Everyday**
0674-2580101, 9692975378



**REAL ESTATE**

**SALE**

ଭୁବନେଶ୍ୱର, **Puri bypass** ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ **Residential Plot, 2/3BHK Flat** ବିକ୍ରିହେବ। **8327785834.** D-76266

ନଖରାଛକରୁ **6K.M.** ବ୍ରାହ୍ମଣଝରିଲୋରେ ଘରବାରି **boundary plot sale, 1500sqft. 30,00,000/-. 7978947520.** D-76272




Positively health benefits spaexpertfemaletherapist homely atmosphere. 9114559860. D-542

**Relax, Refresh your body, Mind at Saikrupa Spa with best therapies. 7848011468.** D-568

Newly open health benefits SPA by expert therapist. Contact- 8280961126. D-76915

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଅଲିମ୍ପିକରେ ଭାରତର ଗୌରବ ବଢ଼ାଇବା ଲକ୍ଷ୍ୟ ରହିଛି

## ଭାରୋତ୍ତୋଳକ ହର୍ଷବର୍ଦ୍ଧନଙ୍କୁ ସମ୍ବର୍ଦ୍ଧନା

ବ୍ରହ୍ମପୁର, ୨୮।୫ (ସୁବାସ ଚନ୍ଦ୍ର ପାଢ଼ୀ)

ଖେଲୋ ଇଣ୍ଡିଆ ୟୁଥ ପ୍ରତିଯୋଗିତା-୨୦୨୫ରେ ବ୍ରହ୍ମପୁରର ହର୍ଷବର୍ଦ୍ଧନ ସାହୁଙ୍କୁ ସ୍ୱର୍ଣ୍ଣ ପଦକ ମିଳିଛି। ସେ ଶ୍ରେଷ୍ଠ ଭାରୋତ୍ତୋଳକ ବିବେଚିତ ହୋଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ହର୍ଷବର୍ଦ୍ଧନ ବ୍ରହ୍ମପୁରରେ ପହଞ୍ଚିଥିଲେ। ତାଙ୍କୁ ବ୍ରହ୍ମପୁର ଷ୍ଟାଡିଅମକୁ ପାଛୋଟ ଆଣିବା ସହିତ ବିଧାୟକ କେ.ଅନିଲ କୁମାର ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ହର୍ଷବର୍ଦ୍ଧନ ବ୍ରହ୍ମପୁରର ସୁନା ପୁଅ, ତାହାରି ପ୍ରତିଭା ପାଇଁ ବ୍ରହ୍ମପୁର ସହର ଗର୍ବିତ ହେବା ସହ ଜାତୀୟ ସ୍ତରରେ ସମ୍ମାନ ହାସଲ କରିଛି। ତାଙ୍କ ସହ ସହରବାସୀ ଏବଂ କ୍ରୀଡ଼ାପ୍ରେମୀ ମାନେ ରହିଛନ୍ତି। ତାଙ୍କ କୃତିତ୍ୱ ଓ ସଫଳତା ଅନ୍ୟମାନଙ୍କ ପାଇଁ ପ୍ରେରଣା ବୋଲି ବିଧାୟକ କହିଛନ୍ତି। ବ୍ରହ୍ମପୁର ସହରର କ୍ରୀଡା ମହଲରେ ଏବେ ଖୁସିର ଲହରି ଖେଳିଯାଇଛି। ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କାମନା କରିଥିଲେ ବିଧାୟକ। ଏହି ଅବସରରେ ହର୍ଷବର୍ଦ୍ଧନ କହିଥିଲେ ଯେ, ସେ ବ୍ରହ୍ମପୁର ହରିଡାଖଣ୍ଡି ନିକଟସ୍ଥ ଶାନ୍ତିନଗର ପ୍ରଥମ ଲାଇନରେ ରହୁଥିବା ଧନେଶ୍ୱର ସାହୁ ଓ ରାଜଲକ୍ଷ୍ମୀଙ୍କ ପୁଅ। ଭାରୋତ୍ତୋଳନ ପ୍ରତି ପିଲାଟି ଦିନରୁ ତାଙ୍କର ଦୁର୍ବଳତା ରହିଆସିଛି। ଏଥିପାଇଁ ସେ ଶଙ୍କର ଫିଜିକାଲ ଆଣ୍ଡ କଲଚର କ୍ଲବରେ ନାମ ଲେଖାଇ ପ୍ରଶିକ୍ଷକ ଜିତେନ୍ଦ୍ର କୁମାର ସାହୁଙ୍କଠାରୁ ତାଲିମ ଗ୍ରହଣ କରିଥିଲେ। ପଞ୍ଚମ ଶ୍ରେଣୀରୁ ସେ ସାଧନା ଆରମ୍ଭ କରିଥିବା ବେଳେ ଏହାପରଠୁ ସେ ପଛକୁ ଫେରିନାହାନ୍ତି। ମାତ୍ର ୧୬ ବର୍ଷ ବୟସରେ ୫ରୁ ଅଧିକ ପଦକ ସେ ଜିତିସାରିଛନ୍ତି। ଏଥିରେ ଜାତୀୟସ୍ତରର ଦୁଇଟି ପଦକ ରହିଛି। ସେହିପରି ଖେଲୋ ଇଣ୍ଡିଆ ୟୁଥ ପ୍ରତିଯୋଗିତା-୨୦୨୫ରେ ସ୍ୱର୍ଣ୍ଣ ପଦକ ପାଇଛି ବୋଲି ସେ କହିଛନ୍ତି। ଏହି ପ୍ରତିଯୋଗିତାରେ ସେ ସ୍ନାଚରେ ୮୮ ଓ କ୍ଲିନ ଆଣ୍ଡ ଜର୍କରେ ୧୧୫ କେଜି ଭାରୋତ୍ତୋଳନ କରି ନୂତନ କୀର୍ତ୍ତିମାନ ପ୍ରତିଷ୍ଠା କରିଥିଲେ। ସେହିପରି ୟୁଥ ଚାମ୍ପିଅନଶିପରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।


ହର୍ଷବର୍ଦ୍ଧନଙ୍କୁ ବିଧାୟକଙ୍କ ସହିତ ଅନ୍ୟମାନେ ଶୋଭାଯାତ୍ରାରେ ନେଉଛନ୍ତି।

# ୨ ବିରଳ ପ୍ରଜାତି ଗଭୀର ସମୁଦ୍ର ମାଛ ଚିହ୍ନଟ

ବ୍ରହ୍ମପୁର,୨୮।୫(ସୁବାସ ଚନ୍ଦ୍ର ପାଢ଼ୀ):

ଜୁଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ (ଜେଡ୍‌ଏସ୍‌ଆଇ)ର ବୈଜ୍ଞାନିକ ଓ ଗବେଷକମାନେ ପ୍ରଥମଥର ପାଇଁ ଭାରତୀୟ ଜଳସୀମାରେ ୨ଟି ବିରଳ ପ୍ରଜାତିର ଗଭୀର ସମୁଦ୍ର ମାଛ ‘କୋଲୋକୋଙ୍ଗର ସ୍କୋଲେସି’ ଏବଂ ‘ଓଫିଚ୍ଥସ ଏରାବୋ’ ଚିହ୍ନଟ କରିଛନ୍ତି। ଏହି ମାଛଗୁଡ଼ିକ କେରଳର କୋଲ୍ଲମ ଉପକୂଳରୁ ସୁନୀଲ ରାଜଙ୍କ ଦ୍ୱାରା ବାଣିଜ୍ୟିକ ବଟମ ଟ୍ରଲିଂ ଅପରେଶନ ସମୟରେ ସଂଗ୍ରହ କରାଯାଇଥିଲା। ଏହି ଗବେଷଣା ଜୁଲୋଜିକାଲ ସର୍ଭେ ଅଫ ଇଣ୍ଡିଆର ଏଷ୍ଟୁଆରାଇନ ବାୟୋଲୋଜି ରିଜିଓନାଲ ସେଣ୍ଟର (ଗୋପାଳପୁର-ଅନ୍-ସି) ଏବଂ ମେରାଇନ ବାୟୋଲୋଜି ରିଜିଓନାଲ ସେଣ୍ଟର (ଚେନ୍ନାଇ) ଦ୍ୱାରା କରାଯାଇଛି। ଏହା ଉପରେ ଗବେଷଣା କରୁଥିବା ବୈଜ୍ଞାନିକ ଡ. ଅନିଲ ମହାପାତ୍ର କହିଛନ୍ତି, ‘କୋଲୋକୋଙ୍ଗର ସ୍କୋଲେସି’ ଏକ ବିରଳ ଇଲ୍ ଜେନସ ‘କୋଲୋକୋଙ୍ଗର’ର ଅନ୍ତର୍ଗତ। ଏହି ନୂଆ ପ୍ରଜାତିର ଆବିଷ୍କାର ଅଞ୍ଚଳର ମାଛ ଜୈବ ବିବିଧତାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ବୋଲି ବିବେଚନା କରାଯାଉଛି। ଏହି ମାଛ ଏକ ସମାନ କଳା ରଙ୍ଗରେ ଦେଖାଯାଏ। ସଂରକ୍ଷଣ ପରେ ମଧ୍ୟ ଏହାର ରଙ୍ଗ ସ୍ଥିର ରହିଥାଏ। ଅନ୍ୟପକ୍ଷରେ ‘ଓଫିଚ୍ଥସ ଏରାବୋ’ ଏକ ବ୍ଲଟ୍‌ଡ ସ୍ନେକ-ଇଲ ପ୍ରଜାତିର। ଏହାର ଶରୀରରେ ଅନେକ ଅର୍ଦ୍ଧଚନ୍ଦ୍ରାକାର ଦାଗ ରହିଛି। ଏହାର ପୃଷ୍ଠ ଭୂରୁଣ୍ଡା-ହଳଦିଆ ରଙ୍ଗର ଥିବାବେଳେ ତଳ ଭାଗ ସଫା ଧଳା। ଏହି ପ୍ରଜାତି ଦକ୍ଷିଣ ଆଫ୍ରିକା, ଜାପାନ, ଓଗାସାୱାରା ଦ୍ୱୀପ, ରୁୟୁକୁ ଦ୍ୱୀପପୁଞ୍ଜ, ତାଇୱାନ ଓ ଭିଏତ୍‌ନାମରେ ଦେଖାଯାଏ ବୋଲି ଡ. ମହାପାତ୍ର କହିଛନ୍ତି।





ହୁମା

ନୂଆ ସିନେମା

# ମଧୁ ବାରିଷ୍ଟର

ଓଲିଉଡ୍‌ର ଆଗଧାଡିର ଅନ୍ୟତମ ପ୍ରଯୋଜକ ରମେଶ ବାରିକ ନିକଟରେ ଏକ ନୂଆ ସିନେମାର ଟାଇଟଲ ଘୋଷଣା କରିଛନ୍ତି। ଆମ ରାଜ୍ୟର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଚିର ବନ୍ଦନୀୟ ମଧୁ ସୂଦନ ଦାସ, ଯିଏ କି ମଧୁ ବାବୁ ନାମରେ ପରିଚିତ, ତାଙ୍କ ଜୀବନୀ ଉପରେ ଏକ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ କରିବାକୁ ଯାଉଛନ୍ତି। ଆର.ଆର. ଇଭେଣ୍ଟସ ଆଣ୍ଡ ସିନେ ପ୍ରା.ଲି. ବ୍ୟାନରରେ ଏହାର ପ୍ରାରମ୍ଭିକ କାମ ଆରମ୍ଭ ହୋଇଯାଇଛି। ଏହି ସିନେମାର ଟାଇଟଲ ରହିଛି 'ମଧୁ ବାରିଷ୍ଟର'। ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନକୁ ନେଇ ବାୟୋପିକ୍ ତାଲିକାରେ ଏହା ହେଉଛି ଆଉ ଏକ ସିନେମା। ଏହାପୂର୍ବରୁ 'ଶହୀଦ ରଘୁ ସର୍ଦ୍ଦାର' ଏବଂ 'ଜୟୀ ରାଜଗୁରୁ'ଙ୍କ ଜୀବନୀକୁ ନେଇ ଓଡ଼ିଆ ଚିତ୍ର ପ୍ରସ୍ତୁତ ହୋଇସାରିଛି।

ଏହି ସିନେମା ସମ୍ପର୍କରେ ରମେଶ କହନ୍ତି, ''ମୁଁ ସବୁବେଳେ ଭିନ୍ନ ଭିନ୍ନ କାହାଣୀକୁ ଆଧାର କରି ସିନେମା ନିର୍ମାଣ କରିବାକୁ ପସନ୍ଦ କରିଥାଏ। ଏ ପର୍ଯ୍ୟନ୍ତ ଯେଉଁ ୨୬ଟି ଚଳଚ୍ଚିତ୍ର ପ୍ରସ୍ତୁତ କରାଯାଇଛି ତାହା ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଛି। ମଧୁବାବୁ ଆମ ରାଜ୍ୟର ଗୌରବ। ତାଙ୍କ ପରି ମହାନ ପୁରୁଷଙ୍କ ଜୀବନୀକୁ ନେଇ ସିନେମାଟିଏ ନିର୍ମାଣ କରିବା ନିଶ୍ଚିତ ଏକ ଚ୍ୟାଲେଞ୍ଜ। ଏହି ସିନେମା ଦର୍ଶକଙ୍କୁ ଡିଫରେଣ୍ଟ ଏଣ୍ଟରଟେନମେଣ୍ଟ ଦେବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି।'' ଏହି ଫିଲ୍ମର କାହାଣୀ ଏବଂ ସଂଳାପ ରଚନା କରୁଛନ୍ତି ଅଗାଧାଡିର ସଂଳାପକାର ପ୍ରିୟବ୍ରତ ପଣ୍ଡା। ଏହାର ନିର୍ଦ୍ଦେଶନା ଦେବେ




ମୃତ୍ୟୁଞ୍ଜୟ ସାହୁ (ବାପି)। ଚିତ୍ରଟିର କଳାକାର ଚୟନ ଖୁବ୍ ଶୀଘ୍ର ଶେଷ ହେବ ବୋଲି ସୂଚନା ଦେଇଛନ୍ତି ରମେଶ।

ରିଲିଜ ଅପେକ୍ଷାରେ

# ଦର୍ପଣ

ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଦର୍ପଣ'। ଦର୍ପଣସାୟନ ପ୍ରଡକ୍ସନ ହାଉସ ବ୍ୟାନରରେ ପ୍ରସ୍ତୁତ ଉକ୍ତ ଚିତ୍ରର କାହାଣୀରେ ସସପେନ ଥ୍ରୀଲର ଭରି ରହିଛି। ଚିତ୍ରଟି ଖୁବ୍ ଶୀଘ୍ର ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଫିଲ୍ମଟିର କାହାଣୀ ରଚନା କରିବା ସହ ପ୍ରଯୋଜନା ଦାୟିତ୍ୱ ତୁଲାଇଛନ୍ତି ଦିଲ୍ଲୀପ କୁମାର ସାହୁ। କେବଳ ସେତିକି ନୁହେଁ, ନିର୍ଦ୍ଦେଶନା ଦେବା ସହ ଏହି ସିନେମାରୁ ନାୟକ ଭାବରେ ନିଜର କ୍ୟାରିୟର ଆରମ୍ଭ କରୁଛନ୍ତି ଭାରତ ପୁଷ୍ପରାଗ। ତାଙ୍କ ବିପକ୍ଷରେ ନାୟିକା ସାଜିଛନ୍ତି ହିରନମୟୀ ଦାସ। ଅନ୍ୟପକ୍ଷରେ ଅଙ୍କିତ କୁମାର ଏବଂ ତୃପ୍ତି ମିରାମ୍ବିକ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବେ। ଏହାର କାଷ୍ଟିଂରେ ପ୍ରଦ୍ୟୁମ୍ନ ଲେଙ୍କା, ରାନୁ ପାଢ଼ୀ, କାଳୀ ଚରଣ, ଲଲାଟ, ପ୍ରଜ୍ଞା ମଧ୍ୟ ଅଛନ୍ତି। ଫିଲ୍ମରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବୈଦ୍ୟନାଥ ଦାଶ ଏବଂ ଟୁନୁ ପଟ୍ଟନାୟକ। ଏହି ସିନେମା ଦର୍ଶକଙ୍କୁ ନିଶ୍ଚୟ ମନୋରଞ୍ଜନ ଦେବ ବୋଲି ଦୃଢ଼ ଆଶା ରଖିଛନ୍ତି ନିର୍ଦ୍ଦେଶକ।



ଭାରତ-ହୀରନ୍ମୟୀ

# ସାଙ୍ଗ କଥା ମାନି ନ ଥିଲେ...

ହୁମା କ୍ୟୁରେସିଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଗ୍ୟାଙ୍ଗସ ଅଫ ୱାସେପୁର'। କିନ୍ତୁ ଏହାପୂର୍ବରୁ ସେ ଅଭିନୟ ସହ ଜଡିତ ଥିଲେ। ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ସେ କେତୋଟି ଥିଏଟର ନାଟକରେ ଆକ୍ଟିଂ କରିସାରିଥିଲେ। ବିଶେଷଭାବରେ 'ଲୈଲା' ଏବଂ 'ମହାରାନୀ' ଥିଏଟର ନାଟକ ତାଙ୍କୁ ବେଶ୍ ମାଇଲେଜ୍ ଦେଇଥିଲା। କିନ୍ତୁ ବଡ ପରଦାରେ ଅଭିନୟ କରିବା ପଛରେ ଥିବା ଏକ କଥାକୁ ସେ ନିକଟରେ ପ୍ରକାଶ କରିଛନ୍ତି। ଏ ବିଷୟରେ ହୁମା କହନ୍ତି, ''ଏକଦା ମୋର ଜଣେ ସାଙ୍ଗ ମୋତେ କହିଲା, 'ଆରେ ତୁ ମୁମ୍ବାଇ ଯା, ସେଠାରେ ହୁଏତ ତୋ ଭାଗ୍ୟ ବଦଳି ଯିବ।' ମନକୁ ଦୃଢ଼ କରି ମୁମ୍ବାଇ ଆସିଲି। ମୋତେ 'ଜଙ୍କସନ୍' ଟାଇଟଲ ବିଶିଷ୍ଟ ଏକ ସିନେମାରେ ଅଭିନୟ କରିବାର ସୁଯୋଗ ମିଳିଲା। କିନ୍ତୁ ଏହି ଫିଲ୍ମଟି କେବଳ କାଗଜ କଲମରେ ହିଁ ରହିଗଲା। ତା'ପରେ 'ବିଲ୍ଲା ୨' ନାମକ ଏକ ସିନେମାର ଅଡିସନ୍‌ରେ ମୁଁ ଭାଗ ନେଲି। ସେଠାରେ ପାଖାପାଖି ୭୦୦ ନବାଗତାଙ୍କ ମଧ୍ୟରୁ ମୁଁ ସିଲେକ୍ଟ ହେଲି। ଏହି ଫିଲ୍ମର ଶୁଟିଂ ଏତେ ଡେରି ହେଲା ଯେ ମୁଁ ଧୈର୍ଯ୍ୟହରା ହୋଇ ମନା କରିଦେଲି। କିନ୍ତୁ ୨୦୧୨ରେ ଅନୁରାଗ ବସୁ ମୋତେ 'ଗ୍ୟାଙ୍ଗସ ଅଫ ୱାସେପୁରା' ପାଇଁ ସାଇନ୍ କରାଇଥିଲେ। ପ୍ରଥମ ସିନେମା ହିଟ୍ ହେବା ପରେ ମୁଁ ଆଉ ପଛକୁ ଫେରି ଚାହିଁ ନ ଥିଲି। ସେତେବେଳେ ଯଦି ମୁଁ ମୋ ସେହି ସାଙ୍ଗ କଥା ମାନି ନ ଥାନ୍ତି ତେବେ ମୁଁ ବଲିଉଡ୍ ଠାରୁ ହୁଏତ ବହୁତ ଦୂରରେ ରହିଯାଇଥାଆନ୍ତି।''

# ଜାହ୍ନବୀଙ୍କ ହବି

ଜାହ୍ନବୀ କପୁରଙ୍କର ଅଭିନୟ ବ୍ୟତୀତ ଆଉ ଏକ ଜିନିଷ ପ୍ରତି ରୁଚି ରହିଛି। ତାହା କ'ଣ ଜାଣନ୍ତି ? ପରିଭ୍ରମଣ। ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲିବା ତାଙ୍କର ଏକ ଅଭ୍ୟାସ। କେବଳ ସେତିକି ନୁହେଁ, ସେହି ସ୍ଥାନ ବିଷୟରେ ତଥ୍ୟ ସଂଗ୍ରହ କରିବାକୁ ଭୁଲି ନ ଥାନ୍ତି। ଶୁଟିଂରୁ ଫୁରସତ ମିଳିବା ମାତ୍ରେ ସେ ଏକୁଟିଆ ହେଉ ଅବା ପରିବାର ସହ ବୁଲିବାକୁ ବାହାରି ଯାଆନ୍ତି। ଏ ସମ୍ପର୍କରେ ଜାହ୍ନବୀ କହନ୍ତି, '' ବିଭିନ୍ନ ଟୁରିଷ୍ଟ ସ୍ଥାନ ବୁଲିବା ମୋର ଏକ ଅଭ୍ୟାସ। ଆଉ ଏଭଳି ହବି ମୋର ପିଲାଟି ଦିନରୁ ରହିଛି। ମାମା ଏବଂ ବାବାଙ୍କ ସହ ମୁଁ ସ୍କୁଲରେ ପଢ଼ିବା ସମୟରେ ଅନେକ ସ୍ଥାନ ବୁଲିଛି। କେବଳ ସେତିକି ନୁହେଁ, ଏବେ ଏହି ଅଭ୍ୟାସ ମଧ୍ୟ ଜାରି ରହିଛି। ମୋତେ ଅବସର ମିଳିଲେ ବିଭିନ୍ନ ସ୍ଥାନ ବୁଲିବାକୁ ବାହାରି ଯାଇଥାଏ। ସେଠାକାର ଇତିହାସ ବିଷୟରେ ତଥ୍ୟ ସଂଗ୍ରହ କରି ତାହାକୁ ମଧ୍ୟ ଡାଏରୀରେ ଲିପିବଦ୍ଧ କରିବାକୁ ଭୁଲି ନ ଥାଏ।'' ପାଠ ପଢ଼ିବା ସମୟରେ ଜାହ୍ନବୀଙ୍କ ଇଚ୍ଛା ଥିଲା ଡାକ୍ତର ହେବାକୁ, ହେଲେ ତାହା କେବଳ ଆଶାରେ ହିଁ ରହିଯାଇଥିଲା। ବଲିଉଡ୍‌ରେ ସୁଯୋଗ ପାଇବା ପୂର୍ବରୁ ତାଙ୍କୁ ଏକ ତେଲୁଗୁ ଫିଲ୍ମରେ ଅଭିନୟ କରିବାର ସୁଯୋଗ ମିଳିଥିଲା। ଏହି ଫିଲ୍ମର ନିର୍ଦ୍ଦେଶକ ଥିଲେ ଏ.ଆର.ମୁରୁଗୋଡସ ଏବଂ ମେଲ୍ ଲିଡ୍‌ରେ ଅଭିନୟ କରିଥିଲେ ମହେଶ ବାବୁ। ହେଲେ ପାଠ ପଢ଼ା ଚାଲିଥିବାରୁ ଜାହ୍ନବୀ ଏଭଳି ଏକ ଭଲ ସୁଯୋଗକୁ ହାତ ଛଡା କରିବାକୁ ବାଧ୍ୟ ହୋଇଥିଲେ।



ଜାହ୍ନବୀ

# ଅଲରାଉଣ୍ଡର ଅଜୟ

ଅଜୟ ଦେବଗନ ବଲିଉଡ୍‌ରେ ଦୀର୍ଘ ୩୪ ବର୍ଷ ଧରି ଅଭିନୟ ଜାରି ରଖିଛନ୍ତି। ଆକ୍ସନ ମାଷ୍ଟର ବୀରୁ ଦେବଗନଙ୍କ ଏହି ପୁତ୍ରଙ୍କ ହିନ୍ଦୀ ସିନେମା କ୍ୟାରିୟର ଆରମ୍ଭ ହୋଇଥିଲା ୧୯୯୧ରୁ। ଫିଲ୍ମଟିର ଟାଇଟଲ ଥିଲା 'ଫୁଲ୍ ଔର କାଣ୍ଟେ'। ଆକ୍ସନ ଏବଂ ପ୍ରେମ କାହାଣୀକୁ ଆଧାର କରି ନିର୍ମିତ ଏହି ଫିଲ୍ମଟି ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା। କେବଳ ସେତିକି ନୁହେଁ, ପ୍ରଥମ ସିନେମାରୁ ହିଁ ନିଜ ଅଭିନୟ ଦକ୍ଷତାର ପରିଚୟ ଦେବାରେ ସେ ସକ୍ଷମ ହୋଇଥିଲେ। ଇତିମଧ୍ୟରେ ସେ ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କରି ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବାରେ ସକ୍ଷମ ହୋଇଛନ୍ତି। କେବଳ ସେତିକି ନୁହେଁ ସେ ଶ୍ରେଷ୍ଠ ଅଭିନେତା ଭାବରେ ଦୁଇଥର ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇସାରିଛନ୍ତି। ପ୍ରଥମେ ସେ 'ଜଖମ୍' ପାଇଁ ଏବଂ ପରେ ଦେଶାତ୍ମବୋଧକ ସିନେମା 'ଦ ଲିଜେଣ୍ଡ ଅଫ ଭଗତ ସିଂ' ଓ 'ତାନାଜୀ' ଲାଗି ତାଙ୍କୁ ଏହି ସମ୍ମାନଜନକ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଅଜୟଙ୍କ ଅଭିନୀତ ପ୍ରମୁଖ ସିନେମାଗୁଡିକ ହେଉଛି-'ଦିଲୱାଲେ', 'ଜାନ୍', 'ହମ୍ ଦିଲ୍ ଦେ ଚୁକେ ସନମ୍', 'ଗଙ୍ଗାଜଲ୍', 'ଗୋଲମାଲ', 'ରାଜନୀତି', 'ସିଙ୍ଘମ', 'ବୋଲ୍ ବଚ୍ଚନ', 'ଦୃଶ୍ୟମ', 'ଟୋଟାଲ ଧମାଲ' ଏବଂ 'ସିଙ୍ଘମ ଏଗେନ୍'। ଚଳିତ ବର୍ଷ ତାଙ୍କ ଅଭିନୀତ ମୁକ୍ତିଲାଭ ଅପେକ୍ଷାରେ ଥିବା ସିନେମାଗୁଡିକ ହେଲା 'ମା', 'ସନ୍ ଅଫ ସର୍ଦ୍ଦାର ୨' ଏବଂ 'ଦେ ଦେ ପ୍ୟାର ଦେ ୨'।



ଅଜୟ

# ମଡେଲିଂରୁ ଅଭିନେତ୍ରୀ

କଙ୍ଗନା ରାଣାୱତ ଏକାଧାରରେ ଜଣେ ଅଭିନେତ୍ରୀ, ପ୍ରଯୋଜିକା ଏବଂ ନିର୍ଦ୍ଦେଶିକା। ତା'ସହ ଏବେ ସେ ରାଜନୀତି ସହ ଜଡିତ। ହେଲେ ଅଭିନୟ ପୂର୍ବରୁ ସେ କ'ଣ କରୁଥିଲେ ? ସେତେବେଳେ ତାଙ୍କୁ ମାତ୍ର ୧୬ ବର୍ଷ। ଏହି ବୟସରେ ସେ ମଡେଲିଂ ଆରମ୍ଭ କରିଥିଲେ। ୨୦୦୬ ତାଙ୍କ ପାଇଁ ଯେମିତି ଅପେକ୍ଷା କରି ରହିଥିଲା। ଉକ୍ତ ବର୍ଷ ତାଙ୍କୁ ହିନ୍ଦୀ ସିନେମାରେ ଅଭିନୟ କରିବାର ସୁଯୋଗ ମିଳିଥିଲା। ଫିଲ୍ମଟି ଥିଲା ମହେଶ ଭଟ୍ଟଙ୍କ ପ୍ରଯୋଜିତ ଏବଂ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ 'ଗ୍ୟାଙ୍ଗଷ୍ଟର-ଏ ଲଭ୍ ଷ୍ଟୋରି'। ନିଜର ଆକ୍ଟିଂ କ୍ୟାରିୟର ଆରମ୍ଭ ସମ୍ପର୍କରେ ସେ କହନ୍ତି, ''ବିଶିଷ୍ଟ ପ୍ରଯୋଜକ ମହେଶ ଭଟ୍ଟ ମୋତେ ପ୍ରଥମେ ସୁଯୋଗ ଦେଇଥିଲେ। ପ୍ରଥମ ସିନେମା ପାଇଁ ମୋତେ ଶ୍ରେଷ୍ଠ ନବାଗତା ଅଭିନେତ୍ରୀ ଭାବରେ ଫିଲ୍ମ ଫେୟାର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ମଡେଲିଂରୁ ଅଭିନୟ ଦୁନିଆରେ ପାଦ ଦେବା ପରେ ଏବଂ ପ୍ରଥମ ସିନେମା ହିଟ୍ ହେବା ପରେ ମୁଁ ଆଉ ପଛକୁ ଫେରି ଚାହିଁ ନ ଥିଲି।''



କଙ୍ଗନା

ଧରିତ୍ରୀ DHARITRI 51 Years
www.orissakhabar.com/ www.dharitri.com | ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ମେ ୨୯/୨୦୨୫ Bhubaneswar, Thursday, May 29/ 2025

# ଦ୍ୱିତୀୟ ରାଉଣ୍ଡରେ ଜୋକୋଭିଚ୍



ବିଜୟ ପରେ ଉଲ୍ଲସିତ ନୋଭାକ ଜୋକୋଭିଚ୍।

## ଫ୍ରେଞ୍ଚ ଓପନ

**ପ୍ୟାରିସ,୨୮।୫**

ବର୍ଷର ଦ୍ୱିତୀୟ ଟେନିସ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫ୍ରେଞ୍ଚ ଓପନରେ ନୋଭାକ ଜୋକୋଭିଚ୍ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ୩୦ତମ ସିଡ୍ ହୁବର୍ଟ ହରକାଜ ପରାଜୟ ସହ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି।

ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ୩୭ ବର୍ଷୀୟ ଜୋକୋଭିଚ୍ ୬-୩, ୬-୩, ୬-୩ ସିଧାସଳଖ ସେଟରେ ଆମେରିକାର ମାକେଞ୍ଜି ମ୍ୟାକଡୋନାଲ୍ଡଙ୍କୁ ହରାଇଛନ୍ତି। ରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଲକ୍ଷ୍ୟରେ ଥିବା ପୂର୍ବତନ ୱାର୍ଲ୍ଡ ନଂ-୧ ଜୋକୋଭିଚ୍ ଦ୍ୱିତୀୟ ରାଉଣ୍ଡରେ ଫ୍ରାନ୍ସର କରେଣ୍ଟିନ ମୌଟେଟଙ୍କୁ ଭେଟିବେ। ଅନ୍ୟ ଏକ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ହରକାଜ ୨-୬, ୪-୬, ୨-୬ ସିଧାସଳଖ ସେଟ୍‌ରେ ବ୍ରାଜିଲର ଟିନଏଜ୍ ସେନସେଶନ ଜୋଆଓ ଫନସେକାଙ୍କଠାରୁ ପରାସ୍ତ ହୋଇ ଅଭିଯାନ ଶେଷ କରିଛନ୍ତି। ଅନ୍ୟପକ୍ଷରେ ମହିଳା ସିଙ୍ଗଲ୍ସରେ ୧୪ତମ ସିଡ୍ କାରୋଲିନା ମୁଚୋଭା ୩-୬, ୬-୨, ୧-୬ ସେଟରେ ଆଲସିଆ ପାର୍କ୍ସଙ୍କଠାରୁ ପରାସ୍ତ ହୋଇଛନ୍ତି।

# ସାତ୍ତ୍ୱିକ-ଚିରାଗଙ୍କ ବିଜୟ ଆରମ୍ଭ



ମ୍ୟାଚ୍ ଅବସରରେ ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି।

## ସିଙ୍ଗାପୁର ଓପନ ବ୍ୟାଡ୍‌ମିଣ୍ଟନ

**ସିଙ୍ଗାପୁର,୨୮।୫(ପି.ଟି.)**

ଭାରତର ଟପ୍ ପୁରୁଷ ଡବଲ୍ସ ଯୋଡ଼ି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ବୁଧବାର ବିଜୟ ସହ ସିଙ୍ଗାପୁର ଓପନ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଅଭିଯାନ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ଲକ୍ଷ୍ୟ ସେନ ଇଞ୍ଜୁରୀ କାରଣରୁ ପ୍ରଥମ ରାଉଣ୍ଡ ମ୍ୟାଚ୍ ମଧ୍ୟରୁ ଓହରି ଯାଇଛନ୍ତି।

ବୁଧବାର ଖେଳାଯାଇଥିବା ପୁରୁଷ ଡବଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ସାତ୍ତ୍ୱିକ ଓ ଚିରାଗ ୨୧-୧୬, ୨୧-୧୩ ସିଧାସଳଖ ଗେମ୍‌ରେ ମାଲେସିଆର ଚୁଙ୍ଗ ହନ ଜିଆନ ଓ ମହମ୍ମଦ ହାଇକାଲଙ୍କୁ ପରାସ୍ତ କରିଛନ୍ତି। ଏହି ବିଜୟ ଲାଗି ସେମାନଙ୍କୁ ମାତ୍ର ୪୦ ମିନିଟ୍ ଲାଗିଥିଲା। ବିଜୟ ସହ ବର୍ତ୍ତମାନ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ୨୭ତମ ସ୍ଥାନରେ ଥିବା ଭାରତୀୟ ଯୋଡ଼ି ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଚଳିତ ବର୍ଷ ମାର୍ଚ୍ଚରେ ଚିରାଗଙ୍କ ବ୍ୟାକ ଇଞ୍ଜୁରୀ କାରଣରୁ ଅଲ ଇଂଲଣ୍ଡ ଓପନରୁ ଓହରିବା ପରେ ପ୍ରଥମ ଥର ପାଇଁ ପୂର୍ବତନ ୱାର୍ଲ୍ଡ ନଂ-୧ ଯୋଡ଼ି କୋର୍ଟକୁ ଫେରିଛନ୍ତି। ଭାରତର ନଂ-୧ ପୁରୁଷ ସିଙ୍ଗଲ୍ସ ଖେଳାଳି ସେନ ଚାଇନିଜ ତାଇପେର ଲିନ ଚୁନ-ୟିଙ୍କ ବିପକ୍ଷ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରୁ ଓହରି ଯାଇଛନ୍ତି। ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୧୭ତମ ସ୍ଥାନରେ ଥିବା ସେନ ପ୍ରଥମ ଗେମ୍‌କୁ ୨୧-୧୫ ବ୍ୟବଧାନରେ ଜିତିଥିଲେ। କିନ୍ତୁ ତାଙ୍କ ପ୍ରତିପକ୍ଷ ୱାର୍ଲ୍ଡ ନଂ-୧୯ ଲିନ ଦ୍ୱିତୀୟ ଗେମ୍‌କୁ ୨୧-୧୭ ବ୍ୟବଧାନରେ ଜିତି ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ। ତୃତୀୟ ଗେମ୍‌ରେ ସେନ ୫-୧୩ରେ ପଛୁଆ ଥିବା ବେଳେ ଇଞ୍ଜୁରୀ କାରଣରୁ ଓହରିବାକୁ ନିଷ୍ପତ୍ତି ନେଇଥିଲେ। ତେବେ ତାଙ୍କ ଇଞ୍ଜୁରୀ ସମ୍ପର୍କରେ ବିଶେଷ ସୂଚନା ମିଳି ନାହିଁ। ମିକ୍ସଡ୍ ଡବଲ୍ସରେ ରୋହନ କପୁର ଓ ରୁତଭିକା ଶିବାନୀ ୨୧-୧୬, ୨୧-୧୯ ଗେମ୍‌ରେ ଆମେରିକାର ଚେନ ଝି ୟି ଓ ଫ୍ରାନସେସ୍କା କରବେଟଙ୍କୁ ପରାସ୍ତ କରି ପ୍ରି କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ମହିଳା ସିଙ୍ଗଲ୍ସରେ ଆକାର୍ଶି କଶ୍ୟପ ୨୧-୧୭, ୧୩-୨୧, ୭-୨୧ ଗେମରେ ୱାର୍ଲ୍ଡ ନଂ-୪ ଚାଇନାର ହାନ ୟୁଇଙ୍କଠାରୁ ପରାସ୍ତ ହୋଇଛନ୍ତି।

# ଆର୍‌ସିବି-ପଞ୍ଜାବ କ୍ୱାଲିଫାୟର-୧

**ଲକ୍ଷ୍ନୌ, ୨୮।୫**

ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ୍) ୨୦୨୫ର ମଙ୍ଗଳବାର ଅନୁଷ୍ଠିତ ଶେଷ ଲିଗ୍ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ୬ ଉଇକେଟରେ ଲକ୍ଷ୍ନୌ ସୁପର ଜାଏଣ୍ଟସ୍କୁ ପରାସ୍ତ କରିଛି। ଅଧିନାୟକ ରିଷଭ ପନ୍ତଙ୍କ ଶତକ ସହାୟତାରେ ଲକ୍ଷ୍ନୌ ୨୦ ଓଭରରେ ୩ ଉଇକେଟ ହରାଇ ୨୨୭ ରନ କରିଥିଲା। ପନ୍ତ ୬୧ ବଲ୍‌ରୁ ୧୧ ଚୌକା ଓ ୮ ଛକା ସହାୟତାରେ ୧୧୮ରନରେ ଅପରାଜିତ ରହିଥିଲେ। ଜବାବରେ ଆରସିବି ୧୮.୪ ଓଭରରେ ୪ ଉଇକେଟ ହରାଇ ୨୩୦ ରନ ସଂଗ୍ରହ କରି ନେଇଥିଲା। ବିରାଟ କୋହଲିଙ୍କ ଦ୍ରୁତ ଅର୍ଦ୍ଧଶତକ (୩୦ ବଲ୍‌ରୁ ୫୪ ରନ, ୧୦ ଚୌକା) ପରେ କାମଚଳା ଅଧିନାୟକ ଜୀତେଶ ଶର୍ମାଙ୍କ ବିସ୍ଫୋରକ ୮୫* (୩୩ ବଲ୍, ୮ ଚୌକା, ୬ ଛକା) ଓ ମୟଙ୍କ ଅଗ୍ରୱାଲଙ୍କ ୪୧ (୨୩ ବଲ) ରନ ବଳରେ ଆରସିବି ଉତ୍କଣ୍ଠିତ ବିଜୟ ହାସଲ କରିଥିଲା। ଏହି ମ୍ୟାଚ ଫଳାଫଳ ସହ ଆଇପିଏଲ୍‌ର ପ୍ଲେ-ଅଫ୍ କାର୍ଯ୍ୟସୂଚୀ ଚୂଡ଼ାନ୍ତ ହୋଇଯାଇଛି। ଆସନ୍ତା ୨୯ ତାରିଖରେ ପଞ୍ଜାବ କିଙ୍ଗ୍ସ ସହ ଆରସିବି କ୍ୱାଲିଫାୟର-୧ ଖେଳିବ। ୩୦ ତାରିଖରେ ମୁମ୍ବାଇ ଇଣ୍ଡିଆନ୍ସ ଓ ଗୁଜରାଟ ଟାଇଟନ୍ସ ମଧ୍ୟରେ ଏଲିମିନେଟର ଅନୁଷ୍ଠିତ ହେବ। ୨୦୧୧ ଓ ୨୦୧୬ ପରେ ଆର୍‌ସିବି ତୃତୀୟ ଥର ପାଇଁ ଟପ୍-୨ ଫିନିସ୍ କରିଛି।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ଆରସିବିର କାମଚଳା ଅଧିନାୟକ ଜୀତେଶ ଶର୍ମା। ଲକ୍ଷ୍ନୌ ସ୍କୋର ୨୫ ଥିବାବେଳେ ୩ୟ ଓଭରର ୪ର୍ଥ ବଲ୍‌ରେ ମାଥ୍ୟୁ ବ୍ରିଜ୍‌କେଙ୍କୁ ଆଉଟ କରିଥିଲେ ଥୁଶରା। ମାତ୍ର ଏଥିରୁ ଆରସିବି ବିଶେଷ ଫାଇଦା ଉଠାଇପାରି ନ ଥିଲା। ଓପନର ମିଚେଲ ମାର୍ଶଙ୍କ ସହ ଅଧିନାୟକ ରିଷଭ ପନ୍ତ ଯୋଗଦେଇ ଇନିଂସକୁ ଆଗେଇ ନେଇଥିଲେ। ପନ୍ତ ଏଠାରେ ମାତ୍ର ୫୪ ବଲ୍‌ରୁ ୧୦ ଚୌକା ଓ ୬ ଛକା ସହାୟତାରେ ଶତକ ପୂରଣ କରିଥିଲେ। ଆରସିବି ପକ୍ଷରୁ ନୁଆନ ଥୁଶରା, ଭୁବନେଶ୍ୱର କୁମାର ଓ ରୋମାରିଓ ଶେଫର୍ଡ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୨୦ ଓଭରରେ ୨୨୭/୩ (ରିଷଭ ପନ୍ତ-୧୧୮*, ମିଚେଲ ମାର୍ଶ-୬୭, ନୁଆନ ଥୁଶରା-୧/୨୬, ଭୁବନେଶ୍ୱର କୁମାର-୧/୪୬, ରୋମାରିଓ ଶେଫର୍ଡ-୧/୫୧)। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୧୮.୪ ଓଭରରେ ୨୩୦/୪ (ଜୀତେଶ ଶର୍ମା-୮୫*, ବିରାଟ କୋହଲି-୫୪, ମୟଙ୍କ ଅଗ୍ରୱାଲ-୪୧*, ଫିଲିପ ସଲ୍ଟ-୩୦, ୱିଲ୍ ଓ'ରୌର୍କ-୨/୭୪, ଆକାଶ ସିଂ-୧/୪୦, ଆଭେସ ଖାଁ-୧/୩୨)।



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଜୀତେଶ ଶର୍ମା।

### ଗୁଜରାଟ-ମୁମ୍ବାଇ ଏଲିମିନେଟର

### ପ୍ଲେ-ଅଫ୍ କାର୍ଯ୍ୟସୂଚୀ

ମେ ୨୯: କ୍ୱାଲିଫାୟର-୧
ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବନାମ ପଞ୍ଜାବ କିଙ୍ଗ୍ସ
ସ୍ଥାନ: ମୁଲାନପୁର, ଚଣ୍ଡିଗଡ଼
ମେ ୩୦: ଏଲିମିନେଟର
ଗୁଜରାଟ ଟାଇଟନ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ
ସ୍ଥାନ: ମୁଲାନପୁର, ଚଣ୍ଡିଗଡ଼
ଜୁନ୍-୧: କ୍ୱାଲିଫାୟର-୨
ସ୍ଥାନ: ଅହମଦାବାଦ
ଜୁନ ୩: ଫାଇନାଲ
ସ୍ଥାନ: ଅହମଦାବାଦ
(ସମସ୍ତ ମ୍ୟାଚ ସନ୍ଧ୍ୟା ୭ଟା ୩୦ରେ ଆରମ୍ଭ ହେବ)

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ପଞ୍ଜାବ କିଙ୍ଗ୍ସ | ୧୪ | ୯ | ୪ | ୧ | ୧୯ | +୦.୩୭୨ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୪ | ୯ | ୪ | ୧ | ୧୯ | +୦.୩୦୧ |
| ଗୁଜରାଟ ଟାଇଟନ୍ସ | ୧୪ | ୯ | ୫ | ୦ | ୧୮ | +୦.୨୫୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୪ | ୮ | ୬ | ୦ | ୧୬ | +୧.୧୪୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୪ | ୭ | ୬ | ୧ | ୧୫ | +୦.୦୧୧ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୪ | ୬ | ୭ | ୧ | ୧୩ | -୦.୨୪୧ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୪ | ୬ | ୮ | ୦ | ୧୨ | -୦.୩୭୬ |
| କୋଲକାତା ନାଇଟ ରାଇଡର୍ସ | ୧୪ | ୫ | ୭ | ୨ | ୧୨ | -୦.୩୦୫ |
| ରାଜସ୍ଥାନ ରୟାଲ୍ସ | ୧୪ | ୪ | ୧୦ | ୦ | ୮ | -୦.୫୪୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୪ | ୪ | ୧୦ | ୦ | ୮ | -୦.୬୪୭ |

# ବାଂଲାଦେଶ-ପାକିସ୍ତାନ ଟି୨୦ ସିରିଜ୍‌ରେ ଡିଆର୍‌ଏସ୍ ବ୍ୟବହାର ହେବନି

**ଲାହୋର,୨୮।୫(ପି.ଟି.)**

ବାଂଲାଦେଶ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌ରେ ଡିଆର୍‌ଏସ୍ ଟେକନୋଲୋଜୀ ବ୍ୟବହାର ହେବନି। ଏ ନେଇ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ନିଷ୍ପତ୍ତି ନେଇଛି। ଏହି ସିରିଜ୍‌ରେ ପ୍ରଶଂସକ ଓ ପ୍ରାୟୋଜକଙ୍କ ମଧ୍ୟରେ ଇଚ୍ଛାର ଅଭାବ ଥିବାରୁ ଡିଆର୍‌ଏସ୍ ଟେକନୋଲୋଜୀ ବ୍ୟବହାର ନ କରିବାକୁ ନିଷ୍ପତ୍ତି ନିଆଯାଇଛି। ସିରିଜ୍‌ରେ ଡିଆର୍‌ଏସ୍ ଟେକନୋଲୋଜୀର ବ୍ୟବହାର ବୋର୍ଡ କିମ୍ବା ପ୍ରସାରଣକାରୀ ସଂସ୍ଥା ଲାଗି ଲାଭଦାୟକ ହେବ ନାହିଁ ବୋଲି କୁହାଯାଇଛି।

# ରିଷଭ ପନ୍ତ ଦଣ୍ଡିତ

**ଲକ୍ଷ୍ନୌ,୨୮।୫(ପି.ଟି.)**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲ୍‌ଏସ୍‌ଜି) ଅଧିନାୟକ ରିଷଭ ପନ୍ତଙ୍କୁ ମଙ୍ଗଳବାର ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ବିପକ୍ଷ ମ୍ୟାଚ୍‌ରେ ଧୀମା ବୋଲିଂ ହାର ପାଇଁ ୩୦ ଲକ୍ଷ ଟଙ୍କାର ଅର୍ଥ ଦଣ୍ଡରେ ଦଣ୍ଡିତ କରାଯାଇଛି। ଇମ୍ପାକ୍ଟ ପ୍ଲେୟର ସମେତ ଅବଶିଷ୍ଟ ଦଳକୁ ୧୨ ଲକ୍ଷ ଲେଖାଏ ଟଙ୍କାର ପେନାଲ୍ଟି ଦିଆଯାଇଛି। ଚଳିତ ଆଇପିଏଲ୍‌ରେ ଲକ୍ଷ୍ନୌ ତୃତୀୟ ଥର ପାଇଁ ସର୍ବନିମ୍ନ ବୋଲିଂ ହାର ସମ୍ପର୍କିତ ନିୟମ ଉଲ୍ଲଂଘନ କରିଥିଲା। ଏଥିଯୋଗୁ ପନ୍ତଙ୍କୁ ୩୦ ଲକ୍ଷ ଏବଂ ବଳକା ଖେଳାଳିଙ୍କୁ ୧୨ ଲକ୍ଷ ଲେଖାଏ ଜରିମାନା କରାଯାଇଥିବା ଆଇପିଏଲ୍ ପକ୍ଷରୁ କୁହାଯାଇଛି।

# ଗୁକେଶଙ୍କୁ ହରାଇଲେ ଏରିଗାଇସି




ଅର୍ଜୁନ ଏରିଗାଇସି ଓ ଡି ଗୁକେଶଙ୍କ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

## ନରୱେ ଚେସ୍

**ଷ୍ଟାଭାଙ୍ଗର(ନରୱେ),୨୮।୫**

ଚଳିତ ନରୱେ ଚେସ୍ ଟୁର୍ନାମେଣ୍ଟର ଦ୍ୱିତୀୟ ରାଉଣ୍ଡରେ ବିଶ୍ୱ ଚାମ୍ପିୟନ ଡି ଗୁକେଶଙ୍କୁ ଭାରତର ଅନ୍ୟତମ ଜିଏମ୍ ଅର୍ଜୁନ ଏରିଗାଇସି ପରାସ୍ତ କରିଛନ୍ତି। ଗୁକେଶଙ୍କ ଲାଗି ଏହି ସମ୍ମାନଜନକ ଟୁର୍ନାମେଣ୍ଟରେ ଏହା ଲଗାତର ଦ୍ୱିତୀୟ ପରାଜୟ। ସେ ପ୍ରଥମ ରାଉଣ୍ଡରେ ୱାର୍ଲ୍ଡ ନଂ-୧ ମାଗ୍ନସ କାର୍ଲସେନଙ୍କଠାରୁ ପରାସ୍ତ ହୋଇଥିଲେ। ଦ୍ୱିତୀୟ ରାଉଣ୍ଡର ଅନ୍ୟ ଏକ ମ୍ୟାଚ୍‌ରେ ୫ ଥରର ବିଶ୍ୱ ଚାମ୍ପିୟନ କାର୍ଲସେନଙ୍କୁ ଆମେରିକାର ହିକାରୁ ନାକାମୁରା ହରାଇ ଦେଇଛନ୍ତି। କାର୍ଲସେନ ଓ ୱାର୍ଲ୍ଡ ନଂ-୨ ନାକାମୁରାଙ୍କ ମଧ୍ୟରେ ଖେଳାଯାଇଥିବା କ୍ଲାସିକାଲ ମ୍ୟାଚ୍ ଡ୍ର'ରେ ଶେଷ ହୋଇଥିଲା। ଫଳରେ ଦୁହିଁ ମଧ୍ୟରେ ଆର୍ମାଗେଡନ ଫର୍ମାଟରେ ମୁକାବିଲା ହୋଇଥିଲା। ଏଥିରେ ନାକାମୁରା ବାଜି ମାରିଥିଲେ। ଦ୍ୱିତୀୟ ରାଉଣ୍ଡ ଶେଷ ସୁଦ୍ଧା ଏରିଗାଇସି ଓ ନାକାମୁରା ୪.୫ ଲେଖାଏ ପଏଣ୍ଟ ସହ ମିଳିତ ଭାବେ ଶୀର୍ଷରେ ରହିଛନ୍ତି।

# ଟି. ଦିଲୀପ ଫିଲ୍ଡିଂ କୋଚ୍ ହେଲେ



ଟି. ଦିଲୀପ

## ଇଂଲଣ୍ଡ ଟୁର୍

**ନୂଆଦିଲ୍ଲୀ, ୨୮।୫ (ପି.ଟି.)**

ଉପଯୁକ୍ତ ପ୍ରାର୍ଥୀ ନ ମିଳିବାରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଇଂଲଣ୍ଡ ଟୁର୍ ପାଇଁ ଟି. ଦିଲୀପଙ୍କୁ ଭାରତୀୟ ଦଳର ଫିଲ୍ଡିଂ କୋଚ୍ ଭାବେ ପୁନଃ ନିଯୁକ୍ତି ଦେବାଲାଗି ନିଷ୍ପତ୍ତି ନେଇଛି। ଅଷ୍ଟ୍ରେଲିଆ ବିପକ୍ଷ ୨୦୨୪-୨୫ ବର୍ଡର ଗାଭାସ୍କର ଟ୍ରଫିରେ ଭାରତର ଖରାପ ପ୍ରଦର୍ଶନ ଯୋଗୁ ବିସିସିଆଇ ଗତମାସ ସହକାରୀ କୋଚ୍ ଅଭିଷେକ ନାୟାରଙ୍କ ସମେତ ଦିଲୀପଙ୍କୁ ବହିଷ୍କାର କରିବା ଲାଗି ସ୍ଥିର କରିଥିଲା। ଏହି ଘଟଣା ଉପରେ ନଜର ରଖିଥିବା ବୋର୍ଡର ଜଣେ କର୍ମକର୍ତ୍ତା କହିଛନ୍ତି ଯେ, ଦିଲୀପ ଜଣେ ଭଲ କୋଚ୍ ଥିଲେ। ସେ ଭାରତୀୟ ଖେଳାଳିମାନଙ୍କ ସହିତ ଖୁବ୍ ପରିଚିତ। ସେ ୨୦୨୧ରୁ ୩ ବର୍ଷ ଧରି ସେମାନଙ୍କ ସହ କାର୍ଯ୍ୟ କରି ଆସିଛନ୍ତି। ତେଣୁ ଇଂଲଣ୍ଡ ବିପକ୍ଷ ଏକ ବଡ଼ ସିରିଜ ଖେଳାଯିବାକୁଥିବାରୁ ତାଙ୍କୁ ବାଦ୍ ଦେବା ଉଚିତ ହେବ ନାହିଁ। ବିସିସିଆଇ ଜଣେ ବିଦେଶୀଙ୍କୁ ଫିଲ୍ଡିଂ କୋଚ୍ କରିବାକୁ ଚାହୁଁଥିଲା। ମାତ୍ର ଯଥା ସମୟରେ ତାହା ସମ୍ଭବ ହୋଇ ପାରିଲା ନାହିଁ। ଦିଲୀପ ପୂର୍ବରୁ ଖେଳାଳିମାନଙ୍କ ମନ ଜିତିଲା ଭଳି କେତେକ ପଦକ୍ଷେପ ନେଇଥିଲେ। ପ୍ରତ୍ୟେକ ମ୍ୟାଚର ଶ୍ରେଷ୍ଠ ଫିଲ୍ଡରଙ୍କୁ ଜଣେ କିମ୍ବଦନ୍ତୀଙ୍କ ଦ୍ୱାରା ଏକ ପଦକ ଦେବାର ବ୍ୟବସ୍ଥା କରିଥିଲେ।

# ୱାର୍ମଅପ୍ ଖେଳି ନ ପାରନ୍ତି ଗିଲ୍, ସୁଦର୍ଶନ

ନବନିଯୁକ୍ତ ଟେଷ୍ଟ ଅଧିନାୟକ ଶୁବମନ ଗିଲ୍ ଏବଂ ରିଜର୍ଭ ବ୍ୟାଟର ବି. ସାଇ ସୁଦର୍ଶନ ଜୁନ୍ ୬ରୁ ଖେଳାଯିବାକୁଥିବା ଇଂଲଣ୍ଡ ବିପକ୍ଷ ଭାରତ 'ଏ'ର ଦ୍ୱିତୀୟ ୪ ଦିନିଆ ମ୍ୟାଚ ଖେଳି ନ ପାରନ୍ତି। କାରଣ ଉଭୟ ଖେଳାଳି ଆଇପିଏଲ୍‌ରେ ଗୁଜରାଟ ଟାଇଟନ୍ସ ତରଫରୁ ଖେଳିଥାନ୍ତି। ସେମାନଙ୍କ ଦଳ ଯଦି ଜୁନ୍ ୩ରେ ଅହମଦାବାଦରେ ଖେଳାଯିବାକୁଥିବା ଫାଇନାଲକୁ କ୍ୱାଲିଫାଏ କରେ ତେବେ ମ୍ୟାଚ ପୂର୍ବରୁ ସେମାନେ ଭାରତ 'ଏ' ଦଳ ସହ ଯୋଗଦେବା ସହଜ ହେବନାହିଁ। ଇଂଲଣ୍ଡରେ ରେଡ୍‌ବଲ ଫର୍ମାଟରେ ସେମାନଙ୍କୁ ଶୀଘ୍ର ଖାପ ଖୁଆଇବାକୁ ପଡ଼ିବ।




ବି. ସାଇ ସୁଦର୍ଶନ ଓ ଶୁବମନ ଗିଲ୍।

# ଭାରତର ବିଜୟ ଧାରା ଜାରି

## ଚତୁଃ ରାଷ୍ଟ୍ରୀୟ ସିରିଜ

**ରୋସାରିଓ,୨୮।୫(ପି.ଟି.)**

ଚତୁଃ ରାଷ୍ଟ୍ରୀୟ ଜୁନିୟର ମହିଳା ହକି ଟୁର୍ନାମେଣ୍ଟରେ ଭାରତର ବିଜୟ ଧାରା ଜାରି ରହିଛି। ଗୋଲକିପର ତଥା ଅଧିନାୟିକା ନିଧିଙ୍କ ଜବରଦସ୍ତ ପ୍ରଦର୍ଶନ ବଳରେ ଭାରତ ଆୟୋଜକ ଆର୍ଜେଣ୍ଟିନାକୁ ପେନାଲ୍ଟି ଶୁଟ୍ ଆଉଟ୍‌ରେ ୨-୦ ବ୍ୟବଧାନରେ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟ ସୁଦ୍ଧା ମ୍ୟାଚ୍ ୧-୧ ଗୋଲରେ ବରାବର ରହିଥିଲା।

ମ୍ୟାଚ୍ ଆରମ୍ଭରୁ ଆଟାକିଂ ରଣନୀତି ଆପଣେଇଥିବା ଆର୍ଜେଣ୍ଟିନା ମିଲାଗ୍ରସ ଡେ ଭାଲେ (ଦଶମ ମିନିଟ୍)ଙ୍କ ଗୋଲ ବଳରେ ପ୍ରଥମ କ୍ୱାର୍ଟରରେ ୧-୦ ଗୋଲରେ ଆଗରେ ରହିଥିଲା। ପ୍ରଥମାର୍ଦ୍ଧ ସୁଦ୍ଧା ଏହି ସ୍କୋର ଲାଇନ ଜାରି ରହିଥିଲା। ତୃତୀୟ କ୍ୱାର୍ଟରରେ ଭାରତ ପାଇଁ ୪୪ତମ ମିନିଟରେ କନିକା ଗୋଲ କରିଥିଲେ। ଚତୁର୍ଥ କ୍ୱାର୍ଟରରେ ଉଭୟ ଦଳ ପକ୍ଷରୁ ଗୋଲ ସ୍କୋର କରିବା ଲାଗି ଭରପୂର ଉଦ୍ୟମ ହୋଇଥିଲା। ଏପରିକି ମ୍ୟାଚ୍ ଶେଷ ଆଡ଼କୁ ଅଧିନାୟିକା ନିଧି ଲଗାତର ୪ଟି ସେଭ କରି ମ୍ୟାଚ୍‌କୁ ଡ୍ର' କରିଥିଲେ। ଫଳରେ ମ୍ୟାଚ୍ ଶୁଟ୍‌ଆଉଟ୍ ପର୍ଯ୍ୟାୟରେ ପ୍ରବେଶ କରିଥିଲା। ଏଥିରେ ଭାରତ ପାଇଁ ଲାଲରିନପୁଇ ଓ ଲାଲଥାଣ୍ଟଲୁଆଙ୍ଗି ସ୍କୋର କରିଥିଲେ।



ଆର୍ଜେଣ୍ଟିନା ଓ ଭାରତ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

ଏହା ଭାରତୀୟ ଦଳ ପାଇଁ ଟୁର୍ନାମେଣ୍ଟରେ ଲଗାତର ତୃତୀୟ ବିଜୟ। ଭାରତୀୟ ଦଳ ଆସନ୍ତା ଶୁକ୍ରବାର ଖେଳାଯିବାକୁ ଥିବା ମ୍ୟାଚ୍‌ରେ ଚିଲିକୁ ଭେଟିବ।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ